RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-189 •SUNDAY •4 JANUARY 2026 •PAGE-12 •₹ 7.00 | JEYPORE | •ବର୍ଷ-୪୩ •ସଂଖ୍ୟା-୧୮୯ •ରବିବାର •୪ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦ (ସିନ୍ଦୂରା ସହ)





◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


ପ୍ରତିଘର ପାଠାଗାର

## ସମକାଳୀନ ଓଡ଼ିଆ କାହାଣୀ ଜଗତର ସବୁଠୁ ଚର୍ଚ୍ଚିତ ୩୦ ଗଳ୍ପ ପୁସ୍ତକ, ଅଧାମୂଲ୍ୟରେ*

ଆଧୁନିକ ଓଡ଼ିଆ କ୍ଲାସିକ୍ | ମନ ଚହଲେଇଦେବା ଭଳି କାହାଣୀ | ୩୦ଟି ପୁସ୍ତକରେ ୫୦୦ରୁ ଅଧିକ ଗଳ୍ପ | ସୁଯୋଗ ସୀମିତ ସମୟ ପାଇଁ

20 ପେନ୍ ଇନ୍ ବୁକ୍ସ PEN IN BOOKS twenty years of excellence






ଲେଖକ ଅଜୟ ସ୍ୱାଇଁ ମୂଲ୍ୟ ୧୯୯ ଟଙ୍କା | ଲେଖକ ଗୌରହରି ଦାସ ମୂଲ୍ୟ ୨୯୯ ଟଙ୍କା | ଲେଖକ ଅରୁଣ କୁମାର ସାହୁ ମୂଲ୍ୟ ୨୩୯ ଟଙ୍କା | ଲେଖକ ସୁରେଶ ଛୋଟରାୟ ମୂଲ୍ୟ ୨୪୯ ଟଙ୍କା | ଲେଖକ କ୍ଷୀରୋଦ ଦାସ ମୂଲ୍ୟ ୨୧୯ ଟଙ୍କା | ଲେଖକ ଜୀବନ କୃଷ୍ଣ ମହାପାତ୍ର ମୂଲ୍ୟ ୪୪୯ ଟଙ୍କା | ଲେଖକ ଘନବିହାରୀ ମହାରଣା ମୂଲ୍ୟ ୨୯୯ ଟଙ୍କା | ଲେଖକ ଶୁଭ୍ରାଂଶୁ ପଣ୍ଡା ମୂଲ୍ୟ ୨୪୯ ଟଙ୍କା | ଲେଖକ ମୋନାଲିସା ମିଶ୍ର ମୂଲ୍ୟ ୩୯୯ ଟଙ୍କା | ଲେଖକ ଘନଶ୍ୟାମ ପାଣିଗ୍ରାହୀ ମୂଲ୍ୟ ୨୪୯ ଟଙ୍କା






ଲେଖକ ସୁବ୍ରତ କୁମାର ସେନାପତି ମୂଲ୍ୟ ୨୧୯ ଟଙ୍କା | ଲେଖକ ବିଭୁ ହୋତା ମୂଲ୍ୟ ୨୪୯ ଟଙ୍କା | ଲେଖକ ମିୟୋଗ ପାତ୍ର ମୂଲ୍ୟ ୧୯୯ ଟଙ୍କା | ଲେଖକ ତୃପ୍ତି ରଞ୍ଜନ ଦାସ ମୂଲ୍ୟ ୧୯୯ ଟଙ୍କା | ଲେଖକ ସ୍ୱାଗତ କୁମାର ପଣ୍ଡା ମୂଲ୍ୟ ୨୧୯ ଟଙ୍କା | ଲେଖକ ଅଶୋକ କୁମାର ମିଶ୍ର ମୂଲ୍ୟ ୨୯୯ ଟଙ୍କା | ଲେଖକ ଶୈଳେନ୍ଦ୍ର ଜେନା ମୂଲ୍ୟ ୧୯୯ ଟଙ୍କା | ଲେଖକ ହିପ୍ପୁ ସଲ୍କ କ୍ରିଷ୍ଟିଲ୍ ନାଥନ ମୂଲ୍ୟ ୨୪୯ ଟଙ୍କା | ଲେଖକ ରଞ୍ଜନ ପ୍ରଧାନ ମୂଲ୍ୟ ୨୧୯ ଟଙ୍କା | ଲେଖକ ହାଡ଼ିବନ୍ଧୁ ମହାଖୁଡ଼ ମୂଲ୍ୟ ୧୯୯ ଟଙ୍କା






ଲେଖକ ଛନ୍ଦା ମିଶ୍ର ମୂଲ୍ୟ ୨୨୯ ଟଙ୍କା | ଲେଖକ ଶକ୍ତି ମହାନ୍ତି ମୂଲ୍ୟ ୨୪୯ ଟଙ୍କା | ଲେଖକ ମନୋରଞ୍ଜନ ବେହୁରା ମୂଲ୍ୟ ୩୨୯ ଟଙ୍କା | ଲେଖକ ପ୍ରିୟଦର୍ଶିନୀ ପଣ୍ଡା ମୂଲ୍ୟ ୨୩୯ ଟଙ୍କା | ଲେଖକ ଲକ୍ଷ୍ମଣ କୁମାର ମୂଲ୍ୟ ୧୯୯ ଟଙ୍କା | ଅନୁବାଦ ବଙ୍ଗାଳୀ ନନ୍ଦ ମୂଲ୍ୟ ୨୪୯ ଟଙ୍କା | ଲେଖକ ସୁଷମା ଚୌଧୁରୀ ମୂଲ୍ୟ ୨୯୯ ଟଙ୍କା | ଲେଖକ ସୋମନାଥ ବିଷୋୟୀ ମୂଲ୍ୟ ୧୯୯ ଟଙ୍କା | ଲେଖକ ଶଶାଙ୍କ ପ୍ରିୟସଖା ମୂଲ୍ୟ ୨୩୯ ଟଙ୍କା | ଲେଖକ ଅରୁଣ କୁମାର ଦାଶ ମୂଲ୍ୟ ୨୪୯ ଟଙ୍କା

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ହ୍ୟାସଟ୍ୟାଗ୍ ଦେଇ ଯୋଡ଼ନ୍ତୁ। ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ପ୍ରୋତ୍ସାହିତ କରିବ।**
#ପ୍ରତିଘରପାଠାଗାର #ପେନ୍ଇନ୍ବୁକ୍ସ
#PratiGharaPathagara #peninbooks

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ : ଓଡ଼ିଆ ମିଡ଼ିଆ ପ୍ରାଇଭେଟ ଲିମିଟେଡ, ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

ଡାକ ଖର୍ଚ୍ଚ ସହ
୩୦ଟି ଗଳ୍ପ ପୁସ୍ତକ
### ୩୯୯୯ ଟଙ୍କା
ଆଜି ହିଁ ୟୁପିଆଇରେ ପଇଠ କରନ୍ତୁ
ନିଜ ଦୁଆର ମୁହଁରେ ପୁସ୍ତକ ପାଆନ୍ତୁ

ପୁସ୍ତକ ପାଇବା ପଦ୍ଧତି

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖ କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୩,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟସଆପ୍‌ରେ ପଠାଇବେ। ସ୍ପିଡ୍‌ପୋଷ୍ଟ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।
- ଯୋଜନାଟି ୧୭ ଜାନୁଆରୀ ୨୦୨୬, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୩,୯୯୯/- ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

ଜିତନ୍ତୁ ଏକ ଲକ୍ଷ ଟଙ୍କାର ମାଗଣା ପୁସ୍ତକ
ପଢ଼ିବା ପରେ ଆମାଜନ୍‌ରେ ଅତି କମରେ ୧୦ଟି ପୁସ୍ତକର ସମୀକ୍ଷା ଲେଖନ୍ତୁ। ସମୀକ୍ଷାର ସ୍କ୍ରୀନସଟ୍ ଆମକୁ ପଠାନ୍ତୁ। ୧୦ ଜଣ ପାଠକଙ୍କୁ ମିଳିବ ଏକ ଲକ୍ଷ ଟଙ୍କାର ପୁସ୍ତକ ଉପହାର। ଡାକ ଠିକଣାରେ ପୁସ୍ତକ ପହଞ୍ଚାଇଦିଆଯିବ।

78469 81182

Odia Media Private Limited
odiamedia@icici

ପଇଠର ଦୁଇ ସପ୍ତାହ ମଧ୍ୟରେ ପୁସ୍ତକ ନ ପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୧ଟାରୁ ସନ୍ଧ୍ୟା ୫ଟା ଯାଏଁ ଖୋଲା ରହେ। ଡାକରେ ଯିବା ସମୟରେ ପୁସ୍ତକ ନଷ୍ଟ ହେଲେ ପ୍ରକାଶନ ସଂସ୍ଥା ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। *୭,୫୮୦ ଟଙ୍କାର ପୁସ୍ତକ ସହ ଡାକଖର୍ଚ୍ଚ ଓ ପ୍ୟାକେଜିଂର ଆନୁମାନିକ ମୂଲ୍ୟ ୮,୦୦୦ ଟଙ୍କାରୁ ଅଧିକ।

## ବିଚାର ବିବାଦ ବିଧାନ

ରାଜୁତି, ରାଜନୀତି ଓ ରାଷ୍ଟ୍ରଗଠନ ସମ୍ବନ୍ଧରେ ୭ଟି ସ୍ୱତନ୍ତ୍ର ଗ୍ରନ୍ଥ ଏକତ୍ର
୩,୧୯୩ ଟଙ୍କାର ପୁସ୍ତକ ମାତ୍ର ୧,୯୯୯ ଟଙ୍କାରେ






ରାଷ୍ଟ୍ର ଓ ସମାଜ ଗଠନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୈଚାରିକ ଅବଦାନ ମୂଲ୍ୟ ୫୯୯/-

୧୯୯୧ରୁ ୨୦୨୦ ପର୍ଯ୍ୟନ୍ତ ଓଡ଼ିଶାର ରାଜନୈତିକ ବିଶ୍ଳେଷଣ ମୂଲ୍ୟ ୫୯୯/-

୨୦୨୪ ଓଡ଼ିଶା ନିର୍ବାଚନର ରାଜନୀତି, ସମୀକରଣ, ଭିତିରି କଥା ଓ ଫଳାଫଳ ମୂଲ୍ୟ ୩୯୯/-

ପରାଜୟରୁ ବିଜୟ ଆଡ଼କୁ ବିଜେପିର ଯାତ୍ରାରେ ନରେନ୍ଦ୍ର ମୋଦୀଙ୍କ ଭୂମିକା ମୂଲ୍ୟ ୩୯୯/-

୨୫ ବର୍ଷର ରାଜନୀତିରେ ନବୀନ ପଟ୍ଟନାୟକଙ୍କ ସଫଳତା ଓ ଉପଲବ୍ଧି ମୂଲ୍ୟ ୪୯୯/-

ଅରବିନ୍ଦ କେଜରିୱାଲଙ୍କ କଳ୍ପିତ ନୂଆ ଭାରତ ଓ ରାଜନୈତିକ ସଂକଳ୍ପ ମୂଲ୍ୟ ୨୯୯/-

ରାଜନୀତିରେ ସଫଳ ହେବ କି ରାହୁଲଙ୍କ ନୂଆ ପ୍ରୟୋଗ? ଏକ ଅନୁଶୀଳନ ମୂଲ୍ୟ ୩୯୯/-

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ ପୁସ୍ତକଟି କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ରାଜନୀତି ବିଷୟରେ ଆଲୋଚନା କରିବା, ନେତାଙ୍କୁ ଗାଳିଦେବା ଅଥବା ଆଖିବୁଜି ସମର୍ଥନ କରିବା, ସାମାଜିକ ଗଣମାଧ୍ୟମ ଓ ଖଟିରେ ମତ ଦେବା, ଅଥଚ ରାଜନୀତି ଓ ଶାସନତନ୍ତ୍ରର ଭିତିରି କଥା ଜାଣିବା ନାହିଁ କି ପଢ଼ିବା ନାହିଁ - ଏ କେମିତିକା କଥା?
ରାଜନୀତି ଓ ରାଷ୍ଟ୍ରନୀତିରେ ଆଗ୍ରହ ରଖୁଥିବା ବ୍ୟକ୍ତିଙ୍କ ପାଇଁ ଏହି ୭ଟି ପୁସ୍ତକ ପଢ଼ିବା ଓ ସାଇତିବା ଜରୁରୀ।

ପୁସ୍ତକ ପାଇବା ପଦ୍ଧତି

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୧,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟସଆପ୍‌ରେ ପଠାଇବେ।
- ସ୍ପିଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।*
- ଯୋଜନାଟି ୧୭ ଜାନୁଆରୀ ୨୦୨୬, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୧,୯୯୯ ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

UPI ID - odiamedia@icici

77354 81182

OMPL/2601/SKL03

### ବିଂଶତମ ମହୋଦଧି ଆଳତି

# ବେଦଧ୍ୱନିରେ ଉଚ୍ଛୁଳିଲା ମହୋଦଧି ତଟ



ପୁରୀ,୩୧୧୨(ସମିସ): ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ଗୁରୁବାର ସନ୍ଧ୍ୟାରେ ବିଂଶତମ ମହୋଦଧି ଆଳତି ଅନୁଷ୍ଠିତ ହୋଇଯାଇଛି। ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତୀର୍ଥରାଜ ମହୋଦଧିଙ୍କୁ ନୈବେଦ୍ୟ ଅର୍ପଣ ସହ ଆଳତି କରିଥିଲେ। ହଜାର ହଜାର ଭକ୍ତଙ୍କ ସମାବେଶ ସାଙ୍ଗକୁ ଘଣ୍ଟଘଣ୍ଟାର ନାଦ ଓ ବେଦ ଧ୍ୱନିରେ ଉଚ୍ଛୁଳି ପଡ଼ିଥିଲା ମହୋଦଧି ତଟ। ଏହି ଆଳତିର ଅପୂର୍ବ ଦୃଶ୍ୟକୁ ସତେଯେମିତି ଉପଭୋଗ କରିବା ପାଇଁ ସମୁଦ୍ରର ଲହଡ଼ିଗୁଡ଼ିକ ବେଳାଭୂମିରେ ମଥାନତ କରିଥିଲେ। ଏହି ଦିବ୍ୟ ଆଳତି ପୂର୍ବରୁ ସମବେତ ଜନତାଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ।

ସେ କହିଥିଲେ, ବିଶାଳ ଭୂଖଣ୍ଡ ଭାରତକୁ କେହି କେବେ ଦିଶାହୀନ କରିପାରିବେ ନାହିଁ। ଯେବେ ବି ସେମିତି ସ୍ଥିତି ଆସିଛି, ଭଗବାନଙ୍କ ପ୍ରେରଣାରେ ସିଦ୍ଧ ସନ୍ଥ ମନିଷୀମାନେ ଅବତାର ନେଇଛନ୍ତି। ଭଗବତ କୃପାରୁ ଆମକୁ ମଣିଷ ଜନ୍ମ ମିଳିଛି। ଶୁଦ୍ଧ ସାତ୍ତ୍ୱିକ ଗୁଣ ସମ୍ପନ୍ନ ବ୍ୟକ୍ତି ସମସ୍ତଙ୍କ ହିତ ଆଚରଣ କରିଥା'ନ୍ତି। ଶ୍ରୀମଦ୍ ଭାଗବତରେ ମୁକ୍ତି ପରିଭାଷିତ ହୋଇଛି। ମୁକ୍ତି ଏକ ଉତ୍ପାଦ ନୁହେଁ, ଏହା ନିତ୍ୟ ସିଦ୍ଧ ସ୍ୱରୂପ। ସେବା, ସଦ୍‌ଭାବ ଓ ସଂଘର ବଳକୁ ଆପଣାଇ ନିଜ ଜୀବନରେ ଦିବ୍ୟତାର ଆବାହନ କର ବୋଲି ଗୁରୁଜୀ କହିଛନ୍ତି। ଏହି ଅବସରରେ ଜଗତ୍‌ଗୁରୁ ମହୋଦଧି ତଟ ସୁରା ଓ ସୁନ୍ଦରୀଙ୍କ କେନ୍ଦ୍ର ନ ହେଉ। ଏପରିକି, ବେଳାଭୂମିରେ ଧର୍ମକୁ ବିରୁଦ୍ଧ କଳା ଭଳି କାମ ନ ହେଉ ବୋଲି ଆହ୍ୱାନ ଦେଇଛନ୍ତି।

ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଲେ, ଶ୍ରୀପୁରୁଷୋତ୍ତମ କ୍ଷେତ୍ର ହେଉଛି ମହାପ୍ରଭୁଙ୍କ ନିଜ ସ୍ୱରୂପ। ତେଣୁ ଏହି କ୍ଷେତ୍ରକୁ ଯେପରି ଆମିଷ ଓ ଅନୀତିମୁକ୍ତ ରଖିବା, ତାହା ପାଳନ କରିବାକୁ ହେବ। ପିଲାଦିନେ ଆମେ ଯେଉଁ ଶିକ୍ଷା ଗ୍ରହଣ କରୁ, ତାହାଦ୍ୱାରା ଆମ ବ୍ୟକ୍ତିତ୍ୱ ଓ ଚରିତ୍ର ନିର୍ମାଣ ହୋଇଥାଏ। ମାତ୍ର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ରାମାୟଣ, ଭାଗବତ, ହାଭାରତ, ବେଦର ସ୍ଥାନ ନାହିଁ। ଏବେ ଯଦି ବେଦଶାସ୍ତ୍ରକୁ ପାଠ୍ୟ ଅନ୍ତର୍ଭୁକ୍ତ କରାଯାଏ ତେବେ ଉତ୍ତମ ଚରିତ୍ର, ଆଦର୍ଶ ବ୍ୟକ୍ତିତ୍ୱ ଓ ଉତ୍ତମ ରାଷ୍ଟ୍ର ନିର୍ମାଣ ହୋଇପାରିବ।

ଅନ୍ୟମାନଙ୍କ ମଧ୍ୟରେ ବିଜେପି ସଭାପତି ମନମୋହନ ସାମଲ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଡ. ସମ୍ବିତ ପାତ୍ର, ଅମର ଶତପଥୀ, ମହନ୍ତ ଅସୀମାନନ୍ଦ ଦାସ, ଜଗଦୀଶ ପ୍ରସାଦ ଖାଡେଙ୍ଗା, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହେଶ କୁମାର ସାହୁ, ବରିଷ୍ଠ ସେବାୟତ ଜନାର୍ଦ୍ଦନ ପାଟଯୋଶୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମାତୃପ୍ରସାଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ମଠ ମହନ୍ତ, ବିଦ୍ୱାନ, ଜ୍ଞାନୀଗୁଣି, ନେତାମନ୍ତ୍ରୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

### ଜନ୍ମ ଶତବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

# ଜାନକୀବଲ୍ଲଭ ଅନେକଙ୍କ ପାଇଁ ପ୍ରେରଣାଦାୟୀ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୩୧୧୨(ସମିସ): ରାଜ୍ୟ ରାଜନୀତିରେ ଜାନକୀବଲ୍ଲଭ ଅନେକଙ୍କ ପାଇଁ ପ୍ରେରଣାଦାୟୀ ଗୁରୁ। କୌଣସି ସମସ୍ୟାରେ ବିଚଳିତ ନହୋଇ କର୍ମମୟ ଜୀବନରେ ଆଗକୁ ବଢ଼ି ଚାଲିବା, ଜାନକୀ ବଲ୍ଲଭଙ୍କ ଜୀବନୀରୁ ସମସ୍ତେ ଶିକ୍ଷାଲାଭ କରିବା ଉଚିତ। ନିରନ୍ତର କର୍ମ ଓ ଧୈର୍ଯ୍ୟ ହେଉଛି ସଫଳତାର ଅନ୍ୟ ନାମ। ଶନିବାର ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ଯୁବବର୍ଗଙ୍କୁ ଉଦ୍ୟୋଗୀ କରିବା ପାଇଁ ୧୯୮୦ ମସିହାରେ ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକ ରାଜ୍ୟରେ ପ୍ରଥମଥର ପାଇଁ ବ୍ୟାପକ ଶିଳ୍ପାୟନର ଉଦ୍ୟମ କରିଥିଲେ। ସେତେବେଳେ ହଜାର ଦିନରେ ହଜାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସେ ଯେଉଁ ଆହ୍ୱାନ ଦେଇଥିଲେ, ତାହା ସେ ସମୟରେ ଯୁବବର୍ଗଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରିଥିଲା। ଆମ ସରକାର ଜନକୀ ବାବୁଙ୍କ ସ୍ୱପ୍ନକୁ ପୂରଣ କରିବାକୁ ଯାଉଛି। ପୁଣିଥରେ ରାଜ୍ୟରେ ଶିଳ୍ପ ବିପ୍ଳବ ପୁନର୍ଜୀବୀତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବହୁବିଧ କାର୍ଯ୍ୟ କରି ସେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଯୋଗଦାନ କରିଛନ୍ତି। ତାଙ୍କ ପରି ଧୈର୍ଯ୍ୟ, ଯଥାର୍ଥ ସାଙ୍ଗଠନିକ ଦକ୍ଷତା, ନିଷ୍ଠା, ଜନସେବକ ଭୂମିକାକୁ ଅବ୍ୟାହତ ରଖିପାରିଲେ ଜଣେ ନେତୃତ୍ୱକୁ ଦୀର୍ଘଜୀବୀ କରିପାରିବା ବୋଲି ଜାନକୀବଲ୍ଲଭ ପ୍ରମାଣ କରିଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ବରିଷ୍ଠ କଂଗ୍ରେସ ନେତା ତଥା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶତବାର୍ଷିକୀ କମିଟିର ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଜାନକୀବାବୁ ଓଡ଼ିଆ ଅସ୍ମିତାର ପଥ ପ୍ରଦର୍ଶକ ଥିଲେ। ଜାନକୀ ବାବୁ ପ୍ରଥମ ମୁଖ୍ୟମନ୍ତ୍ରୀ ଯିଏ ଓଡ଼ିଶାରେ ସ୍ଥିର ଶାସନ ଦେଇପାରିଥିଲେ। ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରପ୍ପା ମୋଇଲି, ସାଂସଦ ରଣଦୀପ ସୂର୍ଜେୱାଲା, ସପ୍ତଗିରି ଉଲ୍ଲାକା, ଏଆଇସିସି ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ କଂଗ୍ରେସ ବିଧାୟକ ଦଳନେତା ନରସିଂହ ମିଶ୍ର, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ହରେକୃଷ୍ଣ ଶତପଥୀ ପ୍ରମୁଖ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ।

# ଜାନକୀ ବାବୁଙ୍କ ଜୀବନ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ତ୍ରିବେଣୀ ସଙ୍ଗମ: ନବୀନ



ଭୁବନେଶ୍ୱର, ୩।୧୨ (ଓମିସ): ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ ବିଶିଷ୍ଟ ଜନନେତା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଛନ୍ତି।

ନବୀନ କହିଛନ୍ତି, "ଜାନକୀବାବୁଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ତାଙ୍କର ଅମର ଆତ୍ମା ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି। ସେ ୬୦ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାର ଜନଜୀବନ ସହ ଜଡ଼ିତ ଥିଲେ। ଜଣେ ଛାତ୍ର ନେତା, ସାମ୍ବାଦିକ, ଲେଖକ ଓ ରାଜନୀତିଜ୍ଞ ଭାବେ ଓଡ଼ିଶା ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖି ଯାଇଛନ୍ତି। ତାଙ୍କର ଜୀବନ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ତ୍ରିବେଣୀ ସଙ୍ଗମ ଥିଲା। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା। ସଂସ୍କୃତ ଭାଷା ଓ ସାହିତ୍ୟରେ ତାଙ୍କର ବିଶେଷ ଦକ୍ଷତା ଥିଲା। ଦୀର୍ଘ ୧୪ ବର୍ଷ ଜାନକୀ ବାବୁ ମୁଖ୍ୟମନ୍ତ୍ରୀ ଭାବରେ ଓଡ଼ିଶାର ସେବା କରିଛନ୍ତି। କୃଷି, ଜଳସେଚନ, ଭିତ୍ତିଭୂମି, ଶିକ୍ଷା ଓ ଆଇଟି କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ଥିଲା। ମୁଁ ମୁଖ୍ୟମନ୍ତ୍ରୀ ଥିଲା ବେଳେ ଜାନକୀ ବାବୁ ୨୦୦୪ରୁ ୨୦୦୯ ଯାଏଁ ବିଧାନସଭାରେ ବିରୋଧୀ ଦଳ ନେତା ଥିଲେ। ବିରୋଧୀ ଦଳ ନେତା ଭାବରେ ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ଗଭୀର ବିଶ୍ଳେଷଣ ଏବଂ ସୁଚିନ୍ତିତ ମତାମତ ଉପସ୍ଥାପନ ରାଜ୍ୟର ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ ଦୃଶ୍ୟପଟ୍ଟ ପ୍ରତି ତାଙ୍କର ଗଭୀର ଜ୍ଞାନକୁ ପ୍ରତିଫଳିତ କରୁଥିଲା। ସାଂଗଠନିକ ଦକ୍ଷତା ଓ ଧୈର୍ଯ୍ୟ ତାଙ୍କର ବଡ଼ ଶକ୍ତି ଥିଲା। ମୁଁ ପୁଣିଥରେ ଜାନକୀ ବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧା ନିବେଦନ ସହ ଶତବାର୍ଷିକୀ କମିଟିର ଉଦ୍ୟମ ପାଇଁ ସାଧୁବାଦ ଜଣାଉଛି।"

### ଓସିଏସ୍ ପରୀକ୍ଷାରେ ଓଏଏସ୍, ଓଏଫ୍‌ଏସ୍, ଓଆରଏସ ପଦ ନ ରହିବା ପ୍ରସଙ୍ଗ

# ସରକାରଙ୍କ ଅପାରଗପଣିଆ ଶିଖର ଛୁଇଁଲାଣି: ବିଜେଡି

ଭୁବନେଶ୍ୱର, ୩।୧୨(ସମିସ): ଓସିଏସ୍ ପରୀକ୍ଷା ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ଓଏଏସ୍, ଓଏଫ୍‌ଏସ୍ ଏବଂ ଓଆର୍‌ଏସ୍ ପଦ ନ ରହିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ଶନିବାର ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍‌ସିତା ସାହୁ କହିଛନ୍ତି, ରାଜ୍ୟରେ ଏକ ଅପାରଗ ସରକାର ଚାଲିଛି। ତେଣୁ, ବାରମ୍ବାର ଏହିଭଳି ତ୍ରୁଟି ବିଚ୍ୟୁତି ନିୟମିତ ଭାବେ ଦେଖିବାକୁ ମିଳୁଛି।

ନବୀନ ସରକାରଙ୍କ ୨୪ ବର୍ଷର ଶାସନରେ ପ୍ରତିବର୍ଷ ଓଏଏସ୍, ଓଏଫ୍‌ଏସ୍ ଏବଂ ଓଆର୍‌ଏସ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଉଥିଲା। ପ୍ରଥମଥର ପାଇଁ ଏହି ପଦ ବିନା ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଅପାରଗପଣିଆ ଶିଖର ଛୁଇଁଲାଣି। ଗତ ୧୮ ମାସର ବିଜେପି ଶାସନରେ ୨୦ଟି ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଲାଣି। ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଜାତୀୟ ସ୍ତରରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଚାକିରି ଆଶାୟୀମାନେ ହତାଶ ହୋଇପଡ଼ିଛନ୍ତି। ରାଜ୍ୟ ସରକାର ପରିସ୍ଥିତିରେ ସୁଧାର ଆଣିବା ପରିବର୍ତ୍ତେ ନିଜ ପିଠି ଥାପୁଡ଼ଉଛନ୍ତି। ସରକାର ରାଜ୍ୟର ମେଧାବୀ ଯୁବକମାନଙ୍କ ଭବିଷ୍ୟତ



ସହ ନ ଖେଳିବାକୁ ଚିନ୍ମୟ ଚେତାବନୀ ଦେଇଛନ୍ତି। ଓଏଏସ୍, ଓଏଫ୍‌ଏସ୍ ଏବଂ ଓଆରଏସ୍ ପଦ ବାହାର ନ କରିବା ରାଜ୍ୟ ସରକାରଙ୍କ ବିଫଳତାକୁ ପଦାରେ ପକାଉଛି। ସାଧାରଣ ପ୍ରଶାସନ ବିଭାଗର ଏହି ବେପରୁଆ ମନୋଭାବ ପାଇଁ ଏବଂ ମୁଖ୍ୟମନ୍ତ୍ରୀ ଏହି ବିଭାଗର ଦାୟିତ୍ୱରେ ଥିବାରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି।

ସେହିପରି ଇପ୍‌ସିତା କହିଛନ୍ତି, ତରବରିଆ ଭାବେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଏକ ପ୍ରେସ୍ ବିବୃତ୍ତି ଜାରି କରାଯାଇ ନିଯୁକ୍ତି ପ୍ରକ୍ରିୟାରେ ଏହି ପଦଗୁଡ଼ିକୁ ସାମିଲ କରିବା ପାଇଁ ଅନୁରୋଧ କରାଯାଇଛି ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ କ'ଣ ଏତେ ଅସହାୟ ଯେ ତାଙ୍କୁ ଏହି ପଦ ସାମିଲ କରିବା ଲାଗି ଅନୁରୋଧ କରିବାକୁ ପଡୁଛି ବୋଲି ଇପ୍‌ସିତା ପ୍ରଶ୍ନ କରିଛନ୍ତି। ସେହିପରି ବିଜେପି ସରକାର ୪୦ ହଜାର ନିଯୁକ୍ତି ଦେଇଥିବା କହୁଥିବା ବେଳେ ବାସ୍ତବରେ ପରୀକ୍ଷା ବିଭ୍ରାଟ ଉତ୍କଟ ହୋଇଛି। ୨୦ଟି ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେବା ଦ୍ୱାରା ଆଶାୟୀଙ୍କ ମନୋବଳ ଭାଙ୍ଗିଯାଇଛି। ନବୀନ ସରକାରଙ୍କ ସମୟରେ ୧୭ ହଜାର ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଥିଲା ବେଳେ ବିଜେପି ସରକାର କେବଳ ନିଯୁକ୍ତିପତ୍ର ବାଣ୍ଟି ବାହାସ୍ଫୋଟ ମାରୁଛି ବୋଲି ସେ କଟାକ୍ଷ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ

# ଓସିଏସ୍ ପରୀକ୍ଷାରେ ସାମିଲ ହେଲା ଓଏଏସ୍, ଓଆର୍‌ଏସ୍ ପଦ

ଭୁବନେଶ୍ୱର, ୩।୧୨ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ ସଂଯୋଗ ହୋଇଛି ଓଡ଼ିଶା ପ୍ରାଶାସନିକ ସେବା (ଓଏଏସ୍) ପଦ। ଗତ ୩୧ ତାରିଖରେ ଓସିଏସ୍ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ତହିଁରେ ଗୋଟିଏ ମଧ୍ୟ ଓଏଏସ୍ ପଦ ନଥିଲା। ଏପରିକି, ଓଏଫ୍‌ଏସ୍ ଓ ଓଆରଏସ୍ ପଦ ବାହାରି ନଥିଲା। ଏହାକୁ ନେଇ ଆଶାୟୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ଏସବୁ ପଦ ସମେତ ମୋଟ ୧୫୧ଟି ଅଧିକ ପଦ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)କୁ ସରକାର ଅବଗତ କରିଛନ୍ତି। ଓପିଏସସିର ପୂର୍ବ ବିଜ୍ଞପ୍ତିରେ ସମୁଦାୟ ୩୧୪ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଓଡିଶା ପ୍ରଶାସନିକ ସେବା(ଓଏଏସ୍), ଓଡ଼ିଶା ରାଜସ୍ୱ ସେବା(ଓଆରଏସ୍), ଓଡ଼ିଶା ପରିବହନ ସେବା(ଓଟିଏସ୍) ଓ ଓଡ଼ିଶା ମଙ୍ଗଳ ସେବା(ଓଡବ୍ଲ୍ୟୁଏସ୍) ଆଦି କେତେକ କ୍ୟାଡର୍‌ରେ ଆଦୌ ପଦ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

> **୧୫୧ଟି ନୂତନ ପଦ ପୂରଣ ପାଇଁ ଓପିଏସସିକୁ ଅନୁରୋଧ କଲେ ସରକାର**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ଜାଣିବା ପରେ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଏହାର ସମୀକ୍ଷା କରିବା ସହ ଖାଲି ପଦ ପୂରଣ ପାଇଁ ନିର୍ଦ୍ଦେଶ ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନୂତନ ଭାବେ ୧୪ଟି ଓଏଏସ୍, ୧୧୩ଟି ଓଆରଏସ୍, ୧୬ଟି ଓଟିଏସ୍ ଓ ୮ଟି ଓଡବ୍ଲ୍ୟୁଏସ୍ ପଦ ପୂରଣ ହେବ। ଅଧିକ ୧୫୧ଟି ପଦ ପୂରଣ କରିବା ପାଇଁ ଓପିଏସ୍‌ସିକୁ ସରକାର ଅନୁରୋଧ କରିଛନ୍ତି। ଅର୍ଥାତ ସମୁଦାୟ ୪୬୫ଟି ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା କରାଯିବ।


### ■ ମହଙ୍ଗା ପଡ଼ିଲା ବାଲିମାଫିଆଙ୍କ ସହିତ ସମ୍ପର୍କ

# ଜିଲ୍ଲା ଖଣି ଅଧିକାରୀ ସତୀଶ ତରାଇ ନିଲମ୍ବିତ

ଜଗତସିଂହପୁର, ୩୧୨ (ସମିସ): କର୍ତ୍ତବ୍ୟରେ ଅବହେଳା ଏବଂ ବାଲି ମାଫିଆଙ୍କ ସହ ସମ୍ପର୍କ ନେଇ ଜଗତସିଂହପୁର ଜିଲ୍ଲା ଖଣି ଅଧିକାରୀ ସତୀଶ କୁମାର ତରାଇଙ୍କୁ ନିଲମ୍ବନ କରିଛି ରାଜ୍ୟ ଇସ୍ପାତ ଓ ଖଣି ବିଭାଗ। ସୂଚନାନୁସାରେ, ୨୦୨୩ ଡିସେମ୍ବରରେ ଶ୍ରୀ ତରାଇ ଜଗତସିଂହପୁର ଜିଲ୍ଲାରେ ଖଣି ଅଧିକାରୀ ଭାବେ ନିଯୁକ୍ତି ପାଇଥିଲେ। ସେ ତାଙ୍କର ସରକାରୀ ଦାୟିତ୍ୱ ଏବଂ କର୍ତ୍ତବ୍ୟ ପାଳନରେ ଅବହେଳା କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଶ୍ରୀ ତରାଇଙ୍କୁ ବାରମ୍ବାର ତାଗିଦ ସହ କୈଫିୟତ ତଲବ କରାଯାଇଥିଲା। ଶ୍ରୀ ତରାଇ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନଥିବା ବେଳେ ଜିଲ୍ଲାରେ ଚୋରା ବାଲି ଚାଲାଣକୁ ପ୍ରୋତ୍ସାହିତ କରୁଥିବା ପ୍ରଶାସନ ନଜରକୁ ଆସିଥିଲା। ତେଣୁ ଶ୍ରୀ ତରାଇଙ୍କ ଅକ୍ଟୋବର ଦରମା ବନ୍ଦ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଖଣି ବିଭାଗର ନିଷ୍କ୍ରିୟତା ଯୋଗୁଁ ବାଲିମାଫିଆ ସକ୍ରିୟ ହୋଇ ପଡ଼ିଥିଲେ। ଫଳରେ ଗତ ୨୦୨୪ ନଭେମ୍ବର ୨୫ ତାରିଖରେ ତିର୍ତ୍ତୋଲ ତହସିଲ ଅନ୍ତର୍ଗତ କିଲିପାଳ ବାଲିଘାଟରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଜିଲ୍ଲାପାଳ ଜେ. ସୋନାଲ ଏବଂ ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା। ଚଢ଼ଉରେ ୪୬ଟି ହାଇୱା ଏବଂ ୩ଟି ଏକ୍ସାଭେଟର୍ ମେସିନ୍ ଜବତ ହୋଇଥିଲା। ଡିସେମ୍ବର ୧୧ରେ ଜୟପୁର ବାଲିଘାଟରେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ୨୨ଟି ହାଇୱା ଏବଂ ୨ଟି ଏକ୍ସାଭେଟର୍ ଜବତ କରାଯାଇଥିଲା। ଏଥିରୁ ଖଣି ଅଧିକାରୀ ଶ୍ରୀ ତରାଇଙ୍କ ବିରୋଧରେ ହୋଇଥିବା ଅଭିଯୋଗରେ ସତ୍ୟତା ରହିଥିବା ଅନୁଭବ କରି ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ ତାଙ୍କ ବିରୋଧରେ ଜଗତସିଂହପୁର ଥାନାରେ ଏତଲା ଦେଇଥିଲେ।

# ରାଜନଗର ବିଡିଓଙ୍କୁ ବିଜେପି କର୍ମୀଙ୍କ ସଂଘବଦ୍ଧ ଆକ୍ରମଣ ଉଦ୍ୟମ

ରାଜନଗର, ୩।୧୨(ସମିସ): ରାଜନଗର ବ୍ଲକ୍ କାର୍ଯ୍ୟାଳୟରେ ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ୩୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ସଂଘବଦ୍ଧ ଆକ୍ରମଣ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ଖୋଦ୍ ବିଜେପି ନେତା ତଥା ବିଜେପିର ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା ଓ ତାଙ୍କ ସମର୍ଥକମାନେ ସଂଘବଦ୍ଧ ଭାବେ ବିଡିଓଙ୍କୁ ଘେରିଯିବା ସହ ଲାପଟପ୍ ଉଠାଇ ମାରିବାକୁ ଉଦ୍ୟମ କରିଛନ୍ତି। ଖାଲି ସେତିକି ନୁହେଁ, ହତ୍ୟା ଧମକ ମଧ୍ୟ ଦେଇଛନ୍ତି। ଏନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ସନ୍ଧ୍ୟାରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ରାଜନଗରରେ ଉତ୍ତେଜନା ଲାଗି ରହିଛି। ଅପରପକ୍ଷେ, ଏହାର ପ୍ରତିବାଦରେ ଆଜି ସରପଞ୍ଚ ସଂଘ ସଭାପତି ଆଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ସରପଞ୍ଚ, ସମିତି ସଭ୍ୟମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ବ୍ଲକ କ୍ୟାମ୍ପସରୁ ଶୋଭାଯାତ୍ରାରେ ରାଜନଗର ବଜାର ପରିକ୍ରମା କରି ହଂସୁଆ ସେତୁ ନିକଟରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ମହିଳା ବିଡିଓଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ବିଜେପି ନେତାଙ୍କୁ ଗିରଫ ଦାବିରେ ଆନ୍ଦୋଳନ ଜୋରଦାର ହୋଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସ୍ଥିତି



ଅଣାୟତ୍ତ ହେବାରୁ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ରାଜନଗର, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି। ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଏସପି ସୁଧାକର ସାହୁ, ଏସଡିପିଓ କ୍ଷମାସାଗର ପଣ୍ଡା ଉତ୍ତ୍ୟକ୍ତ ଜନତା ଓ ବିଜେଡି କର୍ମୀଙ୍କ ସହ ଆଲୋଚନା କରିଥିଲେ। ନିଶ୍ଚିନ୍ତ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା।

# ବଢ଼ିବ ବ୍ରହ୍ମପୁର, ଭୁବନେଶ୍ୱର ମହାନଗର ନିଗମର ପରିସୀମା

ଭୁବନେଶ୍ୱର,୩୧୨(ସମିସ): ବଢ଼ିବ ରାଜ୍ୟର ଦୁଇ ମହାନଗର ନିଗମର ପରିସୀମା। ଭୁବନେଶ୍ୱର ମହାନଗର ନିଗମ ଏବଂ ବ୍ରହ୍ମପୁର ମହାନଗର ନିଗମରେ ଯୋଡ଼ିହେବେ ଏହାର ସୀମାବର୍ତ୍ତୀ ଗ୍ରାମ। ଏହାସହ ୱାର୍ଡ ସଂଖ୍ୟାରେ ବୃଦ୍ଧି ହେବ ବୋଲି ଅନୁମାନ କରାଯାଉଛି। ଭୁବନେଶ୍ୱର ମହାନଗର ନିଗମରେ ୨୬ଟି ଏବଂ ବ୍ରହ୍ମପୁର ମହାନଗର ନିଗମରେ ୩୪ଗ୍ରାମକୁ ଅନ୍ତର୍ଭୁକ୍ତ କରାଯିବାର ପ୍ରସ୍ତାବ ରହିଛି। ଏ ସଂପର୍କରେ ସୂଚନା ଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଭୁବନେଶ୍ୱର ସହରକୁ ସବୁଜସୁନ୍ଦର ଓ ନାଗରିକକେନ୍ଦ୍ରିକ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ପରିମଳ, ଆଲୋକୀକରଣ, ଜଳଯୋଗାଣ, ସଫେଇ କାର୍ଯ୍ୟ ଆଦି ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ବୌଦ୍ଧଗଡ, ଆସ୍କା, ଭଞ୍ଜନଗର, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା ଓ କରଞ୍ଜିଆ ଆଦି ୭ଟି ଅଞ୍ଚଳକୁ ନୂତନ ପୌରପାଳିକା ଭାବେ ଘୋଷଣା କରାଯାଇଛି। ୩୧ ଡିସେମ୍ବର ୨୦୨୫ରେ ନୂଆ ୪ଟି ଏନ୍‌ଏସିକୁ ମିଶାଇ ସମୁଦାୟ ୨୮ଟି ଏନ୍‌ଏସି ମାନ୍ୟତା ପାଇଛି। ଏହି ସବୁ ଏନ୍‌ଏସିରେ ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯୋଜନା କରାଯାଉଛି। ଏଥିପାଇଁ ୬କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏଥିସହ ପ୍ରତି ଏନ୍‌ଏସିକୁ ପରିମଳ, ଆଲୋକୀକରଣ ଏବଂ ସଫେଇ କାର୍ଯ୍ୟ ପାଇଁ ଦେଢ଼କୋଟି ଟଙ୍କା ଲେଖାଏଁ ଅର୍ଥରାଶି ମଞ୍ଜୁର କରାଯାଇଥିବା ମନ୍ତ୍ରୀ କହିଛନ୍ତି। ଖାରବେଳ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି, ସରକାର ପୁରୀକୁ ଷଷ୍ଠ ମହାନଗର ନିଗମ ଭାବେ ଘୋଷଣା କରିଛନ୍ତି। ଏହାଦ୍ୱାରା ପୁରୀ ସହରର ଭିତ୍ତିଭୂମି ବିକାଶ ପାଇଁ ଅଧିକ ପାଣ୍ଠି ମିଳିବ ଏବଂ ପରିମଳ ଓ ଅନ୍ୟାନ୍ୟ ସେବାରେ ଉନ୍ନତି ଆସିବ।

# ଜିଲ୍ଲାସ୍ତରୀୟ ଅମଲା କ୍ୟାଡରର ହେବ ପୁନର୍ଗଠନ

ଭୁବନେଶ୍ୱର,୩୧୨(ସମିସ): ଜିଲ୍ଲାସ୍ତରରେ ବିଭିନ୍ନ ବିଭାଗ ଅଧିନରେ କାର୍ଯ୍ୟରତ ଅମଲାମାନଙ୍କର କ୍ୟଡାର ପୁନର୍ଗଠନ ହେବ। ଏଥିପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସାଧାରପଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟ, ଆରଡିସି ଏବଂ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଏହି କ୍ୟାଡର ପୁନର୍ଗଠନ ପ୍ରକ୍ରିୟା ୨ ମାସ ମଧ୍ୟରେ ସାରିବାକୁ କୁହାଯାଇଛି। ଅପରପକ୍ଷେ ଯେଉଁ ବିଭାଗ ଏଯାବତ୍ କ୍ୟାଡର ପୁନର୍ଗଠନ କରିନାହାନ୍ତି, ସେହି ବିଭାଗର କର୍ମଚାରୀମାନେ ମଧ୍ୟ ପଦୋନ୍ନତି ପାଇଁ ବିବେଚିତ ହେବେ। ପୁନର୍ଗଠିତ କ୍ୟାଡର ନିୟମାବଳୀ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପଦୋନ୍ନତି କମିଟି(ଡିପିସି)ର ସୁପାରିଶ ଆଧାରରେ ଜିଲ୍ଲା ସ୍ତରୀୟ ଅମଲା କ୍ୟାଡର ନିୟମାବଳୀ, ୨୦୧୯କୁ ଭିତ୍ତିକରି କର୍ମଚାରୀଙ୍କ ପଦୋନ୍ନତି ପ୍ରକ୍ରିୟା ସମ୍ପାଦିତ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ ଯେ ଜିଲ୍ଲା ସ୍ତରରେ କାର୍ଯ୍ୟରତ ଅମଲାମାନଙ୍କର ପଦବୀ ପୁନର୍ଗଠନ ପାଇଁ ରାଜ୍ୟ ସରକାର ୨୦୨୪ ମସିହା ମାର୍ଚ୍ଚ ୧୫ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ଦୀର୍ଘ ଦିନ ଧରି ଅମଲାମାନଙ୍କ ପଦୋନ୍ନତି ସ୍ଥଗିତ ହୋଇ ରହିଥିଲା। ଯଦ୍ୱାରା ଅନେକ ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲାମାନଙ୍କର ପଦୋନ୍ନତି ସ୍ଥଗିତ ହୋଇ ରହିଥିବା ବେଳେ ଇତିମଧ୍ୟରେ ଅନେକ ଅମଲା ବିନା ପଦୋନ୍ନତିରେ ଅବସର ମଧ୍ୟ ଗ୍ରହଣ କରି ରାରିଛନ୍ତି। ଓଡ଼ିଶା ରାଜସ୍ୱ ଅମଲା ସଂଘର ନେତୃବୃନ୍ଦ ଏହି ବିଷୟରେ ଅନେକ ଥର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜସ୍ୱ ମନ୍ତ୍ରୀ ଏହି ଦାବିକୁ ବିଚାରକୁ ନେଇ ନୂଆ କ୍ୟାଡର ପୁନର୍ଗଠନ ହେବା ଯାଏଁ ପୁରୁଣା କ୍ୟାଡର ଆଧାରରେ ଯୋଗ୍ୟ କର୍ମଚାରୀଙ୍କ ପଦୋନ୍ନତି ପାଇଁ ସାଧାରଣ ପ୍ରଶାସନ ବିଭାଗ ସହ ଆଲୋଚନା କରିବେ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ପ୍ରଦାନ କରିବେ। ପରେ ଗତ ଡିସେମ୍ବର ୧୨ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ବୈଠକର ଆୟୋଜନ ହୋଇଥିଲା। ବୈଠକରେ ରାଜ୍ୟ ସରକାରଙ୍କର ବରିଷ୍ଠ ଅଧିକାରୀଙ୍କ ସହ ଅମଲା ସଂଘ ନେତୃବୃନ୍ଦ ଉପସ୍ଥିତ ରହି ଦାବି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷକରି ଜିଲ ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦବୀ ପୁନର୍ଗଠନ, ଦରମାରେ ଥିବା ଅସଙ୍ଗତି ବିଶଷକରି ଗତ ଅଗଷ୍ଟ ୧୧ରୁ ୨୫ ତାରିଖ ମଧ୍ୟରେ ହୋଇଥିବା ଆନ୍ଦୋଳନ ସମୟର ବନ୍ଦ ହୋଇଥିବା ଦରମା ପ୍ରଦାନ କରିବା ସକାଶେ ଆଲୋଚନା ହୋଇଥିଲା। ଏହି ବୈଠକ ପରେ ଗତ ଶୁକ୍ରବାର କ୍ୟାଡର ପୁନର୍ଗଠନ ସହ ସ୍ଥଗିତ ଥିବା ଦରମା ଏବଂ ଦୀର୍ଘ ଦିନ ସ୍ଥଗିତ ଥିବା ଅମଲାମାନଙ୍କର ପଦୋନ୍ନତିକୁ ବିଚାରକୁ ନେବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଚିଠି ୧ଠାରେ ନିର୍ଦ୍ଦେଶ ଦିଆଯାଇଛି। ସରକାର ଦାବିକୁ ଗ୍ରହଣ କରିଥିବାରୁ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ ଏବଂ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କୃତଜ୍ଞତା ଜଣାଇଛନ୍ତି।

> **■ କ୍ୟାଡର ପୁନର୍ଗଠନ ନହେବା ଯାଏଁ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ କର୍ମଚାରୀ**
> **■ ପୁରୁଣା ନିୟମ ଆଧାରରେ ହେବ ପଦୋନ୍ନତି, ସରକାରଙ୍କୁ ଧନ୍ୟବାଦ ଜଣାଇଲା ରାଜସ୍ୱ ଅମଲା ସଂଘ**



ପୌଷ ପୂର୍ଣ୍ଣମୀରେ 'ସୁପର୍ ମୁନ୍'

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-189 ◆SUNDAY ◆4 JANUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୧୮୯ ◆ରବିବାର ◆୪ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


# ବେଆଇନ ପଥର ଖଣିରେ ବିସ୍ଫୋରଣ; ୪ ମୃତ

■ ଢେଙ୍କାନାଳ, ୩।୧(ସମିସ): ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ନିମିଧା ଗ୍ରାମ ନିକଟ ଏକ ବେଆଇନ କଳାମୁଗୁନି ପଥର ଖଣିରେ ବିସ୍ଫୋରଣ ଘଟି ଆଜି ୪ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ମୃତାହତମାନଙ୍କ ପରିଚୟ ମିଳିନାହିଁ। ପୁଲିସ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପଥର ତଳେ ଆଉ କିଛି ଶ୍ରମିକ ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି। ସେହିପରି, ରାତି ହୋଇଯିବାରୁ କେତେଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି, ତାହାର ସବିଶେଷ ତଥ୍ୟ ହସ୍ତଗତ ହୋଇପାରିନାହିଁ।

ସୂଚନାନୁଯାୟୀ, ନିମିଧା ଗ୍ରାମ ନିକଟରେ ମାନସ ରାଉତ ନାମକ ଜଣେ ବ୍ୟକ୍ତିଙ୍କ ଖଣିରେ ଶନିବାର ଅପରାହ୍ଣ ପ୍ରାୟ ୪ଟାରେ ପ୍ରାୟ ୨୦ ଶ୍ରମିକ କାର୍ଯ୍ୟରତ ଥିଲେ। ଏହି ସମୟରେ ଡିନାମାଇଟ୍ ବିସ୍ଫୋରଣ କରି ପଥର ଫଟାଯାଇଥିଲା। ଦୁର୍ଭାଗ୍ୟକୁ ସେଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ଉପରେ ବଡ଼ବଡ଼ ପଥରଖଣ୍ଡ ପଡ଼ିଥିଲା। ପଥର ତଳେ ଚାପି ହୋଇ ବହୁ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ଗତ ଅଗଷ୍ଟ ମାସରୁ ପ୍ରଦୂଷଣ ବିଭାଗ ଏହି ଖଣିକୁ କ୍ଲୋଜର୍-ନୋଟିସ୍ ଜାରି କରିଥିଲା। କିନ୍ତୁ ଖଣି ମାଲିକ କିଛି ଅସାଧୁ କର୍ମଚାରୀଙ୍କୁ ହାତବାରିସି କରି ଏହି ଖଣିକୁ ବେଆଇନ ଭାବେ ଚଳାଉଥିବା ଜଣାପଡ଼ିଛି। ସେହିପରି,



୬ ଗୁରୁତର; ପ୍ରଶାସନ, ପୁଲିସର ତଦନ୍ତ ଜାରି

ଖଣି ନିକଟରେ ଥିବା ଏକ ଜଳାଶୟକୁ ଖଣି ମାଲିକ ଆବଦ୍ଧ କରି ଏହି ଜଳକୁ ନିଜ ଖଣିରେ ବ୍ୟବହାର କରୁଥିବା ଜଣାପଡ଼ିଛି। ଓଡ଼ାପଡ଼ା, ହିନ୍ଦୋଳ ତହସିଲ ଅଞ୍ଚଳରେ ୪୦୦ରୁ ଉର୍ଦ୍ଧ୍ୱ ବେଆଇନ ଖଣି ଚାଲୁଥିଲେ ମଧ୍ୟ ପ୍ରଶାସନ କିପରି ଜାଣିପାରୁନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଣି ମାଫିଆମାନଙ୍କୁ ଜିଲ୍ଲା ଖଣି ଅଧିକାରୀ ଅହେତୁକ ଅନୁକମ୍ପା ସହିତ କୋଟି କୋଟି ଟଙ୍କା ଆଦାୟ କରି ଖଣି ଲୁଟ ପାଇଁ ଅନୁମତି ଦେଉଥିବାର ଅଭିଯୋଗ ହୋଇଛି।

ଢେଙ୍କାନାଳ ଜିଲ୍ଲାରେ ଖଣି ଖାଦାନ ଲୁଟ୍ ନେଇ ରୋଜାଲିନ୍ ପୃଷ୍ଟି ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ମାଗିଥିଲେ। ଏହାକୁ ନେଇ ତାଳଚେର ଖଣି ବିଭାଗ ଡେପୁଟି ନିର୍ଦ୍ଦେଶକଙ୍କ ସୂଚନା ଅନୁସାରେ ଜିଲ୍ଲାରେ ୨୭ ଜଣଙ୍କ ବ୍ଲାଷ୍ଟିଂ ଅନୁମତି ରହିଥିବା ବେଳେ ମାତ୍ର ଜଣକୁ ଅନୁମତି ପ୍ରଦାନ କରାଯାଇଛି। ସେହିପରି ୧୭ଜଣଙ୍କ ଆବେଦନ ଜିଲ୍ଲାପାଳଙ୍କ ନିକଟରେ ରହିଛି। ଲିଜ୍‌ଧାରୀମାନଙ୍କ ମଧ୍ୟରୁ ୧୯ଜଣଙ୍କୁ ଟ୍ରାଞ୍ଜିଟ୍ ପାସ୍ ଦିଆଯାଇଥିବା ବେଳେ ନିହଲପ୍ରସାଦ ମେଟାଲକ୍ୱାରୀ, ନହଡ଼ା ରୋଡ୍ ମେଟାଲ କ୍ୱାରୀ, ଟୋଲରପଶି ଖରି ଲିଜଧାରୀମାନଙ୍କ ନିକଟରେ ବିସ୍ଫୋରକ ଷ୍ଟୋରେଜ ଅନୁମତି ରହିଛି ଓ ଅନ୍ୟମାନଙ୍କର ଆବେଦନ ବିଚାରାଧୀନ ରହିଛି। ସବିଶେଷ ତଥ୍ୟ ମେ' ୩ ତାରିଖ ଅନୁସାରେ ୨୬ଟି କ୍ୱାରି ପାଇଁ ଖଣି ଅଧିକାରୀ ନିଜର ଆଇନକୁ ଉଲ୍ଲଙ୍ଘନ କରି କୋଟିକୋଟି ଟଙ୍କା ଆଦାୟ କରିଛନ୍ତି। ଏହାର ତଦନ୍ତ ସହିତ ତାଙ୍କ ବିରୁଦ୍ଧରେ ତଦନ୍ତ କରିବାକୁ ଦାବି ହୋଇଛି।


## ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ

# ଟ୍ରମ୍ପ ସେନା କବଜାରେ ରାଷ୍ଟ୍ରପତି ନିକୋଲାସ

■ ୱାସିଂଟନ, ୩।୧ (ଏଜେନ୍ସି): ନୂଆବର୍ଷରେ ଭେନେଜୁଏଲା ଉପରେ ଆକ୍ରମଣ କରି ତାଙ୍କର ସାମରିକ ଅଭିଯାନ ଆରମ୍ଭ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଦ୍ୱିତୀୟ ଥର କ୍ଷମତାସୀନ ହେବାପରେ ଭେନେଜୁଏଲା ଉପରେ ବିଷ ଦୃଷ୍ଟି ପକାଇଥିବା ଟ୍ରମ୍ପ ଆଜି ଆକ୍ରମଣ କରି ନିଜର ଲକ୍ଷ୍ୟ ହାସଲ କରିଥିବା ଦାବି କରିଛନ୍ତି। ଆକ୍ରମଣ କରିବା ପରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଡୁରୋ ଏବଂ ତାଙ୍କ ପତ୍ନୀଙ୍କୁ ନିଜ କବଜାର ରଖିଛନ୍ତି ଆମେରିକା ସେନା।

ତେବେ ନିକୋଲାସ ଦମ୍ପତିଙ୍କୁ କେଉଁଠି ରଖାଯାଇଛି, ତାହା ଜଣାପଡ଼ିନାହିଁ। ଆମେରିକାର ଏଭଳି ଆକ୍ରମଣର ତୀବ୍ର ନିନ୍ଦା କରିଛି ଭେନେଜୁଏଲା ଏବଂ ଅଭିଯୋଗ କରିଛି ଯେ ଜାତିସଂଘର ସମସ୍ତ ନୀତିନିୟମର ଉଲ୍ଲଂଘନ କରିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ରୁଷ ମଧ୍ୟ ଏହାର ବିରୋଧ କରିବା ସହିତ ଜାତିସଂଘ ସୁରକ୍ଷା ପରିଷଦର ତୁରନ୍ତ ବୈଠକ ଡାକିବା ଲାଗି ଦାବି କରିଛି।

ମିଳିଥିବା ସୂଚନା ଅନୁଯାୟୀ ଆଜି ଭୋର ସମୟରେ ଆମେରିକାର ଯୁଦ୍ଧ ବିମାନ ଭେନେଜୁଏଲା ଉପରେ ଅଚାନକ ଆକ୍ରମଣ କରିବା ଆରମ୍ଭ କରିଦେଇଥିଲେ। ରାଜଧାନୀ କାରାକାସ ସମେତ ଦେଶର ବିଭିନ୍ନ ସାମରିକ ଓ ବେସାମରିକ ପ୍ରତିଷ୍ଠାନ ଉପରେ ପ୍ରଚଣ୍ଡ ବୋମାମାଡ଼



କରିଥିଲେ। ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳ ପ୍ରଚଣ୍ଡ ବିସ୍ଫୋରଣରେ ଥରି ଉଠିଥିଲା। ବିସ୍ଫୋରଣ ସହିତ ନିଆଁ ଓ ଧୂଆଁ ଯୋଗୁଁ ସମଗ୍ର ଅଞ୍ଚଳରେ ଆତଙ୍କଜନିତ ସ୍ଥିତି ସୃଷ୍ଟି ହୋଇଥିଲା। ଲୋକମାନେ ବିଛଣାରୁ ଉଠି ପ୍ରାଣ ବିକଳରେ ଏଣେତେଣେ ଦୌଡ଼ୁଥିବାର ଦେଖାଯାଇଥିଲା।

### ରାଷ୍ଟ୍ରପତି ଭବନରୁ ଦମ୍ପତିଙ୍କୁ ଉଠାଇଆଣିଲା ଆମେରିକୀୟ ସେନା

### ରୁଷର ତୀବ୍ର ପ୍ରତିବାଦ; ଦାବିକଲା ଜାତିସଂଘ ନିରାପତ୍ତା ପରିଷଦର ଜରୁରୀ ବୈଠକ

ଆକାଶମାର୍ଗରୁ ଯୁଦ୍ଧ ବିମାନ ବୋମା ବର୍ଷା କରୁଥିବା ବେଳେ ଆମେରିକାର ସ୍ଥଳ ସେନା (ଡେଲଟା ଫୋର୍ସ) ରାଜଧାନୀରେ ପଶି ଅପରେସନ ଆରମ୍ଭ କରିଥିଲେ। ସେମାନେ ରାଷ୍ଟ୍ରପତି ଭବନରେ ପଶି ରାଷ୍ଟ୍ରପତି ନିକୋଲାସ ଏବଂ ତାଙ୍କ ପତ୍ନୀଙ୍କୁ ଧରିଥିଲେ। ତେବେ କିଛି ଘଣ୍ଟା ମଧ୍ୟରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଶେଷ ହୋଇଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାରେ ମୃତାହତ ସଂପର୍କରେ କିଛି କୁହାଯାଇ ନାହିଁ। ଆଉ ଏକ ସୂତ୍ରରୁ ପ୍ରକାଶ ଯେ ରାଷ୍ଟ୍ରପତି ନିକୋଲାସ ବଙ୍କର ଭିତରେ ଲୁଚିଥିବା ବେଳେ ଆମେରିକାର ସେନା ତାଙ୍କୁ ଧରିଥିଲେ। ଆମେରିକା ସେନା ନିକୋଲାସ ଦଂପତିଙ୍କୁ କବଜା କରିଥିବା ଟ୍ରମ୍ପ ତାଙ୍କ ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍ ସୋସିଆଲ'ରେ ସୂଚନା ଦେଇଥିଲେ। ଏସଂପର୍କରେ ପରବର୍ତ୍ତୀ ସମୟରେ ବିସ୍ତୃତ ବିବରଣୀ ଦିଆଯିବ ବୋଲି କହିଥିଲେ। କିନ୍ତୁ ନିକୋଲାସଙ୍କୁ କେଉଁଠି ରଖାଯାଇଛି, ତାହା ସେ ଜଣାଇନଥିଲେ। କେବଳ ଏତିକି ସେ ଉଲ୍ଲେଖ କରିଥିଲେ ଯେ ଆମେରିକା ସେନା ଭେନେଜୁଏଲା ଉପରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାର ରାଷ୍ଟ୍ରପତି ଓ ତାଙ୍କର ପତ୍ନୀଙ୍କୁ କବଜା କରିଛି। ସେମାନଙ୍କୁ ବିମାନ ଯୋଗେ ଦେଶ ବାହାରକୁ ନିଆଯାଇଛି। ଏହାପରେ ରାଷ୍ଟ୍ରପତିଙ୍କ ମୁଖପାତ୍ର କେବଳ ଏତିକି କହିଥିଲେ ଯେ ନିକୋଲାସଙ୍କ ବିରୋଧରେ ଡ୍ରଗ୍ସ ଓ ନାରକୋଟିକ୍ ଆତଙ୍କବାଦ ମାମଲାର ବିଚାର କରାଯିବ। ସୂଚନାଯୋଗ୍ୟ ଯେ ଟ୍ରମ୍ପ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ଭେନେଜୁଏଲା ଉପରେ ବିଷ ଦୃଷ୍ଟି ପକାଇଥିଲେ। ତାଙ୍କ ଟାର୍ଗେଟରେ ଥିଲେ ରାଷ୍ଟ୍ରପତି ନିକୋଲାସ। ଟ୍ରମ୍ପ ଅଭିଯୋଗ କରିଥିଲେ ଯେ ନିକୋଲାସ ଡ୍ରଗ୍ସ କାରବାର ଚଳାଇଛନ୍ତି ଏବଂ ସେ ବିଶ୍ୱ ପ୍ରତି ଡ୍ରଗ୍ସ ଆତଙ୍କ ସୃଷ୍ଟି କରୁଛନ୍ତି। ଆଉ ଏକ ଅଭିଯୋଗ ଥିଲା ଯେ ଭେନେଜୁଏଲା ରାଷ୍ଟ୍ରପତି ଲକ୍ଷ ଲକ୍ଷ ଲୋକଙ୍କୁ ଆମେରିକା ଭିତରକୁ ବେଆଇନ ଭାବେ ପଠାଉଛନ୍ତି। ୨୦୧୩ ପରେ ଆମେରିକା ଭିତରକୁ ୨୦ ଲକ୍ଷରୁ ଅଧିକ ଭେନେଜୁଏଲା ନାଗରିକ ବେଆଇନ ଭାବେ ପଶି ଆସିଛନ୍ତି। ନିକୋଲାସଙ୍କ ଯୋଗୁଁ ଆମେରିକାରେ ▶ପୃଷ୍ଠା-୭

## କଂସ ବଧ; ମଥୁରା ଆଶ୍ୱସ୍ତ



■ ମଥୁରା ନଗରୀ, ୩।୧ (ସମିସ): ଦଇବ ଲିଖନ କେ କରିବ ଆନ। ଯାହାଙ୍କୁ ମାରିବା ପାଇଁ ଏତେ ଆୟୋଜନ, ଏତେ କୂଟକପଟ; ତାଙ୍କର ଉପସ୍ଥିତି କ୍ଷଣେ ସବୁକିଛି ଓଲଟ ପାଲଟ ହୋଇଗଲା। ଭଣଜାଙ୍କୁ ମାରିବା ପାଇଁ ଧନୁଯାତ୍ରାର ଆୟୋଜନ କରିଥିବା ତ୍ରିପୁର ବିଜୟୀ ମହାପ୍ରତାପୀ କଂସ କୃଷ୍ଣ-ବଳାରାମଙ୍କୁ ଦେଖିବା ମାତ୍ରକେ ମଞ୍ଚ ଉପରେ ଟଳିପଡ଼ିଲେ।

ଦୁରାଚାରୀ ମହାରାଜ କଂସର ମୃତ୍ୟୁ ପରେ ମଥୁରା ନଗରୀରେ ଖେଳିଯାଇଛି ଆନନ୍ଦର ଲହରୀ। ଉତ୍ସବ ଓ ଆତସବାଜିରେ କମ୍ପି ଉଠିଛି ଭୀତଃତ୍ରସ୍ତ ଥିବା ମଥୁରାକଟକ। କଂସ ବଧ ପରେ ମଥୁରାନଗରୀ ଆଶ୍ୱସ୍ତ ହେବା ସହ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ କଂସର ଦୌରାତ୍ମ୍ୟରୁ ମୁକ୍ତ ହୋଇଛି।

କଂସର ମୃତ୍ୟୁ ପରେ ମଥୁରା ନରନାରୀଙ୍କ କଣ୍ଠରୁ ନିଃସୃତ ହୋଇଛି - "କଂସ ରାଜାର ବଂଶ ବୁଡୁ, କଂସ ମଲେ ଖାଏମା ଲଡୁ।" କଂସାସୁରଙ୍କ ମୃତ୍ୟୁରେ 'ଅସ୍ତି ଓ ପ୍ରାପ୍ତି'ଙ୍କ କାନ୍ଦଣା ଚାଲିଥିବା ସମୟରେ ଉପସ୍ଥିତ ନଗରବାସୀଙ୍କ ମଧ୍ୟରେ ଲଡୁ ବଣ୍ଟାଯାଇଛି। କୃଷ୍ଣ ଓ ବଳରାମ, ଉଗ୍ରସେନଙ୍କ ରାଜ୍ୟାଭିଷେକ କରି ମଥୁରାରେ ଶାନ୍ତି ପ୍ରତିଷ୍ଠା କରିବା ସହ ଦେବକୀ-ବସୁଦେବଙ୍କୁ କାରାମୁକ୍ତ କରିଛନ୍ତି। ଏଥିସହିତ ସମାପ୍ତ ହୋଇଛି ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ। ଦୀର୍ଘ ୧୧ ଦିନର ମୁକ୍ତାକାଶ ରଙ୍ଗମଞ୍ଚରେ ପଡ଼ିଛି ଯବନିକା।

**ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ**

**୧୧ ଦିନର ମୁକ୍ତାକାଶ ରଙ୍ଗମଞ୍ଚରେ ପଡ଼ିଲା ଯବନିକା**

## ପୁଣି ମୁଣ୍ଡ ନେଲା 'ଆମ ବସ୍'



ଟ୍ରାଫିକରେ ଛିଡା ହୋଇଥିବା ଅଟୋକୁ ପଛରୁ ପିଟିଲା; ଚାଳକ ମୃତ

■ ଭୁବନେଶ୍ୱର, ୩।୧ (ସମିସ): ରାଜଧାନୀରେ ପୁଣି ଏକ ମୁଣ୍ଡ ନେଇଛି 'ଆମ ବସ୍'। ଶନିବାର ସକାଳ ପ୍ରାୟ ୧୧ଟା ସମୟରେ ଭୁବନେଶ୍ୱର ରୁପାଲି ଛକ ଟ୍ରାଫିକ୍‌ରେ ଅଟକି ଥିବା ଏକ ଅଟୋକୁ ଆମ ବସ୍ ପଛପଟୁ ହଠାତ୍ ଆସି ଧକ୍କା ଦେଇଥିଲା। ଆଉ ଘଟିଗଲା ଭୟଙ୍କର ଦୁର୍ଘଟଣା। ଛିନ୍‌ଛତ୍ର ହୋଇଗଲା ଅଟୋ। ଘଟଣାସ୍ଥଳରେ ହିଁ ଅଟୋ ଚାଳକ ବିଷ୍ଣୁ ପାତ୍ରଙ୍କ ଜୀବନ ଚାଲିଯାଇଛି। ସୌଭାଗ୍ୟବଶତଃ ଅଟୋରେ ବସିଥିବା ୩ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେମାନଙ୍କ ମଧ୍ୟରୁ ନମିତା ପ୍ରଧାନ ଏବଂ ରଶ୍ମିତା ନାୟମ ଆହତ ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ପୁଲିସ ▶ପୃଷ୍ଠା-୭

## ସୁକୁମାରେ ଏନ୍‌କାଉଣ୍ଟର
## ଯବାନଙ୍କ ଗୁଳିରେ ଟଳିଲେ ୧୪ ମାଓବାଦୀ

■ମାଲକାନଗିରି, ୩।୧ (ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ନୂଆବର୍ଷ ଆରମ୍ଭରୁ ମାଓ ସଂଗଠନକୁ ଏକ ଶକ୍ତ ଧକ୍କା ଲାଗିଛି। ଜିଲ୍ଲାର କୋଣ୍ଟା ଏବଂ କିଷ୍ଟାରାମ ଜଙ୍ଗଲରେ ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ୧୪ ମାଓବାଦୀ ନିହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ କୋଣ୍ଟା ଏରିଆ କମିଟିର ଡିଭିସିଏମ୍ ସଦସ୍ୟ ସଚିନ ମଙ୍ଗୁଡୁଙ୍କ ସମେତ ବହୁ କୁଖ୍ୟାତ ମାଓବାଦୀ ରହିଛନ୍ତି। ଏହାସହ ଘଟଣାସ୍ଥଳରୁ ଏକେ-୪୭, ଇନ୍‌ସାସ୍ ରାଇଫଲ୍ ଭଳି ବହୁ ଅତ୍ୟାଧୁନିକ ବନ୍ଧୁକ, ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ ହୋଇଛି। ସଂପୃକ୍ତ ଅଞ୍ଚଳରେ କମ୍ବିଂ ଅପରେସନ୍‌କୁ ଜୋରଦାର୍ କରାଯାଇଛି ବୋଲି ସୁକୁମା ଏସ୍‌ପି କିରଣ ଚୌହାନ କହିଛନ୍ତି।

ସୂଚନାନୁଯାୟୀ, କିଷ୍ଟାରାମ ଓ କୋଣ୍ଟା ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ନେଇ ବିଶେଷସୂତ୍ରରୁ ଯବାନଙ୍କୁ ଖବର ମିଳିଥିଲା। ମାଓବାଦୀମାନେ ବ୍ୟବହାର କରୁଥିବା



ମୋବାଇଲକୁ ଟ୍ରାକ୍ କରି ସୁରକ୍ଷା କର୍ମୀଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ କରାଯାଇଥିଲା। ଡିଆରଜି, ସିଆର୍‌ପିଏଫ୍ ଯବାନଙ୍କ ସହ ସ୍ଥାନୀୟ ପୁଲିସ ପକ୍ଷରୁ କୋଣ୍ଟା ଜଙ୍ଗଲରେ ଗତରାତିରୁ ତଲାସି ଅଭିଯାନ ଜାରି ରହିଥିଲା। ଆଜି ସକାଳେ ▶ପୃଷ୍ଠା-୭

## ତେଲଙ୍ଗାନାରେ ୨୦ ମାଓବାଦୀଙ୍କ ଆତ୍ମସମର୍ପଣ

■ ହାଇଦରାବାଦ, ୩।୧ (ଏଜେନ୍ସି): ଦେଶରେ ମାଓଗଡ଼ ଭୁଶୁଡିବାରେ ଲାଗିଛି। କେତେକ ସ୍ଥାନରେ ମାଓବାଦୀ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରୁଥିବାବେଳେ ଆଉ କେଉଁଠାରେ ଆତ୍ମସମର୍ପଣ କରୁଛନ୍ତି। ସଦ୍ୟତମ ଘଟଣା ଭାବେ ହାଇଦରାବାଦ୍‌ରେ ଶନିବାର ୨୦ ଜଣ ହାର୍ଡକୋର ମାଓବାଦୀ ତେଲଙ୍ଗାନା ପୁଲିସ ମହାନିର୍ଦ୍ଦେଶକ ଶିବଧର ରେଡ୍ଡୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ନିଷିଦ୍ଧ ସିପିଆଇ ମାଓବାଦୀ ପିପୁଲ୍ସ ଲିବରେସନ ଗରିଲା ଆର୍ମି (ପିଏଲ୍‌ଜିଏ) ବାଟାଲିଅନ କମାଣ୍ଡର ସାମିଲ ଅଛନ୍ତି। ▶ପୃଷ୍ଠା-୭

### ତାମିଲନାଡୁ ଆଣିଲା 'ଆସ୍ୟୋର୍ଡ ପେନ୍‌ସନ ସ୍କିମ୍'

## ମିଳିବ ୫୦% ପେନ୍‌ସନ୍

■ ନୂଆଦିଲ୍ଲୀ, ୩।୧ (ଏଜେନ୍ସି): ତାମିଲନାଡୁ ସରକାର 'ଆସ୍ୟୋର୍ଡ ପେନ୍‌ସନ ସ୍କିମ' ତଥା ଟିଏନଏପିଏସ ଆଣିଛନ୍ତି। ଏହି ଯୋଜନାରେ କର୍ମଚାରୀଙ୍କ ୫୦ ପ୍ରତିଶତ ପେନ୍‌ସେନକୁ ସୁନିଶ୍ଚିତ କରାଯାଇଛି। ଲକ୍ଷ ଲକ୍ଷ ସରକାରୀ କର୍ମଚାରୀଙ୍କ ଅନିଶ୍ଚିତତାକୁ ସମାପ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଏହି ପଦକ୍ଷେପ ନେଇଛନ୍ତି। ୨୦୦୩ ପରଠାରୁ ପୁରୁଣା ପେନସେନ ଯୋଜନା (ଓପିଏସ)କୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କର୍ମଚାରୀମାନେ ସଂଘର୍ଷ କରୁଥିଲେ। ୨୦୦୩ ଏପ୍ରିଲ ୧ ପରେ ସରକାରୀ ସେବାରେ ସାମିଲ ହୋଇଥିବା କର୍ମଚାରୀଙ୍କୁ ଏହି ଯୋଜନାର ପ୍ରତ୍ୟକ୍ଷ ଲାଭ ମିଳିବ। ଏ ପର୍ଯ୍ୟନ୍ତ କର୍ମଚାରୀ 'କଣ୍ଟ୍ରିବ୍ୟୁଟାରୀ ପେନ୍‌ସନ ଯୋଜନା (ସିପିଏସ)'ରେ ସାମିଲ ହୋଇଥିଲେ। ଏଥିରେ ରିଟର୍ଣ୍ଣ ବଜାରର ହ୍ରାସବୃଦ୍ଧି ଉପରେ ନିର୍ଭର କରୁଥିଲା। ନୂଆ ▶ପୃଷ୍ଠା-୭

## ଥାନା ଆଗରେ ଯୁବକଙ୍କୁ ହତ୍ୟା

■ ତାଳଚେର ସହର, ୩।୧(ସମିସ): ବେକରେ ପେଚକସ୍ ପୂରାଇ ଯୁବକଙ୍କୁ ହତ୍ୟା। ତାଳଚେର ଥାନା ନିକଟରେ ଆଜି ଏପରି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ତାଳଚେର ଟାଉନ୍ ଅଞ୍ଚଳର ସନ୍ତୋଷ ମହାପାତ୍ର। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ଚଗଲା ଅମାନ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଚଗଲା କିଛି ଦିନ ତଳେ ସନ୍ତୋଷଙ୍କୁ ଏକ ଭୋଜିରେ ରୋଷେଇ କରିବାକୁ ଡାକି ନେଇଥିଲେ। ସେଠାରେ ଚଗଲାଙ୍କ ୭ ହଜାର ୨୦୦ ଟଙ୍କା ଚୋରି ହୋଇଯାଇଥିଲା। ଏହା ସନ୍ତୋଷର କାମ ବୋଲି ଚଗଲା ସନ୍ଦେହ କରି ତାକୁ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଶନିବାର ପୁଣି ଉକ୍ତ ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ତାଳଚେର ଥାନା ନିକଟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଚଗଲା ଏକ ପେଚକସ୍‌ରେ ସନ୍ତୋଷଙ୍କ ବେକକୁ ଆକ୍ରମଣ କରିଥିଲା। ପୁଲିସ ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ମଣ୍ଡାପାଳ ▶ପୃଷ୍ଠା-୭

# ଭୁବନେଶ୍ୱର ବିମାନବନ୍ଦରରୁ ୮ କୋଟିର ମାରିଜୁଆନା ଜବତ

### ୭ ଦିନରେ ଜବତ ହେଲାଣି ୧୨ କୋଟିର ବ୍ୟାଙ୍ଗକକ୍ ନିଶା

■ ଭୁବନେଶ୍ୱର, ୩।୧ (ସମିସ): ପୁଣି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହେଲା ୮କୋଟି ଟଙ୍କାର ମାରିଜୁଆନା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଡାଇରେକ୍ଟୋରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ (ଡିଆର୍‌ଆଇ) ଜଣେ ବିମାନଯାତ୍ରୀଙ୍କ ଠାରୁ ଏହି ମାରିଜୁଆନା ଜବତ କରିଛି। ଜବତ ମାରିଜୁଆନାର ପରିମାଣ ୮କେଜି ହେବ ବୋଲି ଜଣାପଡ଼ିଛି। ତେବେ ମହାରାଷ୍ଟ୍ରର ଏହି ଯାତ୍ରୀ ଜଣଙ୍କ ବ୍ୟାଙ୍ଗକକ୍‌ରୁ ମାରିଜୁଆନା ନେଇ ଆସୁଥିବା ଜଣାପଡ଼ିବା




ପରେ ସେ ଅନ୍ତର୍ଜାତୀୟ ନିଶା କାରବାର ର୍ୟାକେଟ୍‌ର ସଦସ୍ୟ ବୋଲି ଅନୁମାନ କରାଯାଉଛି। ଡିଆର୍‌ଆଇ ସମ୍ପୃକ୍ତ ବିମାନ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମାତ୍ର ୭ଦିନ ତଳେ ୪କୋଟିର ମାରିଜୁଆନା ଜବତ ହୋଇଥିଲା ବେଳେ ▶ପୃଷ୍ଠା-୭

**ବର୍ଷକରେ ରାଜ୍ୟକୁ ଆସିଲାଣି ୫୨କୋଟିର ମାରିଜୁଆନା**

## ବ୍ରାଉନସୁଗର କାରବାରରେ ଆଇନ ଛାତ୍ର

■ ଭୁବନେଶ୍ୱର, ୩।୧ (ସମିସ): ବ୍ରାଉନସୁଗର ଡିଲ୍ ବେଳେ ଚଢ଼ଉ କରିଛି ଅବକାରୀ ବିଭାଗ। ଫରେଷ୍ଟ ପାର୍କ ଭିତରୁ ୩ ନିଶା ମାଫିଆଙ୍କୁ ଗିରଫ କରିବା ସହ ୨୬ ଲକ୍ଷ ଟଙ୍କାର ଧଳାଜହର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଇନ୍ ଛାତ୍ର ତଥା ଭିମଟାଙ୍ଗୀ ଅଞ୍ଚଳର ଦେବୀପ୍ରସାଦ ଦାସ (୩୦), ୟୁନିଟ୍ ୬ ଭୀମପୁର ଅଞ୍ଚଳର ସୁକାନ୍ତ ନାୟକ (୩୬) ଓ ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଆଁଳାର ସନ୍ତୋଷ ନାୟକ (୩୩)।



୩ ଗିରଫ; ୨୬ ଲକ୍ଷର ଧଳାଜହର ଜବତ

ଅବକାରୀ ବିଭାଗର ସୂଚନା ମୁତାବକ, ୟୁନିଟ୍ ୬ ଅଞ୍ଚଳରେ ବ୍ରାଉନସୁଗର ଡିଲ୍ ଚାଲିଥିବା ନେଇ ଭୁବନେଶ୍ୱର ଅବକାରୀ ବିଭାଗକୁ ଖବର ମିଳିଥିଲା। ବିଭାଗର ସ୍ୱତନ୍ତ୍ର ଟିମ୍ ଫରେଷ୍ଟ ପାର୍କ ଭିତରେ ଚଢ଼ଉ କରିଥିଲା। ସେଠାରୁ ଦେବୀପ୍ରସାଦ, ସୁକାନ୍ତ ଓ ସନ୍ତୋଷକୁ ଗିରଫ ▶ପୃଷ୍ଠା-୭

## ଜୟପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ୬ ଜିଲ୍ଲାରେ ୪୧ ମାମଲା

# ୮୨ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ମାମଲା

ଜୟପୁର, ୩୧।୧(ସମିସି): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଭିଜିଲାନ୍ସ ବିଭାଗର ଏସ୍‌ପିଙ୍କ ଅଧିନରେ ଦକ୍ଷିଣ-ପଶ୍ଚିମାଞ୍ଚଳର କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ମାଲକାନଗିରି ଏବଂ ନୂଆପଡା ସମୁଦାୟ ୬ଟି ଜିଲ୍ଲାରେ ଗତ ୨୦୨୫ ମସିହା ଜାନୁୟାରୀ ଠାରୁ ଡିସେମ୍ବର ମାସ ଶେଷସୁଦ୍ଧା ୪୧ଟି ମାମଲା ରୁଜୁ ହୋଇଛି। ଏଥିରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ବିଭାଗ ପକ୍ଷରୁ ଚଢଉ କରାଯାଇ ୧୫ଟି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବିଭନ୍ନ ଅସତ ଉପାୟରେ ସରକାରୀ ଅଧିକାରୀ ଓ କର୍ମଚାରୀ ମାନେ ବେଆଇନ ଭାବେ ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ୧୨ଟି ମାମଲା ଏବଂ ଦୁର୍ନୀତି ସମ୍ବନ୍ଧୀ ଅନ୍ୟାନ୍ୟ ମିସଲାନ୍‌ସେନସ୍ ୧୪ଟି ମାମଲା ଭିଜିଲାନ୍ସ ପକ୍ଷରୁ ରୁଜୁ କରାଯାଇଛି। ଏଥିରେ ଏ ଗ୍ରୁପ ଅଧିକାରୀ ଭାବେ ୮ଜଣ, ବି ୧୩, ସି ୪୪ ଜଣ ଏବଂ ଅନ୍ୟାନ୍ୟ ସରକାରୀ ନିଗମ କିମ୍ବା କର୍ମଚାରୀ ଭାବେ ୧୭ ଟି ମାମଲା ରୁଜୁ କରାଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ସମୁଦାୟ ୪୩ଟି ଜଣ ଲାଞ୍ଚୁଆ ଓ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ଗତବର୍ଷ ସମୁଦାୟ ୭୪ଟି ମାମଲାରେ ୧୬୮ଜଣ ସରକାରୀ ଓ ବେସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଛି। ସେହିପରି ଜୟପୁର ଓ ଭବାନୀପାଟଣାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ପ୍ରତ୍ୟେକ ୮ଟି ଲେଖାଏଁ ସମୁଦାୟ ୧୬ଟି ଭିଜିଲାନ୍ସ ମାମଲାରେ ରାୟ ପ୍ରକାଶ କରାଯାଇ ଦୋଷୀ ମାନଙ୍କୁ ଦଣ୍ଡିତ କରାଯାଇଛି। ଗତ ୨୦୨୫ ମସିହା ପ୍ରମୁଖ ମାମଲା ମଧ୍ୟରୁ ମାଲାକାନଗିରି ଜିଲ୍ଲା ଜଳ ବିଭାଜିକା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ଆୟବହିର୍ଭୁତ ସମ୍ପତି ଠୁଳ କରିଥିବା ଅଭିଯୋଗରେ ତାଙ୍କର ବିଭିନ୍ନ ଘର ଉପରେ ଚଢଉ କରାଯାଇ ୨ କୋଟି ୮ ଲକ୍ଷ ନଗଦ ରାଶି ଜବତ ସହିତ ୪ଟି ମୂଲ୍ୟବାନ ଜମି ଗୋଟିଏ ଦୁଇ ମହଲା ଗୃହ, ୪୨୨ ଗ୍ରାମ ସୁନା , ୯୧ ଲକ୍ଷ ଟଙ୍କାର ବ୍ୟାଙ୍କ ଜମାରାଶି ମିଳିଥିଲା ।ସେହିପରି କୋରାପୁଟ ଜିଲ୍ଲା ଜୟପୁର ଜଙ୍ଗଲ ବିଭାଗର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ଘର ଉପରେ ଚଢ଼ଉ କରାଯାଇ ୧କୋଟି ୪୩ ଲକ୍ଷ ଟଙ୍କା ବେଆଇନ ଆୟ ବର୍ହିଭୁତ ନଗଦ ଟଙ୍କା ଜବତ ସହିତ ଗୋଟିଏ ଦୁଇ ମହଲା ଗୃହ ଏବଂ ଅନ୍ୟାନ୍ୟ ୩ଟି ଗୃହ, ୨ଟି ମୂଲ୍ୟବାନ ଜମି, ୧ କୋଟି ୩୩ ଲକ୍ଷ ଟଙ୍କାର ଜମା ରାଶି ଏବଂ ୧ କିଲୋ ୩୦୪ ଗ୍ରାମ ଓଜନର ସୁନା ଅଳଙ୍କାର, ୪ କିଲୋ ୪ ଗ୍ରାମର ରୂପା ସାମଗ୍ରୀ, ୨ଟି ନାମୀଦାମୀ କାର ଜବତ କରାଯାଇଥିଲା। ରାୟଗଡା ଜଳବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଦାୟାନିଧି ବାଗଙ୍କ ୮୪ଏକର ଜମିରେ ଦୁଇଟି ଫାର୍ମ ହାଉସ, ନବରଙ୍ଗପୁର ଠାରେ ୪୬ ଏକର ଜମି, ଦୁଇଟି ଗୃହ ଏବଂ ଭୁବନେଶ୍ୱର ଠାରେ ଗୋଟିଏ ଗୃହ, ୪୮ ଲକ୍ଷ ଟଙ୍କା ଜମାଟଙ୍କା ଏବଂ ଗୋଟିଏ ବେନାମୀ କାର ଜବତ ହୋଇଥିଲା। ଜୟପୁର ସ୍ୱତନ୍ତ୍ର କୋଷାଗାର ପିଅନ ହରିଶ୍ ଚନ୍ଦ୍ର ମହାପାତ୍ରଙ୍କ ଗୋଟିଏ ଦୁଇ ମହଲା ଗୃହ, ୨୨୯.୧୪ ଗ୍ରାମ ସୁନାଅଙ୍କାର, ୨୬୨ ଗ୍ରାମର ରୂପା ସାମଗ୍ରୀ୪୬ ଲକ୍ଷ ଟଙ୍କାର ଡାକଘରରେ ସ୍ଥାୟୀ ଜମା ରାଶି ଠାବ କରିଥିଲେ। ସେହିପରି ବର୍ଷରେ ଶେଷ ସପ୍ତାହରେ ମାଲକାନଗିରି ବ୍ଲକ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ସରକାର ମାଲକାନଗିରିରେ ୩ ମହଲା ଘର, ୮ଟି ନାମୀଦାମୀ ପ୍ଲଟ, ୭୧ ଗ୍ରାମ ସୁନାଅଳଙ୍କାର ଏବଂ ଷ୍ଟକ ମାର୍କେଟେ ୧୭ ଲକ୍ଷ ଟଙ୍କା ଲଗାଇଥିବା ଜଣାପଡିଥିଲା। ଟଙ୍କା ଲାଞ୍ଚ ନେଉଥିବା ମାମଲାରେ ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ସିଡିପିଓ ସୁଶିଳା ଶବର ଏବଂ ଏକାଉଣ୍ଟେଣ୍ଟ ରାମଚନ୍ଦ୍ର ପାତ୍ର ସହାୟିକା ନିଯୁକ୍ତି ଦେବା ନେଇ ଜଣେ ଆଦିବାସୀ ମହିଳାଙ୍କ ଠାରୁ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଥିଲେ। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅଙ୍ଗନବାଡି ସୁପରଭାଇଜର ରେଣୁକା ପଟ୍ଟନାୟକ ୫୦ ହଜାର ଟଙ୍କା, ଜୟପୁର ସ୍ୱତନ୍ତ୍ର କୋଷାଗାରର ପିଅନ ହରିଶ ଚନ୍ଦ୍ର ମୁଦୁଲୀ ଜଣେ ମୃତ ପେନ୍‌ସନ ଧାରୀଙ୍କ ପତ୍ନୀଙ୍କୁ ବକେୟା ଟଙ୍କା ପ୍ରଦାନ ନେଇ ୪୭ ହଜାର ଟଙ୍କା ଲାଞ୍ଚ ନେଉଥିଲେ। କୋରାପୁଟ ଜିଲ୍ଲା ବି.ସିଙ୍ଗପୁର ଥାନାର ଏଏସଆଇ ନରସିଂହ ଦୋରା ଏକ ଘରୋଇ ଗଣ୍ଡଗୋଳରେ ଅଭିଯୁକ୍ତଙ୍କୁ ଗିରଫ ନ କରିବା ନେଇ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ ଏବଂ ଦଶମନ୍ତପୁର ପୁଲିସ ଥାନାଅଧିକାରୀ ସୁକୁମା ହାଁସଦା କୋର୍ଟରେ ଚାର୍ଜସିଟ ଦାଖଲ କରିବା ନେଇ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିବା ସହ ଗିରଫ ହୋଇ ଜେଲ ହାଜତକୁ ଯାଇଥିଲେ। ଏହିପରି ଆଗାମୀ ଦିନରେ ମଧ ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନିତୀଖୋର ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯାନୁଷ୍ଠାନ ଜାରୀ ରହିବ ବୋଲି ଭିଜିଲାନ୍ସ ଏସ.ପି ରବିନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ବଣ୍ଡା ଘାଟିରେ ଓଲଟିଲା ଆମ୍ବୁଲାନ୍ସ

ଖଇରପୁଟ,୩୧।୧(ସମିସ): ଶନିବାର ପୂର୍ବାହ୍ନରେ ଖଇରପୁଟରୁ ବଣ୍ଡାଘାଟି ଅଭିମୁଖେ ଗର୍ଭବତୀଙ୍କୁ ଡାକ୍ତରଖାନାକୁ ଆଣିବାକୁ ଯାଉଥିବା ସମୟରେ ଏକ ୧୦୮ ଆମ୍ବୁଲାନ୍ସ ହଠାତ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା। ସୌଭାଗ୍ୟବଶତଃ ଆମ୍ବୁଲାନ୍ସରେ କେବଳ ଡ୍ରାଇଭର ଥିବାବେଳେ କୌଣସି ରୋଗୀ ନଥିଲେ। ଡ୍ରାଇଭରଙ୍କୁ ରାସ୍ତାରେ ଯାଉଥିବା କିଛି ଶିକ୍ଷକ ସୁରକ୍ଷିତ ଭାବେ ଆମ୍ବୁଲାନ୍ସରୁ ଉଦ୍ଧାର କରିଥିଲେ। ରାସ୍ତା ତଳେ ଥିବା ଗଛ ଓ ଲତା ମାଳ ଯୋଗୁ ଅଧିକ କ୍ଷତିଗ୍ରସ୍ତ ନ ହୋଇ ଆମ୍ବୁଲାନ୍ସଟି ଝୁଲି ରହିଥିଲା। ମୁଦୁଲି ପଡ଼ା ପୁଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ଉପସ୍ଥିତ ଜନ ସାଧାରଣଙ୍କ ସମେତ ଆମ୍ବୁଲାନ୍ସର ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପ୍ରକାଶ ଥାଉକି ସେହି ଆମ୍ବୁଲାନ୍ସରେ ଦୁଇଟି ଡ୍ରାଇଭରର ପ୍ରାବଧାନ ଥିବାବେଳେ ଗୋଟିଏ ଡ୍ରାଇଭର ଦିନରାତି କାମ କରିବା ଦ୍ୱାରା ଗାଡି ଚଲେଇବା ବେଳେ ଆଖି ଲାଗିଯାଇଥିବା ଜଣାପଡିଛି। ଏ ବିଷୟରେ ଆମେ ଠିକା ସଂସ୍ଥା ସୁପରଭାଇଜର ବାଳକୃଷ୍ଣ ଚୌଧୁରୀଙ୍କୁ ପଚାରିଥିଲୁ, ସେ କହିଥିଲେ ଆମ୍ବୁଲାନ୍ସରେ ଗୋଟିଏ ଡ୍ରାଇଭର ଥିବା କଥା ସତ । କିନ୍ତୁ ସେ କେବେ ଆମକୁ ନିଜ ଅସୁବିଧା ବିଷୟରେ ଜଣାଇ ନାହାନ୍ତି । ତେଣୁ ଆମେ ଜାଣିପାରିନାହୁଁ। ଘାଟି ରାସ୍ତାରେ ଗାର୍ଡ ୱାଲ୍ ବା ସୁରକ୍ଷା କାନ୍ଥ ଥିଲେ ଏଭଳି ଦୁର୍ଘଟଣାରୁ ଗାଡ଼ିଟି ବଞ୍ଚି ଯାଇଥାନ୍ତା ବୋଲି କୁହାଯାଉଛି।

## ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ



ମାଲକାନଗିରି, ୩୧।୧(ସମିସ): ମାଲକାନଗିରି ଜିଲ୍ଲା କଂଗ୍ରେସ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦୦ତମ ଜନ୍ମ ବାର୍ଷିକୀ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନରେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ତୈଳଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟା ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରଯାଇଥିଲା। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାର ବିକାଶ ସହ ମା'ମାଟି ପାଇଁ ତାଙ୍କର ଅବଦାନକୁ କଂଗ୍ରେସ କର୍ମୀ ମାନେ ମନେ ପକାଇବା ସହ ଦଳ ପ୍ରତି ତାଙ୍କର ଅବଦାନକୁ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଜି ଶ୍ରୀନିବାସ ରାଓ, ସମ୍ପାଦକ ପଦ୍ମ ପାଙ୍ଗି, ଜିଲ୍ଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ଅନୁଗୁ, ପର୍ଶୁ ଭକ୍ତ, ନବୀନ ଭୂପତି, କେଶୁ ରାଓ. ପ୍ରାଣକୃଷ୍ଣ ମଣ୍ଡଳ ପ୍ରମୁଖଙ୍କ ସହ ଅନ୍ୟ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

## ବିଶାଳ ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



ଅମ୍ବାଦଳା,୩୧।୧(ସମିସ): ବିଶାଳ ହିନ୍ଦୁ ସମ୍ମିଳନୀ ଅମ୍ବାଦଳା ଧର୍ମରକ୍ଷା ସମିତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅମ୍ବାଦଳା ତାରିଣୀ ମନ୍ଦିର ପରିସରରେ ସନ୍ଧ୍ୟା ସମୟରେ ଅନୁଷ୍ଠିତ ହୋଇଥିବା ବେଳେ ଏହି ସମ୍ମିଳନୀର ସଫଳତା ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକା ଯାଇଥିବା ବେଳେ ଅଞ୍ଚଳର ଧର୍ମପ୍ରେମୀ ମାନେ ଯୋଗ ଦେଇଥିଲେ। ଫେବୃଆରୀ ମାସ ୧ ତାରିଖ ଦିନ ବିଶାଳ ହିନ୍ଦୁ ସମ୍ମିଳନୀ କରାଯିବା ପାଇଁ ସ୍ଥିର କରାଯାଇଥିବା ବେଳେ କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୁଇ ଶହରୁ ଅଧିକ ଲୋକ ଉପସ୍ଥିତ ରହିଥିବା ବେଳେ ସମ୍ମିଳନୀରେ ପ୍ରଭାତ ଫେରି, କଳସ ଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ, ପ୍ରବଚନ କାର୍ଯ୍ୟକ୍ରମ ରହିଥିବା ବେଳେ ୧୦ ହଜାର ଧର୍ମ ପ୍ରେମୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

## ୭୦ ଲକ୍ଷ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ

ବୈପାରିଗୁଡ଼ା,୩୧୧(ସମିସ): ଗତ କିଛି ଦିନ ହେବ ବୈପାରୀଗୁଡା ବ୍ଲକର ବିଭିନ୍ନ ସ୍ଥାନରେ ଚାଲିଛି ନୀଳ ଜହର ନଷ୍ଟ ଅଭିଯାନ । ଏହି ପେରିପ୍ରେକ୍ଷୀରେ ଆଜି ରାମଗିରି ଫାଣ୍ଡି ଅନ୍ତର୍ଗତ ବଡାଗୁଡା ଠାରେ ୧୦.୫ ଏକର ଜାଗାରେ ବେଆଇନ୍ ଭାବେ ଲଗାଯାଇଥିବା ୧୧ ହଜାର ଗଞ୍ଜେଇ ଗଛକୁ ପୋଡ଼ି ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୭୦ ଲକ୍ଷ ହେବ ବୋଲି ଜଣାପଡିଛି। ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆଙ୍କ ନେତୃତ୍ୱରେ ଆୟୋଜିତ ଏହି ଚଢ଼ାଉ ରେ ବୈପାରିଗୁଡା ଥାନା ଏସ୍‌ଆଇ ଧିରେନ୍ଦ୍ର ବାରିକ, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା ଏବଂ ବନବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ବୈପାରୀଗୁଡା ବ୍ଲକର ଅଧିକାଂଶ ଅଞ୍ଚଳ ଦୁର୍ଗମ ହୋଇଥିବାରୁ ଗଞ୍ଜେଇ ଚାଷ କରାଯାଉଥିବା ଜଣାପଡିଛି। ଏହି ଗଞ୍ଜେଇ ଚାଷ ନଷ୍ଟ କରିବା ପାଇଁ ଗ୍ରୀନ କ୍ଲିନ୍ ଅଭିଯାନ ଚାଲୁ ରହିବ ବୋଲି ଓଆଇସି ଡମ୍ବରୁଧର ବାତ୍ରିଆ ପ୍ରକାଶ କରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ବୈପାରିଗୁଡ଼ା,୩୧୧(ସମିସ): ବୈପାରିଗୁଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭଜମନ ଗୌଡ଼ଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ। କୋରାପୁଟ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଆଜି ନିଜ ଗାଁ ବୈପାରୀଗୁଡା ଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ୧୯୭୯ ମସିହାରୁ ୨୦୦୨ ମସିହା ଯାଏ ସରପଞ୍ଚ ରୂପେ ଦାୟିତ୍ୱରେ ରହି ବହୁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି। ପ୍ରଥମେ ଜନତା ଦଳ ଏବଂ ପରବର୍ତ୍ତୀ ସମୟରେ ବିଜେଡ଼ିର ଆଗଧାଡିର କର୍ମୀ ଭାବେ ବହୁ କାର୍ଯ୍ୟ କରିଯାଇଛନ୍ତି। ତାଙ୍କ ପରଲୋକରେ ବୈପାରିଗୁଡାରେ ଶୋକର ଛାୟା ଖେଳିଯାଇଛି।

### ● ଶାବର ଶ୍ରୀକ୍ଷେତ୍ରରେ ପୁଷ୍ୟାଭିଷେକ

## ସୁନାବେଶରେ ଦର୍ଶନ ଦେଲେ ମହାବାହୁ

 କୋରାପୁଟ,୩୧୧(ସମିସ): କୋରାପୁଟର ଶାବର ଶ୍ରୀକ୍ଷେତ୍ରର ଶ୍ରୀ ଜଗନ୍ନାଥ ମନ୍ଦିରରେ ଆଜି ପୁଷ୍ୟାଭିଷେକ ପାଳିତ ହୋଇଯାଇଛି। ତିଥି ଅନୁସାରେ ଆଜି ହେଉଛି ପୌଷ ପୂର୍ଣ୍ଣିମା, ତାହ ସହିତ ପୁଷ୍ୟା ନକ୍ଷତ୍ର। ବିଶ୍ୱାସ ରହିଛି ଯେ, ଆଜିର ଦିନରେ ଜଗତର ନାଥ ଜଗନ୍ନାଥଙ୍କୁ ରାଜା ଭାବେ ଅଭିଷେକ କରାଯାଇଥିଲା। ପ୍ରାତଃ କାଳରୁ ସମସ୍ତ ନୀତି କାରାଯାଇଥିଲା।ମଙ୍ଗଳ ଆଳତି,ସକାଳବେଶ,ବାଲଭୋଗ ପରେ ମହାପ୍ରଭୁଙ୍କ ବେଶ ଆରମ୍ଭ ହୋଇଥିଲା। ଶାବର ଶ୍ରୀକ୍ଷେତ୍ରରେ ସକାଳ ୯ ଘଣ୍ଟା ପରେ ତ୍ରିମୂର୍ତ୍ତିଙ୍କର ରାଜରାଜେଶ୍ୱର ବେଶ କରାଯାଇଥିଲା।ମହାପ୍ରଭୁ ଧନୁ ତୀରରେ ସଜ୍ଜିତ ହୋଇ ଶବର ରାଜା ଭଳି ଦର୍ଶନ ଦେଇଛନ୍ତି।ବର୍ଷକୁ ୫ଥର ରାଜରାଜେଶ୍ୱର ବେଶ ମହାପ୍ରଭୁ ଜଗନ୍ନାଥଙ୍କର ହୋଇଥିବା ବେଳେ ଆଜିର ଦିନରେ ଏହି ବେଶର ସ୍ୱତନ୍ତ୍ରତା ରହିଛି। ମହାପ୍ରଭୁଙ୍କର ଏହି ଦିବ୍ୟଦୁର୍ଲଭ ସୁନାବେଶ ବେଶ ଦେଖିବା ପାଇଁ ଭକ୍ତଙ୍କ ମଧ୍ୟରେ ଅନେକ ଆଗ୍ରହ ଥିବା ପରିଲିଖିତ ହୋଇଛି। ଏହି ଅବସରରେ ନାମ ସଙ୍କୀର୍ତ୍ତନ ଦିନ ତମାମ ଚାଲିଥିଲା।



### ● ବାଲ୍ୟ ବିବାହ ରୋକିବାରେ ବିଫଳ

## ବିବାହିତା ନାବାଳିକା ଗର୍ଭବତୀ

ବନ୍ଧୁଗାଁ,୩୧୧ (ସମିସ): ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ପାଇଁ ସରକାରୀ ବିଭାଗ ସମେତ ଏକାଧିକ ସ୍ୱେଚ୍ଛାସେବୀ ସଂଗଠନ କାର୍ଯ୍ୟ କରୁଛନ୍ତି। କିନ୍ତୁ ତାହା ଶତ ପ୍ରତିଶତ ସଫଳ ହେଇ ପାରୁନି। ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକ ସହର ତଳି କିମ୍ବା ସହର ନିକଟରେ ଥିବା କିଛି ଅଞ୍ଚଳରେ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରି ଦାୟିତ୍ୱ ସାରି ଦେଉଛନ୍ତି। କିନ୍ତୁ ଉପାନ୍ତ ଦୁର୍ଗମ ଗ୍ରାମାଞ୍ଚଳରେ ଆଜି ମଧ ସଚେତନତାର ଅଭାବ ଯୋଗୁଁ ବାଲ୍ୟ ବିବାହ ବନ୍ଦ ହେଇ ପାରୁନି। ବର୍ତମାନ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ଏକ ଗାଁରେ ବାଲ୍ୟ ବିବାହ ପରେ ୧୩ ବର୍ଷର ଜଣେ ନାବାଳିକା ୬ ମାସର ଗର୍ଭବତୀ ହୋଇଥିବା ଜଣା ପଡ଼ିଛି। ଏହା ପ୍ରଘଟ ହେବା ପରେ ସମ୍ପୃକ୍ତ ବିଭାଗ ଗୁଡ଼ିକର ଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବନ୍ଧୁଗାଁ ବ୍ଲକ କମ୍ବୁଗଣ୍ଡା ପଞ୍ଚାୟତର ଜଣେ ୧୩ ବର୍ଷର ନାବାଳିକା ଘରୋଇ କାମ ସହିତ ବାହାରକୁ ଦାଦନ ଯାଉଥିଲେ। କିଛି ମାସ ପୂର୍ବରୁ ଉଭୟ ପରିବାରର ସହମତିରେ ନାବାଳିକାଙ୍କ ସହିତ ଜାଗୁଗୁଡା ପଞ୍ଚାୟତ ପାର୍ତ୍ତିଙ୍ଗୀ ଗ୍ରାମର ୧୭ ବର୍ଷର ନାବାଳକଙ୍କ ସହିତ ବିବାହ ହୋଇଥିଲା। ନାବାଳିକା ଜଣକ ଗର୍ଭବତୀ ହେବା ପରେ ବିବାହ ବିଷୟ ଉଭୟ ପରିବାର ଲୋକଙ୍କ ଜାଣତରେ ହୋଇ ଥିବା ଦାବି କରି ପରିବାର ଲୋକେ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀଙ୍କ ଠାରେ ଗର୍ଭବତୀ ପଞ୍ଜିକରଣ କରିବାକୁ ଯାଇ ଥିଲେ। ଏହାକୁ ନେଇ ଅଙ୍ଗନବାଡି କର୍ମୀ ଏଏନଏମଙ୍କ ନିକଟରେ ପହଞ୍ଚି ଟୀକାକରଣ କରିବା ପାଇଁ ଉଭୟ ପୁଅ ଝିଅଙ୍କୁ ସାକ୍ଷାତ କରାଇ ଥିଲେ। ଝିଅର ବୟସ ୧୩ ବର୍ଷ ହୋଇ ଥିବାରୁ ଅଙ୍ଗନବାଡି କର୍ମୀ ଏଏନଏମ ସୁପର ଭାଇଯରଙ୍କୁ ଅବଗତ କରାଇଥିଲେ। ଏଏନଏମ ଜଣକ ଗର୍ଭ ନଷ୍ଟ କରିବାକୁ କହିବାରୁ ଝିଅର ମାଆ ବିରକ୍ତି ପ୍ରକାଶ କରି ଝିଅକୁ ନିଜ ଘରକୁ ନେଇ ଯାଇଥିଲେ। ବର୍ତ୍ତମାନ ନାବାଳିକା ଜଣକ ୬ ମାସର ଗର୍ଭବତୀ ଥିବା ବେଳେ ସେ ବାପା ମାଆଙ୍କ ପାଖରେ ରହୁଛନ୍ତି। ଏ ବିଷୟରେ ସ୍ଥାନୀୟ ସି ଡି ପି ଓ ଗୀତାଞ୍ଜଳୀ ମହାରଣା ଗଣମାଧ୍ୟମକୁ ଜଣାଇଥିଲେ। ଏହାର ସତ୍ୟତା ଜାଣିବା ପାଇଁ ଅଙ୍ଗନବାଡି ସୁପର ଭାଇଜର ଲିଲି ରାଣୀ ପଣ୍ଡା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ଫୋନରେ ଯୋଗାଯୋଗ କରିବାରୁ ନାବାଳିକା ୬ ମାସ ଗର୍ଭବତୀ ଥିବା ପ୍ରକାଶ କରିଛନ୍ତି।

## ମେଡିକାଲ କଲେଜ ଲିଫ୍ଟରେ ଫସିରହିଲେ ରୋଗୀ

କୋରାପୁଟ,୩୧୧(ସମିସ): ଲିଫ୍ଟ ଯୋଗେ ଉପର ମହଲାକୁ ଯିବା ବେଳେ ଅଚାନକ ବିଦ୍ୟୁତ୍ ଚାଲିଯିବା କାରଣରୁ ରୋଗୀ ଓ ସମ୍ପର୍କୀୟ ୧୫ ମିନିଟ କାଳ ଲିଫ୍ଟରେ ଫସି ରହିଲେ। ହସ୍ପିଟାଲ ଅଧୀକ୍ଷକ ସୂଚନା ପାଇ ଇଞ୍ଜିନିୟର ଟିମ ପଠାଇବା ପରେ ରୋଗୀ ଓ ସମ୍ପର୍କୀୟଙ୍କୁ ଉଦ୍ଧାର କରିଥିଲେ। ଏଭଳି ଘଟଣା ଘଟିଛି କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ। ସୂଚନା ଅନୁଯାୟୀ କୋରାପୁଟ ସହରର ଭୀମସେନ ସାଁ (୮୧) ଶନିବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ହସ୍ପିଟାଲ ଯାଇଥିଲେ। ଉପର ମହଲାରେ ଥିବା ମେଡିସିନ ବିଭାଗକୁ ଯିବା ପାଇଁ ସେ ଓ ସମ୍ପର୍କୀୟ ଲିଫ୍ଟରେ ପଶି ସୁଇଚ ଦେବା ପରେ ଅଧା ବାଟରେ ବିଦ୍ୟୁତ ଚାଲି ଯିବାରୁ ଉଭୟେ ମଝିରେ ଲିଫ୍ଟ ଭିତରେ ରହିଗଲେ। ଭୀମସେନଙ୍କ ସମ୍ପର୍କୀୟ ଜୋରରେ ପାଟି କରି ଘଟଣା ଜଣାଇବା ପରେ ନିକଟରେ ଥିବା କେତେକ ଲୋକ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଇଞ୍ଜିନିୟର ଟିମ୍ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ।

## ଯୁବତୀର ସନ୍ଦେହଜନକ ମୃତ୍ୟୁ

ବୈପାରିଗୁଡ଼ା,୩୧୧(ସମିସ): ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ। ମୃତକ ୨୩ ବର୍ଷୀୟା କମଳି ଖିଲ। ବୈପାରୀଗୁଡା ବ୍ଲକର ମାଠପଡା ପଞ୍ଚାୟତର ନିଶନାପାକନା ଗ୍ରାମର ଘଟିଛି ଏଭଳି ଘଟଣା। ନିଶନାପାକନା ଗାଁର ଭଗବାନ ଖିଲଙ୍କ ୨୩ ବର୍ଷୀୟା ଝିଅ କମଳି ଖିଲ ଉକ୍ତ ଗ୍ରାମର ସମ୍ପର୍କୀୟ ଘନ ପାଙ୍ଗିଙ୍କ ଘରେ ରହି ଆସୁଥିଲେ। ଆଜି ସକଳେ ରହୁଥିବା ଘର ନିକଟରେ ଥିବା କେନ୍ଦୁଗଛ ଡାଳରେ ବେକରେ ଚୁନି ଲଗାଇ ସେ ଆତ୍ମହତ୍ୟା କରିଥିବା ନେଇ ଖବର ପାଇବା ପରେ ଝିଅର ବାପା ଘଟଣା ସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଝିଅ କମଳିର ମୃତଦେହ ଗଛ ତଳେ ପଡ଼ି ରହିଛି । ଯାହାକୁ ନେଇ ଝିଅର ବାପା ସନ୍ଦେହ କରି ବୈପାରୀଗୁଡା ଥାନାରେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏତଲା ଅନୁଯାୟୀ ବୈପାରିଗୁଡା ପୁଲିସ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ପୁଲିସ ସୂଚନା ଦେଇଛି।

## ବୁଥସ୍ତରୀୟ ଅଧିକାରୀଙ୍କୁ ତାଲିମ

ଡାବୁଗାଁ, ୩୧୧(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଶନିବାର ଅପରାହ୍ନରେ ବୁଥସ୍ତରୀୟଅଧିକାରୀ ମାନଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୋଟରଙ୍କର ଭୋଟ ପରିଚୟ ପତ୍ରରେ ଯାହାର କ୍ରାପ୍ଟ ଫଟୋ ରହିଛି, ସେଗୁଡିକ ଅନ୍‌ଲାଇନରେ ଅପ୍‌ଲୋଡ କରି ବଦଳାଇବା ଓ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଶୀଘ୍ର ଶେଷ କରିବା ଉପରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ତାଲିମ ଦିଆଯାଇଥିଲା କ୍ଷ ଏଥିରେ ଉପଜିଲାପାଳ କାର୍ଯ୍ୟାଳୟର ନରସିଂ ପାଣିଗ୍ରାହୀ ଓ ପ୍ରକାଶ ଚନ୍ଦ୍ର ପଣ୍ଡା ପ୍ରମୁଖ ତାଲିମ ଦେଇଥିଲେ କ୍ଷ ଏଥିରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ସୁପରଭାଇଜର ଧନସିଂ ତନ୍ତୀ, ବିକାଶ ରଞ୍ଜନ ନିଶଙ୍କ, ରତିକାନ୍ତ ନାୟକ, ରାଇସିଂ ପୂଜାରୀ ଓ ୬୩ ଜଣ ବୁଥ ସ୍ତରୀୟ ଅଧିକାରୀ ମାନେ ତାଲିମ ନେଇଥିଲେ








## ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବେ ହିମେଶ

ସୁନାବେଡ଼ା,୩୧୧ (ସମିସ): ସୁନାବେଡା ମିଗ୍ ନଗରୀ ସ୍ଥିତ ଏରୋନଟିକସ ଡିଏଭି ଉଚ୍ଚ ବିଦ୍ୟାଳୟର ଛାତ୍ର ହିମେଶ ମାଣ୍ଡିଙ୍ଗି କୋରାପୁଟ ଜିଲ୍ଲାରୁ ଏକମାତ୍ର ଖେଳାଳୀ ଭାବେ ହରିୟାଣାର ପାନିପଥ ଠାରେ ହେବାକୁ ଥିବା ଜାତୀୟ ବିଦ୍ୟାଳୟ କ୍ରୀଡାରେ ଅଂଶଗ୍ରହଣ ପାଇଁ ୧୭ ବର୍ଷରୁ କମ୍ (ବାଳକ) ଫୁଟବଲ୍ ଦଳକୁ ଚୟନ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ ୬୯ ତମ ଜାତୀୟ ସ୍କୁଲ ଫୁଟବଲ୍ ଖେଳ, ୧୭ ବର୍ଷରୁ କମ୍ (ବାଳକ) ଚଳିତ ମାସ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ହରିୟାଣାର ପାନିପଥ ଠାରେ ଅନୁଷ୍ଠିତ ହେବ। ଓଡ଼ିଶାର ମନୋନୀତ ଖେଳାଳି ଏବଂ ପରିଚାଳକ, ପ୍ରଶିକ୍ଷକମାନେ ୯ ତାରିଖରେ ବଲାଙ୍ଗୀର ଜିଲ୍ଲା କେଓମାଳ ଅପ୍ ଗ୍ରେଡେଡ୍ ହାଇସ୍କୁଲର ଶାରୀରିକ ଶିକ୍ଷା ଶିକ୍ଷକ ଏନ୍.ଏସ୍ ନାଇଡୁଙ୍କ ମାର୍ଗଦର୍ଶନରେ ଜାତୀୟସ୍ତରର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯାତ୍ରା କରିବେ। ଏହି ସଫଳତା ପାଇଁ ଏ ଡିଏଭି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଜେନା ଓ ଶାରୀରିକ ଶିକ୍ଷା ଶିକ୍ଷକ ସନ୍ଦୀପ ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ହିମେଶ ମାଣ୍ଡିଙ୍ଗିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଇପିଏଫ୍ ପେନ୍‌ସନର୍ସ ମହାସଂଘ ବୈଠକ


ଜୟପୁର, ୩୧।୧(ସମିସ): କୋରାପୁଟ ଜିଲ୍ଲା ଇପିଏଫ ପେନସନର୍ସ ମହାସଂଘ ପକ୍ଷରୁ ଆଜି ବୈଠକ ଅନୁଷ୍ଠିତ ହୋଇଥିଲା। ମହାସଂଘର ସଭାପତି ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅଧ୍ୟକ୍ଷତାରେ ଏହି ବୈଠକରେ ପେନସନଧାରୀ ମାନଙ୍କ ଦୀର୍ଘ ବର୍ଷ ହେଲାଣି ଦାବିକୁ ସରକାର ଅଣଦେଖା କରୁଛନ୍ତି , ତେଣୁ ଆସନ୍ତା ୮ ତାରିଖ ଠାରୁ କୋରାପୁଟ ଠାରେ ମହାସଂଘର ସଦସ୍ୟ ମାନେ ମିଳିତ ଭାବେ ଧାରଣା ଦେବାକୁ ନିଷ୍ପତି ନେଇଛନ୍ତି। ଦୀର୍ଘ ବର୍ଷ ଧରି ଇପିଏଫ୍ ପେନସନର୍ସ ମହାସଂଘ ପକ୍ଷରୁ ସର୍ବନିମ୍ନ ମାସିକ ୯ ହଜାର ଟଙ୍କା ପେନସନ ଦାବି କରୁଛନ୍ତି । ଚାକିରି ଜୀବନକାଳରେ ପ୍ରାୟ ୪୦ ବର୍ଷ ଧରି ଇପିଏଫ୍ ପେନସନର୍ସ ପାଣ୍ଠିକୁ ଶ୍ରମିକ କର୍ମଚାରୀ ମାନେ ଦେୟ ଦେବା ସତ୍ତ୍ୱେ ଅବସର ଗ୍ରହଣ ପରେ ମାତ୍ର ଏକ ହଜାରରୁ ସର୍ବାଧିକ ୪ ହଜାର ଟଙ୍କା ପେନସନ ପ୍ରଦାନ କରାଯାଉଛି। କିନ୍ତୁ ଅନେକ ରାଜ୍ୟ ସରକାର ବାର୍ଦ୍ଧକ୍ୟ ଭତ୍ତା ଷାଠିଏ ବର୍ଷ ପରେ ମାସିକ ୩ ହଜାର ପେନସନ ପ୍ରଦାନ କରୁଛନ୍ତି। କେନ୍ଦ୍ର ସରକାର ବାରମ୍ବାର ବହୁବାର ପେନସନ କଥା ବିଚାର କରିବା ପାଇଁ ଆଶ୍ୱସନା ଦେଉଛନ୍ତି। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଏହିପରି ସର୍ବଭାରତୀୟ ସ୍ତରରେ ଇପିଏଫ୍ ପେନସନର୍ସ ମହାସଂଘ ରାଜଧାନୀ ଦିଲ୍ଲୀର ଯନ୍ତରମନ୍ତର ଠାରେ ଧାରଣା ଜାରି ରଖିଛନ୍ତି। ଏହିପରି ସାରାଦେଶରେ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଆଗାମୀ ୮ ତାରିଖ ଦିନ ଦେଶର ସମସ୍ତ ଜିଲ୍ଲାପାଳଙ୍କ କାର୍ଯାଳୟ ସମ୍ମୁଖରେ ଧାରଣା ଦିଆଯିବ। ଏହିପରି ମହଙ୍ଗା ଭତ୍ତା, ସ୍ୱାସ୍ୟ ବୀମା ସୁବିଧା କିମ୍ବା ଆୟୁଷ୍ମାନ ଯୋଜନାରେ ସାମିଲ । ଦେଶର ସର୍ବୋଚ୍ଚ ନ୍ୟାୟଳୟର ନିର୍ଦ୍ଦେଶ କ୍ରମେ ବର୍ଦ୍ଧିତ ହାରରେ ପେନସନ ପାଇଁ ସମସ୍ତଙ୍କୁ ସୁଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ନେଇ ବୈଠକରେ ପ୍ରକାଶ କରଯାଇଥିଲା। ଏହି ବୈଠକରେ ସଂଘର ବରିଷ୍ଠ ସଦସ୍ୟ ପ୍ରମୋଦ ମହାନ୍ତି, ବସନ୍ତ ବେହେରା,କିଶୋର ଚନ୍ଦ୍ର ପଣ୍ଡା, ପ୍ରହ୍ଲାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ।









# ସଦାଶିବ ପ୍ରଧାନୀଙ୍କ ହସ୍ତକ୍ଷେପ ପରେ ଉଠିଲା ଧାନ



ନବରଙ୍ଗପୁର/ନନ୍ଦାହାଣ୍ଡି,୩।୧(ସମିସ): ମଣ୍ଡିରେ ପଡ଼ିଛି ଚାଷୀଙ୍କ ହଜାର ହଜାର ବସ୍ତା ଧାନ। ମିଲରଙ୍କ ଦେଖା ନାହିଁ। ମଣ୍ଡିରୁ ଧାନ ଉଠିପାରୁନି। ଫଳରେ 'ସକାଳ' ପ୍ରହରରୁ ମଣ୍ଡିକୁ ଆସି ଶତାଧିକ ଚାଷୀ ହଇରାଣ ହେଉଛନ୍ତି। ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସିନ୍ଧିଗୁଡା ମଣ୍ଡିରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଯାହାକୁ ନେଇ ଶତାଧିକ ଚାଷୀ ସିନ୍ଧିଗୁଡା-ନବରଙ୍ଗପୁର-ଡଙ୍ଗର ଭେଜା ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଛନ୍ତି। ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଚାଷୀଙ୍କୁ ସମର୍ଥନ ଜଣାଇଛନ୍ତି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସିନ୍ଧିଗୁଡା ଠାରେ ଆଜି ଧାନ ମଣ୍ଡି ଥିଲା। ଅଞ୍ଚଳର ଶତାଧିକ ଟୋକେନ ପାଇଥିବା ଚାଷୀ ମଣ୍ଡିକୁ ଧାନ ବିକ୍ରୟ କରିବାକୁ ଆଣିଥିଲେ। ଶତାଧିକ ଚାଷୀଙ୍କ ପ୍ରାୟ ୫ ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ମହଜୁଦ ହୋଇ ରହିଛି। ହେଲେ ଦୁଃଖର ବିଷୟ ମିଲର ଆସିନଥିବା ଯୋଗୁଁ ଚାଷୀଙ୍କ ଧାନ ଉଠିପାରିନଥିବା ଜଣାପଡିଛି। ଯାହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଶତାଧିକ ଚାଷୀ ସିନ୍ଧିଗୁଡା -ନବରଙ୍ଗପୁର ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଛି। ସରକାର ଧାନ କିଣୁଛନ୍ତି ନା ମିଲର ଧାନ କିଣୁଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ସକାଳ ପ୍ରହରରୁ ନିଜ ଅମଳ ଧାନ ମଣ୍ଡିରେ ଆଣି ଚାଷୀ ପକେଇ ରଖିଛନ୍ତି। ହେଲେ ଅପରାହ୍ନ ୫ ଘଣ୍ଟା ପର୍ଯ୍ୟନ୍ତ କୌଣସି ଚାଷୀଙ୍କ ଧାନ ମଣ୍ଡିରୁ ଉଠିନଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଶତାଧିକ ଚାଷୀ ଭୋକ ଉପାସରେ ଅପେକ୍ଷା କରି ହଇରାଣ ହେଉଛନ୍ତି । ନବରଙ୍ଗପୁର ପୂର୍ବତନ ବିଧାୟକ ଶ୍ରୀ ପ୍ରଧାନୀ ଚାଷୀଙ୍କ ସମସ୍ୟା ନେଇ ଧାନ କେମିତି ଉଠିବ ସେନେଇ ପ୍ରଶାସନ ସହ ଆଲୋଚନା କରିଛନ୍ତି। ଅନ୍ୟପଟେ ମଣ୍ଡିରେ ପଡ଼ିଥିବା ଶତାଧିକ ଚାଷୀଙ୍କ ଧାନ ଉଠେଇବା ଦିଗରେ ପ୍ରଶାସନ ତଥା ସରକାର ବ୍ୟବସ୍ଥା ନକଲେ ପରିଣାମ ଭୋଗିବା ନେଇ ମଧ୍ୟ ସୂଚେଇ ଦେଇଛନ୍ତି। ଏନେଇ ନନ୍ଦାହାଣ୍ଡି ଯୋଗାଣ ନିରୀକ୍ଷକ ସଞ୍ଜୀବ କୁମାର ମାଝୀଙ୍କୁ ଯୋଗାଯୋଗ କରିବାରୁ ସନ୍ଧ୍ୟା ସୁଦ୍ଧା ଧାନ ଉଠେଇବା ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି। ତେବେ ସନ୍ଧ୍ୟାରେ ଚାଷୀଙ୍କ ଧାନ ଉଠିଥିବା ସୂଚନା ମିଳିଛି। ଶେଷରେ ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ହସ୍ତକ୍ଷେପ ପରେ ସିନ୍ଧିଗୁଡା ମଣ୍ଡିରୁ ଉଠିଲା ଚାଷୀଙ୍କ ଧାନ ବୋଲି ଚାଷୀଙ୍କ ମହଲରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି।

# ମକିଆ ମଣ୍ଡିରେ ଅବ୍ୟବସ୍ଥା, ୧୦ଦିନ ହେଲା ଉଠୁନି ଧାନ



> ସମସ୍ୟା ନ ବୁଝି ଧାରଣାସ୍ଥଳରୁ ଚାଲିଗଲେ ନବରଙ୍ଗପୁର ବିଧାୟକ
> ଚାଷୀଙ୍କ ସହ ବସିରହିଲେ ଡାବୁଗାଁ ବିଧାୟକ

ପାପଡାହାଣ୍ଡି ,୩।୧ (ସମିସ): ମୁଣ୍ଡ ଝାଳକୁ ତୁଣ୍ଡରେ ମାରି ୬ ମାସ ଖରା ବର୍ଷା ଏବଂ ଶୀତରେ ନିଜ ଉପାର୍ଜିତ ଫସଲକୁ ଉଚିତ ମୂଲ୍ୟରେ ବିକ୍ରୟ କରିବାକୁ ନାକେଦମ୍ ହେଲେଣି ଚାଷୀ। ଦୀର୍ଘ ୧୦ ଦିନ କାଳ ମଣ୍ଡିରେ ଧାନ ରଖି ଶୀତ କାକରରେ ନିଜ ଉପାର୍ଜିତ ଧାନକୁ ଜଗିରହିଛନ୍ତି ଚାଷୀକୁଳ । ମକିଆ ଆର୍‌ଏମସି ଗୋଦାମରେ ହଜାର ହଜାର ପ୍ୟାକେଟ୍ ଧାନ ପଡିରହିଛି। କିନ୍ତୁ ଜିଲ୍ଲା ପ୍ରଶାସନର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁନାହିଁ। ବହୁବାର ଲ୍ୟାମ୍ପସ କାର୍ଯ୍ୟାଳୟ ଏବଂ ଯୋଗାଣ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ ସମସ୍ୟା ସମାଧାନର ବାଟ କେହି କଲେ ନାହିଁ। ଯଦ୍ୱାରା ଚାଷୀଙ୍କ ଧର୍ଯ୍ୟର ସୀମା ରହିଲା ନାହିଁ। ଏଣୁ ବାଧ୍ୟ ହୋଇ ମକିଆ ସରପଞ୍ଚ ଜଗତ୍‌ଜୀବନ ନାୟକ, ବରିଷ୍ଠ ଚାଷୀ ଭାସ୍କର ବିଷୋୟୀ , ଜଗଦୀଶ ବିଷୋୟୀ ଙ୍କ ନେତୃତ୍ୱରେ ଶହ ଶହ ଚାଷୀ ଆଜି ଦିନ ୧୨ରୁ ଅପରାହ୍ନ ତିନି ଘଣ୍ଟା ପର୍ଯ୍ୟନ୍ତ ପାପଡାହାଣ୍ଡି ଠାରୁ କସାଗୁମୁଡା ରାସ୍ତାକୁ ତିନି ଘଣ୍ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ରାସ୍ତାରୋକ୍ ସମୟରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ କୌଣସି କାର୍ଯ୍ୟକ୍ରମ ଯୋଗ ଦେବାପାଇଁ ସେହି ରାସ୍ତା ଦେଇଯାଉଥିବା ସମୟରେ କିଛି ସମୟ ଚାଷୀଙ୍କ ସହ ଆଲୋଚନା କରିଥିଲେ ଏବଂ ଜିଲ୍ଲା ପ୍ରଶାସନ ସହ ଫୋନ ମାଧ୍ୟମରେ କଥା ହୋଇଥିଲେ। ସମସ୍ୟାର ସମାଧାନ ଖୁବ ଶୀଘ୍ର କରାଯିବ କହି ଚାଲିଯାଇଥିଲେ। ସେହି ସମୟରେ ଚାଷୀମାନେ ବିଧାୟକଙ୍କୁ ନିବେଦନ କରିଥିଲେ ଯେ ଜିଲ୍ଲାସ୍ତରୀୟ କୌଣସି ଅଧିକାରୀ ଆସିବା ପର୍ଯ୍ୟନ୍ତ ଆମ ସହ ସହଯୋଗ କରନ୍ତୁ । କିନ୍ତୁ ବିଧାୟକ ଜରୁରୀ କାମ ଅଛି କହି ଚାଲିଯାଇଥିଲେ। ଏହି ଘଟଣାଟି ବହୁତ ବ୍ୟଥିତ କରିଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହାପରେ ଡାବୁଗାଁ ବିଧାୟକ ମୋନହର ରନ୍ଧାରୀ ଘଟଣା ସ୍ଥଳକୁ ପହଞ୍ଚି ରାସ୍ତାରୋକ୍‌କୁ ତୀବ୍ରତର କରିଥିଲେ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ଚାଷୀଙ୍କ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଧାରଣା ଜାରିରହିବ ବୋଲି ଚେତାଇ ଦେଇଥିଲେ। ଜିଲ୍ଲା ସ୍ତରୀୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ପ୍ରତିଦିନ ତିନି ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ଧାରଣାରୁ ଚାଷୀ ଓହରି ଯାଇଥିଲେ। ପ୍ରକାଶ ଥାଉକି ଜିଲ୍ଲା ପ୍ରଶାସନ ଗତ ମାସ ୧୭ ତାରିଖରେ ଜିଲ୍ଲାରେ ଧାନ କ୍ରୟକରିବାକୁ ମଣ୍ଡିର ଉଦ୍‌ଘାଟନ କରିଥିଲେ। ମକିଆ ମଣ୍ଡି ସପ୍ତାହ ଦୁଇଦିନ ହୋଇଥାଏ। ଗତ ସପ୍ତାହରେ ୧୮୮୧୭ ପ୍ୟାକେଟ୍ ଧାନ ମଣ୍ଡିକୁ ଆସିଥିଲା। ସେଥିରୁ ମାତ୍ର ୩୦୦୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା ଏବଂ ବଳକା ୫୦୦୦ କ୍ୱିଣ୍ଟାଲ ଧାନ କ୍ରୟ ହୋଇନପାରି ମଣ୍ଡିରେ ପଡ଼ିରହିଛି । ଆଜି ଯେଉଁ ଚାଷୀଙ୍କ ଟୋକନ ଅଛି ସେମାନେ ପାଖାପାଖି ୧୫୦ ଟ୍ରାକ୍ଟର ଏବଂ ପିକ୍‌ଅପ୍ ଗାଡ଼ି ମାଧ୍ୟମରେ ଧାନ ଆଣିଛନ୍ତି । କିନ୍ତୁ ଆର୍‌ଏମ୍‌ସି ପରିସରରେ ଧାନ ରଖିବାକୁ ଜାଗା ନାହିଁ। ଏଣୁ ଚାଷୀ ବାଧ୍ୟ ହୋଇ ରାସ୍ତାର ଉଭୟ ପାର୍ଶ୍ୱରେ ଧାନ ବାଝେଇ ଗାଡିକୁ ଅସୁରକ୍ଷିତ ଭାବେ ଜଗିରହିଛନ୍ତି। ଦିନରେ ଚାଷୀ ଜଗିରହିବେ। କିନ୍ତୁ ରାତିରେ ରାସ୍ତା କଡ଼ରେ ଜଗିରହିବା ବହୁ କଷ୍ଟ ବୋଲି ଚାଷୀ କହିଛନ୍ତି। ଆରଏମ୍‌ସି ଗୋଦାମକୁ ଲାଗି ଜଙ୍ଗଲ ଥିବା ଯୋଗୁଁ ସେହି ରାସ୍ତା ଦେଇ ନିତି ହିଂସ୍ର ଜନ୍ତୁଙ୍କ ଯିବା ଆସିବା ବାଟ । ଯଦି କୌଣସି ଚାଷୀଙ୍କୁ ହିଂସ୍ର ଜନ୍ତୁ କ୍ଷୟକ୍ଷତି କରେ ତାହେଲେ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ଚାଷୀ ଚେତାଇ ଦେଇଛନ୍ତି।

## ଦୁର୍ଘଟଣାରେ ବାଳକଙ୍କ ମୃତ୍ୟୁ

ଉମରକୋଟ,୩।୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ବେହେଡା ଛକ ନିକଟରେ ଆଜି ଏକ ହୃଦୟବିଦାରକ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ୧୪ ବର୍ଷ ବୟସର କିଶୋରଙ୍କର ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ, ଲିମାଗୁଡା ରାସ୍ତା ଦେଇ ଗୋଟିଏ ଟ୍ରାକ୍ଟର ଆସୁଥିବା ସମୟରେ ରାଇଘର ଦିଗରୁ କବାଡି ସାମଗ୍ରୀ ଆଣି ଉମରକୋଟ ଅଭିମୁଖେ ଯାଉଥିବା ଗୋଟିଏ ବାଇକ୍ ପଛଦିଆରୁ ଟ୍ରାକ୍ଟର ସହିତ ଧକ୍କା ଖାଇଥିଲା। ଦୁର୍ଘଟଣାରେ ବାଇକ୍‌ରେ ଥିବା ୧୪ ବର୍ଷୀୟ କିଶୋର ତଳେ ପଡ଼ି ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ତାଙ୍କ ସହ ଥିବା ଜଣେ ମହିଳା ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ପରେ ବେହେଡା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଆମ୍ବୁଲାନ୍ସକୁ ଡାକିଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ଗ୍ରାମବାସୀ ଗେଟ୍ ଅଟୋ ଯୋଗେ ଆହତକୁ ଉମରକୋଟ ମେଡିକାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦୁର୍ଘଟଣାର କାରଣ ଓ ଦାୟୀଙ୍କୁ ଚିହ୍ନଟ କରିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

● ଚିକେନ୍ ଦରକୁ ନେଇ ବିବାଦ ମାମଲା

# ଦୋକାନୀଙ୍କୁ ୭ ବର୍ଷ କାରାଦଣ୍ଡ

ଉମରକୋଟ,୩।୧(ସମିସ): ଚିକେନ ଦରକୁ ନେଇ ବିବାଦ ହିଂସାତ୍ମକ ରୂପ ନେବା ଏବଂ ଗ୍ରାହକଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଜଣେ ଦୋକାନୀଙ୍କୁ ୭ ବର୍ଷ କାରାଦଣ୍ଡ ହୋଇଥିବା ଜଣାପଡ଼ିଛି। ଉମରକୋଟ ସହାୟକ ଦୌରା ନ୍ୟାୟାଧୀଶ ଚିନ୍ମୟ ପାଢ଼ୀ ଏହି ଆଦେଶ ଦେଇଛନ୍ତି। ଘଟଣା ଘଟିଥିଲା ୨୭ ଅଗଷ୍ଟ ୨୦୨୨ ତାରିଖ ସକାଳେ ୯ଟା ବେଳେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡିଏନକେ ଛକ ଠାରେ ଥିବା ତାରକ ମଲିକଙ୍କ କୁକୁଡ଼ା ମାଂସ ଦୋକାନ ଠାରେ। ଗ୍ରାହକ ହିରଣ୍ମୟ ମଣ୍ଡଳ ତାରକର ଚିକେନ ଦୋକାନକୁ ଚିକେନ କିଣିବା ପାଇଁ ଯାଇଥିଲେ। ତାରକ କୁକୁଡା ମାଂସର କେଜି ଦର ୨୫୦ ଟଙ୍କା କହିବା ପରେ ହିରଣ୍ମୟ ଅନ୍ୟ ଦୋକାନରେ ୧୮୦ ରୁ ୨୦୦ ଦରରେ ବିକ୍ରି ହେଉଥିବା କଥା କହି ପ୍ରଶ୍ନ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ତାରକ ମଲ୍ଲିକ ଚିକେନ କାଟିବା ଛୁରି ଦ୍ୱାରା ହିରଣ୍ମୟଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆହତ ଲାଗିଥିଲା। ତାଙ୍କୁ ତୁରନ୍ତ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାମଲାର ଶୁଣାଣି କରି ବିଚାରପତି ତାଙ୍କୁ ୭ ବର୍ଷ କାରାଦଣ୍ଡ ଓ ୧୨ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଅର୍ଥଦଣ୍ଡର ରାଶି ଆହତଙ୍କୁ କ୍ଷତିପୂରଣ ଭାବେ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି କୋର୍ଟ। ପୂର୍ବରୁ ଜାମିନରେ ଥିବା ଅଭିଯୁକ୍ତ ତାରକଙ୍କୁ ରାୟ ପ୍ରକାଶ ପାଇବା ପରେ ଗିରଫ କରି ଜେଲକୁ ପଠାଇ ଦେଇଛି ପୋଲିସ। ଏହି ମୋକଦ୍ଦମାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ମନୋହର ମହାନ୍ତି ପରିଚାଳନା କରୁଥିଲେ।

■ ବିନା ନୋଟିସରେ କାର୍ଯ୍ୟରୁ ଛଟେଇ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସିକ୍ୟୁରିଟି ଗାର୍ଡ

କୋରାପୁଟ,୩।୧(ସମିସ): ବିନାନୋଟିସରେକାର୍ଯ୍ୟରୁଛଟେଇପ୍ରତିବାଦରେଅପରକୋଲାବ ଡ୍ୟାମ୍ ପ୍ରୋଜେକ୍ଟରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭୁବନେଶ୍ୱରର ଏକ୍ଟିଭ ସିକ୍ୟୁରିଟି ସର୍ଭିସେସ୍ ସଂସ୍ଥା ଦ୍ୱାରା ୨୦୧୩ ମସିହାରୁ ଅପର କୋଲାବ ଡ୍ୟାମ ପ୍ରୋଜେକ୍ଟରେ ସିକ୍ୟୁରିଟି ଗାର୍ଡ ଭାବରେ କାର୍ଯ୍ୟ କରୁଥିଲେ। କିନ୍ତୁ ସଂସ୍ଥା କର୍ତ୍ତୃପକ୍ଷ ପୂର୍ବରୁ କୌଣସି ନୋଟିସ ନଦେଇ ସେମାନଙ୍କୁ ବାହାର କରି ଦିଆଯାଇଥିବା ସିକ୍ୟୁରିଟି ଗାର୍ଡ ନିରଞ୍ଜନ ବାରିକ କହିଛନ୍ତି। ୨ ତାରିଖରେ ସଂସ୍ଥାର କାର୍ଯ୍ୟକାଳ ଶେଷ ହୋଇଥିବା ଯୋଗୁଁ ବିନା ନୋଟିସରେ ଅପର କୋଲାବ ହେଡ ୱାର୍କସ ଡିଭିଜନ ଦ୍ୱାରା ଛଟେଇ କରାଯାଇଛି। ସିକ୍ୟୁରିଟି ଗାର୍ଡ ମାନେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ତୁରନ୍ତ କାର୍ଯ୍ୟରେ ନିୟୋଜିତ କରିବାକୁ ନିବେଦନ କରିଛନ୍ତି। ବିଶ୍ୱନାଥ ହରିଜନ, ଡି ଖୋସଲା, ତ୍ରିନାଥ ଖରା, ସିମାଞ୍ଚଳ ସ୍ୱାଇଁ, ଗୋପୀନାଥ ଖୋସଲା ,ଖଗପତି ପୂଜାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



# ଜାମୁ ଗଛରେ ନିଆଁକୁ ନେଇ ଉତ୍ତେଜନା

ନନ୍ଦପୁର, ୩।୧ (ସମିସ): ନନ୍ଦପୁର ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିଚୂଆଁ ଗ୍ରାମ ମୁଖ୍ୟ ରାସ୍ତା କଡ଼ ହନୁମାନ ମନ୍ଦିର ପାଶ୍ୱର୍ରେ ଥିବ ପୁରୁଣା ଜାମୁ ଗଛରେ ନିଆଁ ଲାଗିବା ଘଟଣାକୁ ନେଇ ଆଜି ସକାଳେ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୂର୍ବାହ୍ନ ପ୍ରାୟ ସାଢେ ୮ଟା ସମୟରେ ଗଛରୁ ନିଆଁ ଓ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ନନ୍ଦପୁର ଅଗ୍ନିଶମ ବାହିନୀଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଏଏସଓ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱରେ ଅଗ୍ନିଯୋଦ୍ଧା ରଞ୍ଜନ ମଲ୍ଲିକ, ପ୍ରକାଶ କିଷାନ, ଥବିର ଭୋଇ, ଅମିତ କୁମାର ଦାସ ଓ ଦିଲେଶ୍ୱର ସେଠୀଆ ପ୍ରମୁଖ ଅଗ୍ନି ନିର୍ବାପକ ଗାଡ଼ି ଓ ଯନ୍ତ୍ରପାତି ସହ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ସ୍ଥାନୀୟ ଲୋକଙ୍କ ଅନୁମାନ ଅନୁସାରେ ଗତ ରାତିରେ କେହି ଅସାମାଜିକ ବ୍ୟକ୍ତି ଜାମୁ ଗଛରେ ନିଆଁ ଲଗାଇ ଦେଇଛି।



# ମୃତ ପୌର କର୍ମଚାରୀଙ୍କ ପରିବାରକୁ ୮ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ

ନବରଙ୍ଗପୁର,୩।୧(ସମିସ): ନବରଙ୍ଗପୁର ପୌର କଲୋନୀ ବାସିନ୍ଦା ମୁକୁନ୍ଦ ଜାନି ଏବଂ ତାଙ୍କ ପତ୍ନୀ ଲଣ୍ଡାଇ ଜାନି ଗତ ଅକ୍ଟୋବର ୩ ତାରିଖରେ ନବରଙ୍ଗପୁର ଠାରୁ ପାପଡାହାଣ୍ଡି ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥ-୨୬ର ତାରାଗାଁ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ପରିବାର ବହୁତ ଗରିବ। ପରିବାର ପୋଷଣ ଏବଂ ଜୀବନ ଜୀବିକା ସକାଶେ ସେମାନଙ୍କର ଅର୍ଥର ଅବଶ୍ୟକତା ରହିଥିଲା । ଏହାକୁ ଉପଲବ୍‌ଧ କରି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି, ମୃତ ମୁକୁନ୍ଦ ଜାନିଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସାହାଯ୍ୟ ପାଣ୍ଠି ତରଫରୁ ୮ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ମଞ୍ଜୁର କରିବା ସକାଶେ ଏକ ପତ୍ର ମାଧ୍ୟମରେ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ନବରଙ୍ଗପୁର ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ଅନୁକମ୍ପା ମୂଳକ ରାଶି ମଞ୍ଜୁର କରିବା ସକାଶେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ । ରାଜ୍ୟ ସରକାର ଏହାକୁ ଗୁରୁତର ସହିତ ବିଚାର କରି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପତ୍ର ସଂଖ୍ୟା ୪୫/୧.୧.୨୦୨୬ ପ୍ରକାରେ ଉକ୍ତ ଅନୁକମ୍ପା ମୂଳକ ରାଶି ମଞ୍ଜୁର କରିଛନ୍ତି ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ ନବରଙ୍ଗପୁର ପକ୍ଷରୁ ବିଭାଗୀୟ ଅଧିକାରୀ ତ୍ରିପତି ବାଲାଜୀ ସାହୁ ଆଜି ସୂଚନା ଦେଇଛନ୍ତି ।

# ନନ୍ଦପୁର ପ୍ରେସ୍ କ୍ଲବ୍‌ର ଶିକ୍ଷୟିତ୍ରୀ ଦିବସ ପାଳିତ



**୨୦ ଜଣ ଶିକ୍ଷୟିତ୍ରୀ ସମ୍ମାନିତ**

ନନ୍ଦପୁର,୩।୧ (ସମିସ): ଦେଶର ପ୍ରଥମ ଶିକ୍ଷୟିତ୍ରୀ ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ ଅବସରରେ ନନ୍ଦପୁର ପ୍ରେସ କ୍ଲବ୍ ପକ୍ଷର ଶିକ୍ଷୟିତ୍ରୀ ଦିବସ ପାଳିତ ହୋଇଯାଇଛି । ନନ୍ଦପୁର ସଦର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନନ୍ଦପୁର ବ୍ଲକ୍ ପ୍ରଥମ ମହିଳା ଶିକ୍ଷୟତ୍ରୀ ଫୁଲମଣି ବେନିଆ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ନନ୍ଦପୁର ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାଖାର ପରିଚଳିକା ବ୍ରହ୍ମକୁମାରୀ ବଡ଼ ଭଉଣୀ ସାବିତ୍ରୀ ଭଉଣୀ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ସହକାରୀ ଶିକ୍ଷାଧିକାରି ମାମତାଜ ଗମାଙ୍ଗ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କବିତା ନାଗ, କମଳା ପାଲି, ବ୍ରହ୍ମ କୁମାରୀ ମିତା ଭଉଣୀ, ପୂର୍ବତନ ବ୍ଲକ ଅଧକ୍ଷା ଲକ୍ଷ୍ମୀ ହନ୍ତାଳ, ପ୍ରମିଳା ସାହୁ, ଅଞ୍ଜୁଲତା ଗରଡ଼ା ପ୍ରମୁଖ ଯୋଗ ଦେଇ ଦେଶର ପ୍ରଥମ ମହିଳା ଶିକ୍ଷୟତ୍ରୀ ସାବିତ୍ରୀ ବାଇ ଫୁଲେଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ନନ୍ଦପୁର ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି ଓ ନନ୍ଦପୁର ବ୍ଲକ୍ କଂଗ୍ରେସ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ ଏ ନେଇ ବକ୍ତବ୍ୟ ରଖିଥିଲେ। ଶେଷରେ ନନ୍ଦପୁର ବ୍ଲକର ୨୦ ଜଣ ଶିକ୍ଷୟିତ୍ରୀଙ୍କୁ ସାବିତ୍ରୀ ବାଇ ଫୁଲେ ଶିକ୍ଷୟିତ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନନ୍ଦପୁର ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା ପରିଚାଳନା କରିଥିବା ବେଳେ ସମ୍ପାଦକ ରମେଶ କୁମାର ଅଧିକାରୀ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଢ଼ି, ହିରଣ୍ୟ ବିଶୋଇ, ଶ୍ରୀରାମ ଖରା ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉପ ସଭାପତି ବିମଳ ରାଓ ସ୍ମିଥ ଧନ୍ୟବାଦ୍ ଅର୍ପଣ କରିଥିଲେ।




# ଦିନେ ଦିନକର କଥା



ଗଂଗାଧର ବିଶ୍ୱାଳ



ଦିନକର କଥାଟି ଏମିତି ।

ଶୀତ ସରି ସରି ଆସୁଥାଏ ।

ପାଚିଲା ଧାନକ୍ଷେତର କିଆରି କିଆରି ହସ ଆଉ ହସ ।

ଚବରଚବର ପାଣିଚିଆ ପାଉଁଜିର ଓଡ଼ିଶୀ ଆଡୁଆଳରେ, ମଧୁ ମାଷ୍ଟ୍ରେଙ୍କ ଆଖି ହଳକ ବର୍ଛାର ଚକ୍‌ଚକ୍ ଧାରୁଆ ମୁହଁ । ଘରବାଡ଼ିରେ ଲତା ହେଇ ନଟେଇ ଯାଉଥାଏ, ମଧୁମାଳତୀ । ଫୁଲ୍‌ଫୁଲିଆ ଜହ୍ନରାତି ଆଉ ନିଛାଟିଆ ନିର୍ଜନତା ଦେଖୁଛି, ସାଧୁ ପଧାନର ଯୁବତୀ ଝିଅ ରଙ୍ଗଲତା । ତା' ଡେଣାରେ ଯୋଡ଼ି ଯାଇଛି, ଅପ୍‌ସରୀର ଆହୁଲା । ରାଜକୁମାର ଜଣେ, ପକ୍ଷୀରାଜ ଘୋଡ଼ା ଚଢ଼ି ଓହ୍ଲେଇ ଆସୁଛି । ଅଭିଆଡ଼ୀ ରଙ୍ଗଲତାର ଦେହରେ ବିବଶ ଜହ୍ନରାତିର ମାଦକତା ।

ଗାଁ ଶେଷ, ପୋଖରୀ । ପୋଖରୀର କାଚକେନ୍ଦୁ ପାଣିରେ ନୌ-ବିହାରରେ ବିଭୋର, ଦୁହେଁ ।

ତା'ପରେ । ଘଟଣାଟିକୁ ସ୍ୱପ୍ନ କୁହାଯାଉ ।

କାରଣ, ଆଜିକାଲି ସ୍ୱପ୍ନରେ ଯାହା ମିଛ, ବାସ୍ତବରେ ତାହା ହିଁ ସତ ।

ଜହ୍ନରାତିର ଆଲୁଅରେ ତିଆରି ଶିଢ଼ିଟାଏକୁ ଆଶ୍ରା କରି, ତଳକୁ ତଳ ପୋଖରୀର ଅକାତକାତ ପାଣିକୁ ପାରି ହେବା ପାଇଁ ଉଦ୍ୟମ ଜାରି । ରାଜକୁମାର ଓ ଅପ୍‌ସରୀର ଜଳକ୍ରୀଡ଼ା । ପାଣି ତଳ ରାଜପ୍ରାସାଦର ଅନ୍ତେବାସୀ, ଭଅଁରର ଫଗୁଆ ସାମ୍ରାଜ୍ୟରେ ବିଚରଣ ।

ଏମିତି କେତେକେତେ କଥା ।

ସ୍ୱପ୍ନର କି ହାତଗୋଡ଼ ଥାଏ । ଥାଏ କି, ଯୋଜନ ଯୋଜନ ଦୂରତାର ମାଇଲଖୁଣ୍ଟି ! ?

ତା'ପରେ । ସ୍ୱପ୍ନ ନୁହେଁ, ସତ ।

ସତ ହେଉ, ସପ୍ତରଂଗର ଇନ୍ଦ୍ରଧନୁ ।

ସତସତିକା ମିଛ ଓ ମିଛିମିଛିକା ସତ ହେଇଯାଉ ଦିନକର କଥାଟି । ଦିନକର କଥାରୁ ଲେଖାଯାଉ, କେଇ ଫର୍ଦ୍ଦ ଗପ । ଗପ ଲାଗୁ, ଗପ ଭଳି । ନିଜ ନିଜ ମନକୁ ଛୁଇଁଲା ଭଳି ହେଉ, ଗପ ।

ପୋଖରୀ । ଅତଏବ ପୋଖରୀର ସାତତାଳ ପଙ୍କତଳେ ଥିବା ନଅରର ଏକଛତ୍ରାଧିପତି ରାକ୍ଷସର କଡ଼ଲେଉଟା ନିଦ । ଦୋହଲିଲା, ପୋଖରୀ । ଭଉଁରିଗଲା, ପୋଖରୀର ପାଣି । ଯକ୍ଷଦେବତା ପ୍ରମାଦ ଗଣିଲେ । ଶହେ ଆରପାରିର ଏକାକୀ ଛତ୍ରପତି ବିରାଟକାୟ ମାଛଟିର ଆଖିରେ ପ୍ରଳୟର ନିଆଁ । ନିଆଁ ଚରିଗଲା, ପୋଖରୀ । ନିଆଁ ଚରିଗଲା, ପବନ । ନିଆଁ ଚରିଗଲା, ଜଙ୍ଗଲ । ନିଆଁ ଚରିଗଲା, ଜନବସତି ।

ଅନେକ କିଛି ବଦଳିଗଲା । ବଦଳିଗଲା, ଜୀବନ । ବଦଳିଗଲା ଜୀବିକା ।

ପୋଖରୀ ପରିତ୍ୟାଗ କରି ଭିକାରି ବେଶରେ ପାଣିରୁ ବାହାରିଲେ, ଯକ୍ଷଦେବତା । କପର୍ଦ୍ଦକଶୂନ୍ୟ ଫକୀରର ଭ୍ରମ ଥିଲା ତାଙ୍କ ଚେହେରାରେ । ଲାଗୁଥିଲେ ଅସହଜ ଅସହଜ । ଅଥଚ ଦିଶୁଥିଲେ, ଶାନ୍ତ । ଦିଶୁଥିଲେ, ହସହସ । ଖୁସି ମିଜାଜ୍‌ର । ହୁଏତ ନିଜକୁ ନିଜେ ପସନ୍ଦ କରିବା, ଥିଲା ତାଙ୍କର ପ୍ରଥମ ପସନ୍ଦ ।

ଚାହୁଁ ଚାହୁଁ ରୁପା ମାଛ, ସୁନା ମାଛ ନିଜ ନିଜର ଠାଣି, ବାଣୀ ଆଉ ସୁନ୍ଦର ସ୍ୱରକୁ ନେଇ, ଥିଲେ ଉତ୍‌ଫୁଲ୍ଲିତ । ପାଣି ପହଁରା ଭୁଲି ପବନ ପହଁରାର ଉଡ଼ାଣରେ ଥିଲେ ପ୍ରସ୍ତୁତ । ଧୀବର, କେଉଟଙ୍କ ମାଛଧରା ଜାଲ ଆଉ ନ ଥିଲା । ଥିଲା, ଶିକାର ଉପଲକ୍ଷେ ଧନୁ ଆଉ ତୀର । ପାଣିକୁ ଜାଲ ଫିଙ୍ଗିବା ଭୁଲି ସେମାନେ ଆକାଶକୁ ଫିଙ୍ଗୁଥିଲେ, ମାରଣାସ୍ତ୍ର । ଆଗେ ଆଗେ ମାଛ ରୂପୀ ପକ୍ଷୀ ଓ ପଛେ ପଛେ ଜାଲ ରୂପୀ ଜୀବନନାଶକ ଅସ୍ତ୍ର । ଆଗରେ ଜୀବନ । ପଛରେ ମରଣ ।

ଏହା ଦେଖାଦେଖି, ଜହ୍ନଆଲୁଅର ଛାତି ଚିରି, ଚରିଗଲା ଖରା । ଭାଦ୍ରବର ଟାଣ ଖରା । ବର୍ଷା ଓଦା ଚିଡ଼ିଚିଡ଼ା ଖରା । ପୋଖରୀ ହୁଡ଼ାର ଗଛଡ଼ାଳରେ ବିଶ୍ରାମ କାଟୁଥିବା ଅଣ୍ଟଧାରୀ ଚଢ଼େଇମାନେ ନିଜନିଜ ଡେଣାରୁ, ଗଛ ଡାଳରୁ, ନିଦୁଆ ଖରାବେଳରୁ ବିରତି ନେଇ ଗୋଟେ ଗୋଟେ ଅଘଟଣର ଆକଳନ କରିବା କାମରେ, ହେଲେ ଅନ୍ୟମନସ୍କ । ଅନ୍ୟମନସ୍କ, ଜୀବଜଗତ । ଅନ୍ୟମନସ୍କ ମଣିଷ । ଅନ୍ୟମନସ୍କ, ନାରୀ ଓ ପୁରୁଷ ।

ଆଖିରେ, ଦେହରେ, ମନରେ ସେମାନଙ୍କର, ପରିବର୍ତ୍ତନର ରୋମାଞ୍ଚ । ଅନୁଭବ । ପୁଲକ । ଥୁଣ୍ଟାଗଛରେ ପତ୍ରକଅଁଳା ଋତୁ । କୋଇଲିର କଣ୍ଠରେ କା'କା ରାବ । କୁଆର ଡାକରେ ବସନ୍ତର କୁହୁ । ମାଛରଙ୍କାର ଥଣ୍ଟରେ କାଠହଣା ଚଢ଼େଇର ଠକ୍‌ଠକ୍ ପାହାର । ପଡ଼ିଆରେ ଗୋରୁଗାଈ ପିଠିରେ, ପଛରେ ଚାଲି ଚାଲି ଯାଉଥିବା ବଗର ଟିଙ୍କଖିଆ, ପୋକଗିଳା ସ୍ୱଭାବ । ପାରା ଓ କପୋତଙ୍କ ଦଳବଦ୍ଧ ଏକତା ବାହାରେ ଛତ୍ରଭଙ୍ଗର ବିରହ ଜ୍ୱାଳା ।

ଗାତରେ, ଅପନ୍ତରାରେ ଓ ଅଯତ୍ନରେ ପଡ଼ିରହୁଥିବା ସାପଙ୍କ ସ୍ୱଭାବରେ ବେଶ୍ କିଛି ଫରକ । ଲକ୍ଷ୍ୟ କରିବାର କଥା, ଏପରି ହେବା ପଛର ରହସ୍ୟଟି କ'ଣ?

ଫଳନ୍ତି ଗଛର ପତ୍ର ଉହାଡ଼ରେ ଚୁପ୍‌ଚାପ୍ ବସିଥିବା ଶୁଆଶାରୀ । ଘରବାଡ଼ିର ନେଉଳ, ପୋଷାବିରାଡ଼ି, କୁକୁର ଓ ଗୃହପାଳିତ ଜୀବଜନ୍ତୁ । ଆଉ ମଣିଷମାନେ ।

ଦେଖୁଦେଖୁ ବିମର୍ଶ ମୁହଁଟିମାନ ନେଇ ଚାଷୀଭାଇ ବାହାରିଛି, କ୍ଷେତକୁ । କ୍ଷେତରେ ପାଚିଲା ଫସଲ ନାହିଁ । ନାହିଁ, କିଆରି କିଆରି ହସ । ପୋଖରୀଟି ପୋଖରୀ ହେଇ ନାହିଁ । ଶାଗୁଣା, ବିଲୁଆ ମଡ଼କୁ ଘେରି ଭୋଜି ମଉଜରେ ନାହାନ୍ତି । ନାହାନ୍ତି, ବରଗଛ ତଳ ଛାଇରେ ଘଡ଼ିଏ ବସି, ପୁଣି ବାଟ ଚାଲିବା ଅପେକ୍ଷାରେ ଥିବା ବାଟୋଇ । ଗଛ ଓହଳ ଚଢ଼ି ଗଛ ଡାଳରେ ଡାଳ ମାଙ୍କୁଡ଼ି ଖେଳୁଥିବା ପିଲା । କବିଲାଙ୍କ ମନଖୋଲା ରଡ଼ି । ଗାଈଆଳ ପିଲାର ମନଗଢ଼ା ହାତ ତିଆରି ସଂଗୀତର ସ୍ୱର । କୁଆଡ଼େ ଗଲା, ପବନବାହୀ ବାର୍ତ୍ତାର ସୁମଧୁର ଆଳାପ । କିଏ ଚୋରେଇ ନେଲା? ଆହା ! ଗଛତଳ ଛାଇରେ ତାଡ଼ି, ହାଣ୍ଡିଆ ଆସର । ନିଶାପାଣି ବେପାରରେ ବସିଥିବା ଉଠା ସଂସାର । କି ଭରସା, ଏ ଜୀବନକୁ? ଖରା ବର୍ଷା ଶୀତ କାକରରେ ଝାଳ ନିଗାଡ଼ି ଜୀବନ ଜିଇବା ସ୍ୱପ୍ନ ହେଇଗଲା । ଦେହ ମେହେନତିର ମଣିଷ, ମାଟିର ମଣିଷ କି ସ୍ୱପ୍ନରେ, ନିଦରେ, ଶାନ୍ତିରେ ନିଃଶ୍ୱାସ ନେବନି, ରାତିରେ? ରାତିରେ ନଶୋଇଲେ, ସଂସାର ପାଇଁ କାମକୁ ବାହାରିଯିବ କେମିତି, କାଲି ସକାଳେ ।

ଦେଖୁଦେଖୁ, ହାର ବୁଢ଼ୀ ରାତିଅଧିଆ ବାହାରିଛି, ମଶାଣି ଭୂଇଁ । ଗୋଡ଼କୁ ଟେକି ପାଦରେ ଚାଲି ଚାଲି ଘୁଅ ଚରେ, ଡାଆଣୀ ହେଇ । କଅଁଳା ଛୁଆର ଜିଅନ୍ତା ମାଂସ ଖାଏ । ମଲା ଛୁଆକୁ ବଞ୍ଚାଏ । ଖେଳାଏ । ଗେଲ କରେ । ଭୋର୍ ଭୋର୍ ଘରମୁହାଁ ହୁଏ ।

ଭୋର୍‌ରୁ, ନିଦରୁ ଉଠି ବାରିକଘରର ପୁଅ ଝିଅ ବହି ପଢ଼ନ୍ତି । ପାଠ ଘୋଷନ୍ତି । ଛବିଳ ମଧୁ ବର୍ଣ୍ଣବୋଧରୁ ବନାନ ଶୁଦ୍ଧି ହୁଅନ୍ତି । ଶଙ୍କି ବିଲେଇ ଜୁଳୁଜୁଳୁ ଅନାଇଥାଏ ତ ନଜର ଥାଏ ଖଳାବାଡ଼ିର ଗଭୀର ବିଲ ଧାନକଳିର ଗାଦିତଳ ମାଟିକୁ । ମୂଷାଗାତର ମାଟିକୁ, ଧାନର ଅମାରକୁ । ଅଥଚ ବହିରେ ଲେଖାଥାଏ, "ବିଲେଇ ନାନୀ ଉଠାଏ ଫଟୋ ମୂଷାପଲଙ୍କୁ ଦେଖି ।"

ଦିନେ କିନ୍ତୁ ସାତତାଳ ପାଣିତଳ ନଅରର ରାକ୍ଷସ ମଲା । ମଲା, ଭଅଁର । ଯେଉଁ ଭଅଁରଟି ରାକ୍ଷସର ଜୀବନନାଟିକା ।

ଚାହୁଁ ଚାହୁଁ, ସ୍ୱପ୍ନ ଲାଗିଲା ସତ ।

ଦେଖୁଦେଖୁ, ସତ ଲାଗିଲା ସ୍ୱପ୍ନ ।

ଅତଏବ, ଜୀବନ ସ୍ୱପ୍ନ ଆଉ ସତ, ସତ ଆଉ ସ୍ୱପ୍ନ ।

ଏତେସବୁ କଥା ଜାଣିବା ବେଳକୁ କିଛିଦିନ ବିତିଯାଏ । ବିତିଯାଏ, ମାସମାସ, ବର୍ଷବର୍ଷ । ପୂର୍ବଭଳି ସମୟ ହୁଏ ସ୍ୱାଭାବିକ । ସବୁକିଛି ହୁଏ ଠିକ୍‌ଠିକ୍ । ସମୟର ବାଟଭୁଲାମନ ଆଉ ଅନ୍ୟମନସ୍କ ମନଟି ଧାରାବାହିକ ବିବରଣୀରୁ, ପ୍ରବଚନରୁ ବିରତ ହେଇ ପୁଣି ଫେରିବାବେଳକୁ ଲାଗିଯାଏ ଅନେକ ଦିନ । ଅନେକ ରାତି ।

ପୁଣି ସମୟ ଫେରେ, ଫେରିବା ବାଟକୁ । ଆଲୁଅ ପରି ନୁହେଁ, ଲତା ପରି । ଗୁଡ଼େଇ ତୁଡ଼େଇ । ଲାଗେ, ଯୁଗଟିଏ ବିତିଗଲା ।


ଯେମିତି, ହଜିଯାଇଥିବା ଅନିମା, ଦିନେ ନା ଦିନେ ଅବଶ୍ୟ ଫେରିବ । ■

'ଆମ ଘର'
ନିଉ କଲୋନି, ନେଳିଆବାଗ, ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧
ମୋ: ୯୪୩୭୧୨୯୨୬୫

# ପୁସ୍ତକ ଓ ପତ୍ରିକା ପରିଚୟ

## ସୁଭାଷିତ ଶତଦଳ

ସୁଷମା ପରିଜା




ବନଫୁଲ
ଭିଏସ୍‌ଏସ୍ ନଗର,
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୨୨୫ ଟଙ୍କା

ନିକଟ ଅତୀତରେ ପ୍ରକାଶ ପାଇଛି ସୁଷମା ପରିଜାଙ୍କ 'ସୁଭାଷିତ ଶତଦଳ' ପୁସ୍ତକ । ଏହି ପୁସ୍ତକରେ ୧୦୦ଟି ପ୍ରବନ୍ଧ ସଂକଳିତ ହୋଇଛି । ପ୍ରତିଟି ପ୍ରବନ୍ଧରେ ଜୀବନ ଜିଜ୍ଞାସା, ଜୀବନର ମୂଲ୍ୟବୋଧ, ମାନବିକତା, ଦାର୍ଶନିକ ଚିନ୍ତାଧାରା , ଐଶ୍ୱରୀୟ ଚେତନା ପ୍ରତିଫଳିତ ହୋଇଛି । 'ବର୍ତ୍ତମାନ ସମୟ ହିଁ ଶ୍ରେଷ୍ଠ ସମୟ', 'ଅନ୍ୟର କଥା ଶୁଣି ବିବ୍ରତ ହୁଅନା', 'ବ୍ୟୁହଭେଦ', 'ସଂପର୍କ', 'ଆଧ୍ୟାତ୍ମିକତା', 'ମଧୁମୟ ବିଶ୍ୱ', 'ଜୀବନ ଏକ ଯାତ୍ରା', 'ସମାଜ ଆଉ ଆମେ', 'କଷ୍ଟ କଲେ କୃଷ୍ଣ ମିଳେ', 'କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ', 'ସୁଖର ସନ୍ଧାନ', 'ନୀରବତାର ହିଁ ଶ୍ରେୟସ୍କର', 'ଜୀବନ ଅଳିକ', 'ଉତ୍ତମ ବନ୍ଧୁ' ଆଦି ପ୍ରବନ୍ଧଗୁଡ଼ିକ ମନନଶୀଳ, ଶିକ୍ଷଣୀୟ ଓ ପ୍ରେରଣାପ୍ରଦ ହୋଇଛି । 'ସୁଭାଷିତ ଶତଦଳ'ର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ବୁଢ଼ୀମା ଓ ଅନ୍ୟାନ୍ୟ ଗଳ୍ପ

ପ୍ରଭାତ ସିହ୍ନା




ଶାନ୍ତିସେନା ପବ୍ଲିକେଶନ୍‌ସ
ଜଗତସିଂହପୁର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୧୫୦ ଟଙ୍କା

ଜଣେ ବୁଢ଼ୀମା'ର ପ୍ରେମ, ମମତା ଓ ସଂଘର୍ଷମୟ ଜୀବନକୁ ନେଇ ଗତିଶୀଳ ହୋଇଛି 'ବୁଢ଼ୀମା' ଗପର କାହାଣୀ । ପ୍ରଭାତ ସିହ୍ନାଙ୍କ 'ବୁଢ଼ୀମା ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକରେ ସଂକଳିତ ହୋଇଛି ୧୪ଟି ଗପ । 'ଖରା ଲେଉଟାଣି', 'ବୁଢ଼ୀମା', 'ପ୍ଲାଟ୍‌ଫର୍ମ ଟିକଟ', 'କଣ୍ଢେଇ ରାଣୀ', 'ଭୋକ ଓ ଭୋଟ', 'ଅଧାଖୋଲା ଝର୍କା', 'ପ୍ରେମ ଓ ପ୍ରଳୟର ପର୍ବ', 'ସପନର ରେଳଗାଡ଼ି', 'ଲଭ ଷ୍ଟେସନ୍' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଏହି ପୁସ୍ତକରେ ସଂକଳିତ ଗପଗୁଡ଼ିକ ମାନବୀୟ ଭାବାବେଗ, ସାମାଜିକ ବାସ୍ତବତା, ଜୀବନଧର୍ମୀ ହୋଇଛି । ଏକ ଅପ୍ରୀତିକର ଘଟଣାରୁ କିଭଳି ଦୁଇଟି ପରିବାର ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଛି, ତାହା 'ସପନର ରେଳଗାଡ଼ି' ଗଳ୍ପରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ଏହି ପୁସ୍ତକର ଗପଗୁଡ଼ିକର ସରଳ ଭାଷା, ନିଆରା କାହାଣୀ ପାଠକମାନଙ୍କୁ ବାନ୍ଧି ରଖିବ ବୋଲି ଆଶା କରାଯାଏ । ■

## ଲେଖନୀ

ମୁଖ୍ୟ ସଂପାଦକ: ଅକ୍ଷୟ କୁମାର ଜେନା



ଧର୍ମଶାଳା ସଂସ୍କୃତି ପରିଷଦ
ଧର୍ମଶାଳା, ଯାଜପୁର
ମୂଲ୍ୟ ୫୦ ଟଙ୍କା

ଅକ୍ଷୟ କୁମାର ଜେନାଙ୍କ ସଂପାଦନାରେ ପ୍ରକାଶିତ ତ୍ରୈମାସିକ ପତ୍ରିକା 'ଲେଖନୀ'ର ସାରଳା ବିଶେଷାଙ୍କ ପ୍ରକାଶ ପାଇଛି । ଏହି ସଂଖ୍ୟାରେ କୃଷ୍ଣ ବଳଙ୍କ 'ସେ ଯେମନ୍ତ ଲେଖିଲେ, କେମନ୍ତ ଲେଖିଲେ: ସାରଳାଙ୍କ ମନୋଚେତନା', ପଣ୍ଡିତ କାମଦେବ ଶତପଥୀଙ୍କ 'ଦୁଇ ମହାଭାରତ: ସଂସ୍କୃତ ଓ ଓଡ଼ିଆ ପ୍ରାକୃତ', ବାମଦେବ ପାଢ଼ୀଙ୍କ 'ପ୍ରାକୃତ ସାହିତ୍ୟର ଆଦିପର୍ବ ଓ ଶୂଦ୍ରମୁନି ସାରଳା ଦାସ', ଡକ୍ଟର ସନ୍ତୋଷ କୁମାର ମହାପାତ୍ରଙ୍କ 'ସାରଳା ମହାଭାରତରେ ଚର୍ଯ୍ୟାଗୀତିର ଭାଷା' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି । ସାରଳା ଦାସଙ୍କ କୃତିଗୁଡ଼ିକ ସଂପର୍କରେ ଜାଣିବା ପାଇଁ 'ଲେଖନୀ'ର ଏହି ସଂଖ୍ୟାଟି ଅତ୍ୟନ୍ତ ଉପାଦେୟ । 'ଲେଖନୀ'ର ସାରଳା ବିଶେଷାଙ୍କ ଗବେଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ସଂଗ୍ରହଣୀୟ ନିଶ୍ଚୟ । ■

# ଅଜାତଶତ୍ରୁ

ଫନୀ ମହାନ୍ତି



ମୋହବନ୍ଧର ମାୟାଜାଲରୁ
ବିମୁକ୍ତ କରି
ମତେ ନୂଆ ଜୀବନ ଦିଅ
ମୁଁ ତଲ୍ଲୀନ ହୋଇଯିବାକୁ
ଚାହେଁ ଭୂମିରେ
ଭୂମାରେ, ଘଟରେ
ପଟରେ , ଅଘଟନ ଘଟନ
ପଟିୟସୀ ମାୟାବର୍ତ୍ତର
ମାୟାନ୍ଧକାରରେ
ସଚରାଚରରେ, ମଧୁର ପ୍ରେମରେ ।

ଅନୌପଚାରିକତାରେ
ଅଣଲୋଡ଼ାରେ ମୋର
ହୋଇ କିଛି ହିଁ
ନରହୁ ଯେ' ଭବବନରେ,


ମୋର ପରିଚିତି
ମୋର ଅସ୍ମିତା
ମୋର ସ୍ୱାଭିମାନ
ମୋର ଅହଂକାର
ନିପାରିଲାପଣର
ନିଟୋଳ ପୁରୁଷକାର
ବିନଷ୍ଟ ହୋଇଯାଉ ପଛେ

କାଳକାଳ ଅନନ୍ତକାଳ
କିନ୍ତୁ, ଲକ୍ଷ୍ୟଚ୍ୟୁତ ନ ହେଉ

ମୋ ଗାଣ୍ଡିବ ତୂଣୀରର ନିକ୍ଷିପ୍ତ
ଶରଜଳରେ
ମୁଁ ଥାଏ କି, ନ ଥାଏ
ଆମ ଏହି ଦ୍ୟାବା ପୃଥିବୀରେ

ବିଷାଦ ଅପନୋଦନର
ଅଭୟ କବଚ
ଦିଅ ମତେ ଈଶ୍ୱର
"ହେ ପରମେଶ୍ୱର!
ନିତ୍ୟ ନୂତନତାରେ ଉନ୍ମୀଳିତ କର
ମତେ ଉନ୍ମୁଖ କର
ବିସ୍ତୃତରୁ ବିସ୍ତୃତତର କର
ଅଜାତଶତ୍ରୁ କର
ନିଟୋଳ ପ୍ରେମର ମଧୁରିମାରେ
ମତେ ଉଦ୍ଦୀପିତ କର
ଛଳଛଳ ଛଳକପଟରୁ ମୁକ୍ତ
କର ହେ ମୋର ପ୍ରିୟତମ ଅବିନଶ୍ୱର ।। ■

ପୁଷ୍ପଧନୁ, ବମିଖାଲ, ଭୁବନେଶ୍ୱର



# ସମୟ ତା' ନିଜ ବାଟରେ

ଅପର୍ଣ୍ଣା ମହାନ୍ତି



ସମୟ ତା' ନିଜ ବାଟରେ
ଅପର୍ଣ୍ଣା ମହାନ୍ତି
ମହାକାଳର ବା
କ'ଣ ଯାଏ ଆସେ !

ମଣିଷ ଇ
ବଦଳାଉଥାଏ କ୍ୟାଲେଣ୍ଡର
ମଣିଷ ପାଇଁ ହିଁ
ଆରମ୍ଭ ହୁଏ ଓ ସରିଯାଏ
ସମୟ... ।

ସମୟକୁ ହାତମୁଠାରେ
ଧରି ରଖିବାର ଅହଙ୍କାର
ଏଇ ମଣିଷର,
ମଣିଷକୁ ଇ
ଛଟପଟ କରେ ମୃତ୍ୟୁର ଆତଙ୍କ
କାଳ ଗ୍ରାସର ଭୟ ।

କାଳେ କେତେବେଳେ ମରିଯିବ
ତା' ଆଗରୁ, ସାରା ବସୁନ୍ଧରାକୁ
ପଦାନତ କରିଯିବ ବୋଲି ତ
ସେ ଥରକୁ ଥର
ରକ୍ତରେ ମାଟି ପଖାଳେ

ବିନାଶର ତାଣ୍ଡବରେ
ସମୟକୁ ଥରହର କରେ

ପାଣି, ପବନ, ଆକାଶ
ଆଲୋକରେ ବିଷ ଭରେ
ସର୍ବନାଶର ଶିଖରରେ
ପତାକା ପୋତି
ଘୋଷଣା କରେ
ବିଜୟ...ବିଜୟ...

ଏତେ ଜଞ୍ଜାଳ ନ ଥାଏ
ଚଢ଼େଇ ଛୁଆର
ଫୁଲ ପାଖୁଡ଼ାର
କି ଶୀତ ସକାଳର
ଏଇ କାକର ଟୋପାର ।


ନା ଏସବୁ ଦ୍ୱନ୍ଦ୍ୱ ସଂଘାତ
ବି ନଥାଏ ଆଣ୍ଠୁଆ ଗୋପାଳର
ବୁଲା ଫକୀରର

ମୁଗ୍ଧ ପ୍ରେମିକର
ବିଭୋର କବିର
ମଗ୍ନ ସନ୍ନ୍ୟାସୀର... ।

ସମୟକୁ ଏମାନେ
ତା' ନିଜ ବାଟରେ
ଯିବାକୁ ନେଲାବେଳେ
ମହାକାଳ,
ଏଇମାନଙ୍କ ନିଷ୍ପାପପଣର
ପଛେ ପଛେ...
ଛପି ଛପି ଗୋଡ଼ାଇଥାନ୍ତି
ଖାଲି ଦିଶିବାକୁ
ଟିକିଏ ନିର୍ମଳ, ନିର୍ଭୟ । . ■

ଗ୍ରା:/ପୋ: କପାଳେଶ୍ୱର
ଭାୟା: ଠାକୁରପାଟଣା
କେନ୍ଦ୍ରାପଡ଼ା- ୭୫୪୨୫୦



ପୀତବାସ ରାଉତରାୟ

# "କେତେ ରଙ୍ଗଭରା ସାହିତ୍ୟିକ ଜୀବନ"

କେତେ ରଙ୍ଗର ଏ ଜୀବନ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ମୋର ମନେ ପଡ଼ିଯାଉଛି କିମ୍ବଦନ୍ତୀ ପୁରୁଷ ଚନ୍ଦ୍ରଶେଖର ରଥଙ୍କ କଥା । ସେ ପ୍ରଥମେ ପ୍ରବନ୍ଧ ଓ ରମ୍ୟ ରଚନାରୁ ଆରମ୍ଭ କଲେ ସାହିତ୍ୟିକ ଜୀବନ । ପରେ ପରେ ଲେଖି ଚାଲିଲେ ଅସରନ୍ତି ଗଳ୍ପ ତା' ସାଙ୍ଗକୁ ଚହଳ ପକାଇଲା ଭଳି ତିନୋଟି ଉପନ୍ୟାସ । ତା' ପରେ ଆସିଲା କବିତା । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଲେଖିଲେ ଗଦ୍ୟର ଗୀତଗୋବିନ୍ଦ 'ରଥ ସପ୍ତକ' । ଲେଖା ସହ ଚିତ୍ର ଆଙ୍କିଲେ, ପଥରରେ ମୂର୍ତ୍ତି ଗଢ଼ିଲେ । ଶେଷ ଜୀବନରେ ସଂସ୍କୃତରେ ଶ୍ଳୋକ ଲେଖିବା ଆରମ୍ଭ କରି ଶ୍ରୀଜଗନ୍ନାଥଙ୍କୁ ରଥରେ ସମର୍ପି ଦେବା ପାଇଁ ମୋତେ ଯେତେବେଳେ ଦେଲେ ମୁଁ ସେତେବେଳେ କହିଲି "ସାର୍ ଆପଣ ଓଡ଼ିଆ ଓ ଇଂରାଜୀରେ ସାହିତ୍ୟର ପ୍ରାୟ ସବୁ ଦିଗକୁ ଛୁଇଁ ଚିତ୍ର କଳାକୁ ଆସିଲେ ପୁଣି ଏବେ ସଂସ୍କୃତ ଲେଖନୀ!" ସେ ପଦେ ହସି କହିଥିଲେ "ମାଲିକ ଆମକୁ ଜନ୍ମ ଦେଇଛନ୍ତି ଆମ ଦ୍ୱାରା ଯାହା ସେ କରେଇ ନେବେ ଆମେ ତାକୁ ଆଶୀର୍ବାଦ ବୋଲି ଭାବି ନେବା । " ତାଙ୍କ ଭଳି ଜଣେ ପ୍ରବାଦ ପୁରୁଷଙ୍କ କଥା ମୋର ମନେ ପଡ଼େ ଯେତେବେଳେ ମୁଁ ସାହିତ୍ୟ ରାଜ୍ୟରେ ନିଜକୁ ବିଶ୍ଳେଷଣ କରେ ।

ମୋର ଜନ୍ମ ଏକ ବିଶ୍ୱ ପ୍ରସିଦ୍ଧ ସ୍ଥାନ କୋଣାର୍କ ମନ୍ଦିରର ନିକଟବର୍ତ୍ତୀ ଗ୍ରାମରେ, ଯେଉଁ ଗ୍ରାମର ପୋଖରୀ ତୁଠରୁ କୋଣାର୍କ ମନ୍ଦିର ଦୃଶ୍ୟମାନ ହୁଏ । ଗାଁ ଚାରିପାଖ ବାଲିବନ୍ତ ଓ ଝାଉଁଗଛ । ପିଲାଦିନେ ବାଲିବନ୍ତରେ ଖେଳିବାର ଆନନ୍ଦ ଓ ରାତି ହେଲେ ଜହ୍ନ ଆଲୁଅ ଫାଙ୍କରେ ଝାଉଁଗଛର ଶୋଭା, ଅଦୂରରେ ସମୁଦ୍ରର ଗର୍ଜନ ମନ ଭିତରେ ଗୋଟିଏ ସୃଜନାତ୍ମକ ପରିବେଶ ସୃଷ୍ଟି କରିଥିଲା । ପିଲାଦିନରୁ କୋଣାର୍କ ମନ୍ଦିରର ଶିଳ୍ପକଳା ମନ ଭିତରେ ବିସ୍ମୟ ସୃଷ୍ଟି କରିଥିଲା । ଗାଁ ସ୍କୁଲରେ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ଚାଲି ଆସିଲି ଭୁବନେଶ୍ୱର ଯେତେବେଳେ ବାପା ଥିଲେ ସମବାୟ ବିଭାଗରେ ଶିକ୍ଷା ଓ ସଂପ୍ରସାରଣ ଅଧିକାରୀ । ଘରକୁ ଯେତେବେଳେ ଆସୁଥିଲା ସବୁ ଖବର କାଗଜ । ଯେଉଁଥିରେ ଶିଶୁମାନଙ୍କ ପାଇଁ ଗୋଟିଏ ଲେଖାଏଁ ପୃଷ୍ଠା ପ୍ରତି ସପ୍ତାହରେ ମିଳୁଥିଲା । ମୀନାବଜାର ଉଦୟଭାନୁ ପରି ଶିଶୁ ସାହିତ୍ୟ ପୃଷ୍ଠା ମୋ ମନରେ କବିତା ଲେଖିବା ପାଇଁ ସୃଷ୍ଟି କଲା ପ୍ରେରଣା । ସେଇ କବିତାରୁ ଆରମ୍ଭ ହେଲା ସାହିତ୍ୟିକ ଜୀବନ ପିଲାଦିନୁ । ବାପାଙ୍କ ସହ ଯୁଆଡ଼େ ବୁଲିଯାଏ ସେହି ସ୍ଥାନର ବର୍ଣ୍ଣନା କବିତାରେ ପ୍ରକାଶ କରୁଥାଏ । ତା'ପରେ ସ୍କୁଲ ପତ୍ରିକାରୁ ଲେଖା ପ୍ରକାଶ ପାଇ ସାହିତ୍ୟ ପତ୍ରିକାରେ ଲେଖା ପ୍ରକାଶ ପାଇଲା । ବାଣୀବିହାରରେ ଏମ୍.ଏ. ପାଠ ପଢ଼ିଲା ବେଳେ ସାଙ୍ଗମାନଙ୍କୁ ନେଇ ଆରମ୍ଭ କଲି ତ୍ରୈମାସିକ ସାହିତ୍ୟ ପତ୍ରିକା 'ନବତରଙ୍ଗ' । ସାହିତ୍ୟ ରଚନା ସହ ସମ୍ପାଦନାରେ ହାତଦେଇ ଓଡ଼ିଶାର ବହୁ ଲେଖକଙ୍କ ସଂସ୍ପର୍ଶରେ ଆସି ମୋର ସାହିତ୍ୟ ପ୍ରତି ପ୍ରବଳ ଆଗ୍ରହ ସୃଷ୍ଟି ହେଲା । 'ନବତରଙ୍ଗ' ପତ୍ରିକା ୧୯୭୩ରୁ ୧୯୭୫ ମୋର ବାଣୀବିହାର ଏମ୍.ଏ. ପଢ଼ିବା ପର୍ଯ୍ୟନ୍ତ ପ୍ରକାଶ ପାଇ ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା । ତା'ପରେ ସର୍ବଭାରତୀୟ ସଂସ୍ଥାରେ ଚାକିରି କରି ଓଡ଼ିଶା ଓ ଓଡ଼ିଶା ବାହାରେ ରହି ଗଳ୍ପ ରାଜ୍ୟରେ ପ୍ରବେଶ କଲି ଓ ବିଭିନ୍ନ ପତ୍ରପତ୍ରିକାରେ ଲେଖା ପ୍ରକାଶ ପାଇ ପାଠକଙ୍କଠାରୁ ପ୍ରଶଂସା ମୂଳକ ଚିଠିପାଇ ମନ ଖୁସି ହେଉଥିଲା । ଧୀରେ ଧୀରେ କାମର ଚାପରେ ସାହିତ୍ୟ ରାଜ୍ୟ ସଙ୍କୁଚିତ ହୋଇଗଲା । ପୁଣି ଓଡ଼ିଶା ଆସିଲା ପରେ ଗଳ୍ପ ରଚନା ସହ ଆରମ୍ଭ କଲି ବ୍ୟଙ୍ଗଗଳ୍ପ ଓ ରମ୍ୟରଚନା । ପ୍ରଥମେ 'ଖାରିଆଖଡ଼ା' ବ୍ୟଙ୍ଗ ନାମରେ ସମ୍ବାଦ ପୃଷ୍ଠାରେ ଏକ ପାକ୍ଷିକ ସ୍ତମ୍ଭ ୧୯୯୦ରୁ ଲେଖିବା ଆରମ୍ଭ କଲି, ଯାହା ଅତି ଲୋକପ୍ରିୟ ହେବାରୁ ତାକୁ ସାପ୍ତାହିକ ସ୍ତମ୍ଭ କରିବା ପାଇଁ ଅନୁରୋଧ ଆସିଲା । ସମ୍ବାଦରେ ସାପ୍ତାହିକ ଲେଖିବା ସହ 'ସମୟ' ଖବର କାଗଜରେ 'ଅଧୂଆମୂଳା' ନାମରେ ପୁଣି ସାପ୍ତାହିକ ଲେଖା ଲେଖିଲି । ଦୁଇଟି ଛଦ୍ମ ନାମରେ ସଫଳ ହେବାରୁ ମୁଁ ନିଜ ନାମରେ ବ୍ୟଙ୍ଗ ଗଳ୍ପ ଓ ରମ୍ୟରଚନା ଲେଖିବା ଆରମ୍ଭ କଲି । ଏହିଭଳି ଲେଖା କାମ ଚାଲିଥିବାବେଳେ ପ୍ରବେଶ କଲେ ପ୍ରଭୁ ଶ୍ରୀଜଗନ୍ନାଥ ।

ପିଲାଦିନୁ ବାପାଙ୍କ ସହ ପ୍ରତିବର୍ଷ ରଥଯାତ୍ରାରେ ଯାଇ ତିନି ରଥରେ ଭୋଗ କରିବା ପରମ୍ପରାରେ ସାମିଲ ହୋଇ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଭକ୍ତିଭାବ ବଢ଼ି ଚାଲିଥାଏ । ବାପାଙ୍କୁ ନବେ ବର୍ଷ ହେବା ପରେ ଶାରୀରିକ ଅକ୍ଷମତା ଯୋଗୁ ତାଙ୍କର ପୁରୀ ଯିବା ସମ୍ଭବ ହେଲା ନାହିଁ । ବାପା ସବୁବେଳେ କହୁଥିଲେ ନିଜ ପାଇଁ କିଛି ମାଗିବୁ ନାହିଁ ପୃଥିବୀର ମଙ୍ଗଳ କାମନା କଲେ ତା' ଭିତରେ ତୁ ମଧ୍ୟ ସାମିଲ ହୋଇଯିବୁ । ବାପା ରଥଯାତ୍ରା ବେଳେ ପୁରୀ ନ ଯାଇ ପାରୁଥିବାର ଦୁଃଖ ଦୂର କରିବା ପାଇଁ ମୁଁ ବାପାଙ୍କୁ ପ୍ରସ୍ତାବ ଦେଲି ବାପା ଆମେ ରଥରେ ଭୋଗ କରି ଘରେ ଖାଇ ନେଉଛୁ ବିଶ୍ୱବାସୀଙ୍କ ପାଇଁ କ'ଣ ଭୋଗ ଦେଉଛୁ? ମୁଁ ଭାବୁଛି ବହୁ ଲୋକଙ୍କ ଅନୁଭୂତିକୁ ସଂଗ୍ରହ କରି ପ୍ରତିବର୍ଷ ରଥରେ ଆମ ଘର ଭୋଗ ସହ ପୁସ୍ତକଟିଏ ସମର୍ପଣ କରିବା ତା' ହେବ ବିଶ୍ୱବାସୀଙ୍କ ପାଇଁ ଭୋଗ । ବାପା ଭାଗ ଗଦ୍‌ଗଦ୍ ହୋଇ ମୋ ପକେଟରେ ୧୦୦୦ ଟଙ୍କା ଗୁଞ୍ଜି ଦେଲେ । ସେଇ ହଜାର ଟଙ୍କାର ମୂଳ ଧନରେ ମୁଁ ୨୦୦୬ ମସିହାରେ ଆରମ୍ଭ କଲି ଅନୁଭୂତି ଓ ଅନୁଭବର ସଂକଳନ । ଆଜି ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କୁ ନେଇ ୨୪ଟି ଅନୁଭୂତିର ସଂକଳନ ଯାହା ସବୁ ଅ'ରୁ ଆରମ୍ଭ 'ଅନୁଭୂତିରେ ଶ୍ରୀଜଗନ୍ନାଥ', 'ଅନୁଭବରେ ଶ୍ରୀଜଗନ୍ନାଥ' ଏପରି ହୋଇ ୨୦୨୫ରେ ପ୍ରକାଶ ପାଇଛି 'ଅମୃତ ପୁରୁଷ ଶ୍ରୀଜଗନ୍ନାଥ' । ସେହିଭଳି ଶ୍ରୀଜଗନ୍ନାଥଙ୍କୁ ନେଇ ଓଡ଼ିଶାର ପ୍ରତିଷ୍ଠିତ ଗାଳ୍ପିକମାନଙ୍କ ଗଳ୍ପକୁ ନେଇ ୧୦ ଗଳ୍ପ ସଂକଳନ, ୪ଟି ଗବେଷଣାମୂଳକ ପ୍ରବନ୍ଧ ସଂକଳନ ଓ ପ୍ରାଚୀନ ଓଡ଼ିଆ କବିଙ୍କ ରଚନାରୁ ଗୋଟିଏ କବିତା ସଂକଳନ । ଏହା ବ୍ୟତୀତ ମୋର ନିଜର ୩ଟି ଗଳ୍ପ ପୁସ୍ତକ, ୬ଟି ବ୍ୟଙ୍ଗ ପୁସ୍ତକ ମଧ୍ୟ ପ୍ରକାଶ ପାଇଛି । ମୁଁ ଗଳ୍ପ ଲେଖକରୁ ବ୍ୟଙ୍ଗଗଳ୍ପ ଲେଖକ ଓ ଏବେ ଜଗନ୍ନାଥିଆ ନାମରେ ନାମିତ ହୋଇ ଗଲାଣି ମାତ୍ର ଶ୍ରୀଜଗନ୍ନାଥଙ୍କ କୃପାରୁ ମୋର ଗଳ୍ପ, ବ୍ୟଙ୍ଗଗଳ୍ପ ଓ ଶ୍ରୀ ଜଗନ୍ନାଥଙ୍କୁ ନେଇ ରଚନା ପ୍ରକାଶ ପାଇ ଚାଲିଛି ସବୁ ସେଇ ମାଲିକଙ୍କ ଇଚ୍ଛା । ତା' ସହିତ ବିଭିନ୍ନ ସାହିତ୍ୟ ସଙ୍ଗଠନରେ ମଧ୍ୟ ସାମିଲ ହୋଇ ଅବସର ଜୀବନ ବିତାଉଛି । ଚାରିଟି ପୁସ୍ତକ ହିନ୍ଦି, ବଙ୍ଗଳା ଓ ଇଂରାଜୀରେ ଅନୁବାଦ ହୋଇଛି ଓ ବହୁ ପୁରସ୍କାର ଓ ସମ୍ବର୍ଦ୍ଧନାରେ ପୋତି ପକାଇ ଅବସର ଜୀବନକୁ କର୍ମମୟ କରିଦେଇଛନ୍ତି ପ୍ରଭୁ । ■

ମୋ: ୯୪୩୭୫୭୪୭୪୯

## ରାଜନଗରରେ ବିଜେପି କର୍ମୀଙ୍କ ଦାଦାଗିରି ଘଟଣାର ଦୃଢ଼ ନିନ୍ଦା କଲା ବିଜେଡି

# ବିଡିଓଙ୍କୁ ଆକ୍ରମଣ ଉଦ୍ୟମ ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥାର ନଗ୍ନ ଚିତ୍ର

ଭୁବନେଶ୍ୱର,୩।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ବିଜେପି କର୍ମୀଙ୍କ ଦାଦାଗିରି ଏବଂ ବିଡିଓଙ୍କୁ ସଂଘବଦ୍ଧ ଆକ୍ରମଣ ଉଦ୍ୟମକୁ ଦୃଢ଼ ନିନ୍ଦା କରିଛି ବିଜେଡି। ବିଜେପି ସରକାର ରାଜ୍ୟରେ ଶାସନ ଭାର ଗ୍ରହଣ କରିବା ପରଠାରୁ ଆଇନଶୃଙ୍ଖଳା ବ୍ୟବସ୍ଥା ନିମ୍ନଗାମୀ ହେଉଛି ବୋଲି ଦଳ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜନଗର ମହିଳା ବିଡିଓଙ୍କୁ ୪୦ରୁ ଅଧିକ ବିଜେପି କର୍ମୀ ଘେରି ଯାଇ ଆକ୍ରମଣ ଉଦ୍ୟମ ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥାର ନଗ୍ନ ଚିତ୍ର ବୋଲି ଅବିହିତ କରିଛନ୍ତି। ଡ. ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରାଙ୍କ ସହିତ ୪୦ରୁ ଅଧିକ ବିଜେପି କର୍ମୀ ବିଡିଓ ତିଳୋତ୍ତମା ପୃଷ୍ଟିଙ୍କ ଅଫିସରେ ପଶି ହଙ୍ଗାମା କରିଥିଲେ। ଏପରିକି ତାଙ୍କ କଥାରେ କାମ କରିବାକୁ ବିଡିଓଙ୍କୁ ଧମକ ଦେଇଥିଲେ। ବିଡିଓ କହିଥିଲେ ଯେ ସରକାରଙ୍କ ନିୟମ ଅନୁଯାୟୀ କାମ ହେବ। ଏଥିରେ ଉତକ୍ଷିପ୍ତ ହୋଇ ବିଜେପି ନେତା ଲଳିତ ବେହେରା ବିଡିଓଙ୍କ ଟେବୁଲ ଉପରେ ଥିବା କମ୍ପ୍ୟୁଟର ଉଠାଇ ଆକ୍ରମଣ ଉଦ୍ୟମ କରିଥିଲେ। କର୍ମୀମାନେ ହାତ ଧରି ଦେବାରୁ ଅଳ୍ପକେ ବିଡିଓଙ୍କ ଜୀବନ ରକ୍ଷାପାଇଯାଇଛି। ଏହା ପରେ ବି ତାଙ୍କ କଥାରେ କାମ ନକଲେ ପରିସ୍ଥିତି ଭୟଙ୍କର ହେବ ବୋଲି ବିଡିଓଙ୍କୁ ଲଳିତ ଧମକ ଦେଇଥିବା ଜଣାପଡ଼ିଛି। ସିସିଟିଭିରେ ଏହି ସବୁ ଭିଡିଓ ରେକର୍ଡ ହୋଇଛି। ବିଡିଓ ଏ ସଂପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ମହିଳା ବିଡିଓଙ୍କ ପ୍ରତି ଏପରି ଅମାନବୀୟ ବ୍ୟବହାରକୁ ଦଳ ଦୃଢ଼ ନିନ୍ଦା କରୁଛି ବୋଲି ଡ. ମହାନ୍ତି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବରୁ ଗତ ଜୁନ୍ ୩୦ ତାରିଖରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସମର୍ଥକମାନେ ଟାଣି ନେଇ ମାଡ଼ ମାରିଥିଲେ। ବିଜେପି ତୁଙ୍ଗ ନେତାମାନେ ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ଜାମିନ ମିଳିବା ପରେ ଆଣିଥିଲେ, ଯାହା ସଙ୍କେତ ଦେଇଥିଲା ଯେ ବିଜେପି ନେତାମାନେ ସବୁକିଛି କରିପାରିବେ ଏବଂ ସହଜରେ ଖସି ଯାଇପାରିବେ। ଏହି ସମସ୍ତ ଘଟଣା ଓଡ଼ିଶାରେ ଆଇନ ଶୃଙ୍ଖଳା ବ୍ୟବସ୍ଥାର ପତନ ଘଟାଉଛି। ଏହି ହିଂସାତ୍ମକ ଆକ୍ରମଣର ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ରାଜ୍ୟରେ ଆଇନ ଶୃଙ୍ଖଳା ସୁନିଶ୍ଚିତ କରିବାକୁ ଡ. ମହାନ୍ତି ଦାବି କରିଛନ୍ତି।

# ବ୍ରାଉନସୁଗର ମାଫିଆକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର,୩।୧ (ସମିସ): ବରମୁଣ୍ଡାରୁ ୩ କୋଟି ଟଙ୍କାର ବ୍ରାଉନସୁଗର ଜବତ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଆଡିସନାଲ୍ ସେସନ୍ସ ଜଜ୍-୩ର ବିଚାରପତି ହିମାଂଶୁ ଶେଖର ମଲ୍ଲିକ ଏହି ମାମଲାର ବିଚାରକରି ନିଶା ମାଫିଆ ଏସକେ ସସିମ୍ ବକ୍ସକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି। ସୂଚନା ଅନୁସାରେ, ୨୦୨୦ ମସିହା ଅକ୍ଟୋବର ୩୦ ତାରିଖ ଦିନ ହସିମ୍ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରୁ ବ୍ରାଉନସୁଗର ଆଣି ଭୁବନେଶ୍ୱର ଆସିଥିଲା। ବରମୁଣ୍ଡା ରାଜ୍ ଇଲେକ୍ଟ୍ରୋନିକ ପାଖରେ ଡେଲିଭେରୀ କରିବାକୁ ଅପେକ୍ଷା କରିଥିବା ବେଳେ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍) ଇନ୍ସପେକ୍ଟର ଜଗନ୍ନାଥ ସାହୁ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଚଢ଼ଉ କରିଥିଲେ। ସେଠାରୁ ହସିମକୁ ଗିରଫ କରିବା ସହ ୧ କିଲୋ ୧୭୭ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଇନ୍ସପେକ୍ଟର ଶ୍ରୀ ସାହୁଙ୍କ ଅଭିଯୋଗ ଆଧାରରେ ଏସଟିଏଫ୍ କେସ୍ ନଂ - ୨୭/୨୦ ରେ ଦଫା ୨୧(ସି) ଓ ୨୯ ଏନଡିପିଏସ୍ ଆକ୍ଟ ଲଗାଇ ମାମଲା ରୁଜୁ କରିଥିଲା। ତତ୍କାଳୀନ ଇନ୍ସପେକ୍ଟର ତଥା ବର୍ତ୍ତମାନର ଡିଏସପି ସୁନୀତା ପ୍ରଧାନ ଅଭିଯୁକ୍ତ ହସିମକୁ କୋର୍ଟ ଚାଲାଣ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସଂପୃକ୍ତ ୧୦ ଜଣ ସାକ୍ଷୀ, ୪୨ଟି ଦସ୍ତାବିଜ ଓ ୯ଟି ଏମ୍ଓ ଆଧାରରେ ମାମଲାର ବିଚାର କରି ଅଭିଯୁକ୍ତ ହସିମକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତକୁ ୨୦ ବର୍ଷ ସଜା ଶୁଣାଇବା ସହ ଦୋଷୀ ସାବ୍ୟସ୍ତ ହୋଇଥିଲା ପ୍ରତ୍ୟକ ଦଫାରେ ଏକ ଲକ୍ଷ ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ଦୁଇ ବର୍ଷ ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ୧୦ଜିଲ୍ଲା ପାଇଁ ସ୍ଥାନୀୟ ଛୁଟି ଘୋଷଣା ବିଜ୍ଞପ୍ତି

କଟକ, ୩।୧(ସମିସ): ୨୦୨୬ ମସିହାରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୦ ଜିଲ୍ଲା ପାଇଁ ସ୍ଥାନୀୟ ସରକାରୀ ଛୁଟି ଘୋଷଣା ସମ୍ପର୍କିତ ବିଜ୍ଞପ୍ତି ଆଜି କେନ୍ଦ୍ରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ତରଫରୁ ପ୍ରକାଶ ପାଇଛି। କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଜୁନ୍ ୧୬ ମଙ୍ଗଳବାର ଶେଷ ରଜକୁ ସ୍ଥାନୀୟ ଛୁଟି ଭାବେ ଘୋଷଣା କରାଯାଇଛି। ସେହିଭଳି ବାଲେଶ୍ୱର ଓ ପୁରୀ ଜିଲ୍ଲା ପାଇଁ ମହାଶିବରାତ୍ରି ପରଦିନ ତଥା ଫେବୃଆରୀ ୧୬ ସୋମବାର, ଭଦ୍ରକ ପାଇଁ କାଳୀପୂଜା ପର ଦିନ ନଭେମ୍ବର ୯ ସୋମବାର, ମୟୂରଭଞ୍ଜ ପାଇଁ ମକରସଂକ୍ରାନ୍ତି ପରଦିନ ଜାନୁଆରୀ ୧୫ ଗୁରୁବାର, ନୟାଗଡ଼ ପାଇଁ ମାଣବସା ଡିସେମ୍ବର ୨୪ ଗୁରୁବାର, ଖୋର୍ଦ୍ଧା ପାଇଁ ଅଶୋକାଷ୍ଟମୀ ମାର୍ଚ୍ଚ ୨୬ ଗୁରୁବାର ଓ ଜଗତସିଂହପୁର ଜିଲ୍ଲା ପାଇଁ ପ୍ରଥମାଷ୍ଟମୀ ଡିସେମ୍ବର ୧ ମଙ୍ଗଳବାରକୁ ସ୍ଥାନୀୟ ସରକାରୀ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି।

# ବିଶ୍ୱାସଘାତକତା ଓ ଠକେଇ ମାମଲା ଏକାଠି ଚାଲିପାରିବ ନାହିଁ: ହାଇକୋର୍ଟ

କଟକ,୩।୧୨(ସମିସ): ଗୋଟିଏ ଅପରାଧ ପାଇଁ 'ବିଶ୍ୱାସଘାତକତା' ଏବଂ 'ଠକେଇ' ଧାରାରେ ଏକାସଙ୍ଗେ ମାମଲା ଚାଲିପାରିବ ନାହିଁ ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପ୍ରିୟମ ପ୍ରଥମ ସାବତଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଦିଗପହଣ୍ଡି ଜେଏମ୍ଏଫ୍ସି ଅଦାଲତଙ୍କ ଆଦେଶକୁ ରଦ୍ଦ କରିବା ସହ ମାମଲାର ପୁନର୍ବିଚାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ବିରୋଧରେ ପ୍ରାୟ ୭୦ଲକ୍ଷ ଟଙ୍କାର ହେରଫେର ଅଭିଯୋଗ ହୋଇଥିଲା।

## ନିମ୍ନ ଅଦାଲତଙ୍କ ଆଦେଶ ରଦ୍ଦ

ଏହି ମାମଲାରେ ଦିଗପହଣ୍ଡି ପୁଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫) ଏବଂ ଧାରା ୩୧୮(୪) ଅନୁଯାୟୀ ମାମଲା ରୁଜୁ କରିଥିଲା। ଗତ ୨୦୨୫ଅଗଷ୍ଟ ୨୯ରେ ନିମ୍ନ ଅଦାଲତ ଏହି ଦୁଇଟି ଅପରାଧିକ ଧାରାକୁ ଆଧାର କରି ମାମଲା ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ଆବେଦନକାରୀଙ୍କ ଓକିଲ ସୁପ୍ରିମକୋର୍ଟଙ୍କ ବିଭିନ୍ନ ପୂର୍ବ ନିଷ୍ପତ୍ତିର ଉଦାହରଣ ଦେଇ ଦର୍ଶାଇଥିଲେ ଯେ ବିଶ୍ୱାସଘାତକତା ଏବଂ ଠକେଇ ଦୁଇଟି ଭିନ୍ନ ପ୍ରକାରର ଅପରାଧ। ଠକେଇରେ ଅପରାଧିକ ଉଦ୍ଦେଶ୍ୟ ଆରମ୍ଭରୁ ହିଁ ରହିଥାଏ। ଆଉ ବିଶ୍ୱାସଘତକତାରେ ପ୍ରଥମେ ବିଶ୍ୱାସ ସୃଷ୍ଟି କରାଯାଇଥାଏ ଏବଂ ପରବର୍ତ୍ତୀ ସମୟରେ ତାହାର ଅପବ୍ୟବହାର କରାଯାଇଥାଏ। ଚାର୍ଜସିଟ୍‌ରେ ଥିବା ତଥ୍ୟକୁ ସଠିକ୍ ଭାବେ ଅନୁଧ୍ୟାନ ନକରି ଦୁଇଟି ଯାକ ଧାରା ଏକ ଅପରାଧ ପାଇଁ ଏକ ସଂଗେ ଲଗାଇବା ଆଇନଗତ ଭାବେ ଠିକ୍ ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଏଥିସହ ଉପଲବ୍ଧ ପ୍ରମାଣ ଓ ତଥ୍ୟକୁ ପୁଣି ଥରେ ଯାଞ୍ଚ କରି ଦୁଇଟି ମଧ୍ୟରୁ କେଉଁ ଅପରାଧ ଘଟିଛି, ସେ ସମ୍ପର୍କରେ ଏକ ସ୍ପଷ୍ଟ ଓ ଯୁକ୍ତିଯୁକ୍ତ ଆଦେଶ ପ୍ରଦାନ କରିବା ପାଇଁ ଦିଗପହଣ୍ଡି ଜେଏମଏଫସି କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅବଶିଷ୍ଟାଂଶ

## ଟ୍ରମ୍ପ ସେନା କବଜାରେ...

ବେଆଇନ ଶରଣାର୍ଥୀ ସମସ୍ୟା ଗୁରୁତର ହୋଇପଡ଼ିଛି। ତେବେ ଏହିସବୁ ଅଭିଯୋଗକୁ ଭେନେଜୁଏଲା ଖଣ୍ଡନ କରି ଆସୁଛି। ସୂଚନାଯୋଗ୍ୟ ଯେ ନିକୋଲାସ ୨୦୧୩ରୁ ରାଷ୍ଟ୍ରପତି ପଦରେ ଅଛନ୍ତି। ଇତିମଧ୍ୟରେ ଭେନେଜୁଏଲା ସରକାର ଟ୍ରମ୍ପଙ୍କ ଆକ୍ରମଣର ଦୃଢ଼ ନିନ୍ଦା କରିଛନ୍ତି। ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ ଆମେରିକା ଆମ ଉପରେ ଆକ୍ରମଣ କରିଛି। ତେବେ ଏହାକୁ ନେଇ ଦେଶରେ ଅରାଜକତା ସୃଷ୍ଟି ନକରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଦେଶରେ ଜରୁରୀ ପରିସ୍ଥିତି ଜାରି କରାଯିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେନା ମୁତୟନ କରାଯାଇଥିବା ସେ ଘୋଷଣା କରିଛନ୍ତି। କିନ୍ତୁ ରାଷ୍ଟ୍ରପତି ନିକୋଲାସଙ୍କ ସଂପର୍କରେ ସେ କିଛି କହି ନାହାନ୍ତି।

## ମିଳିବ ୫୦%...

ଯୋଜନାରେ ଏହି ଚିନ୍ତାକୁ ଉଚ୍ଛେଦ କରିଦିଆଯାଇଛି। ଏବେ ୨୫ ବର୍ଷ ସେବା ପୂରଣ କରିଥିବା କର୍ମଚାରୀଙ୍କୁ ଶେଷ ଦରମାର ୫୦ ପ୍ରତିଶତ ପେନ୍‌ସନ ଭାବେ ଦିଆଯିବ। ଏଥିରେ ପାରିବାରିକ ପେନସନ, ସମୟ ସମୟରେ ମହଙ୍ଗା ଭତ୍ତା (ଡିଏ) ଏବଂ ଡିଆର ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ତେଣୁ ଏହାକୁ ପୁରୁଣା ପେନସନ ଯୋଜନା ସହ ତୁଳନା କରାଯାଉଛି। ରାଜସ୍ଥାନ, ହିମାଚଳ ପ୍ରଦେଶ ଭଳି ରାଜ୍ୟ ଓପିଏସକୁ ଫେରିବାକୁ ନିଷ୍ପତ୍ତି ନେଇଥିବାବେଳେ ତାମିଲନାଡୁ ଏକ ହାଇବ୍ରିଡ ମଡେଲ ଆପଣାଇଛି। ଏବେ ରାଜ୍ୟରେ ପ୍ରାୟ ୬ ଲକ୍ଷ ସରକାରୀ କର୍ମଚାରୀଙ୍କୁ ଏହାର ଲାଭ ମିଳିବ।

## ଯବାନଙ୍କ ଗୁଳିରେ...

ଯବାନଙ୍କୁ ଦେଖି ମାଓବାଦୀମାନେ ଅତର୍କିତ ଗୁଳି ଚଳାଇଥିଲେ। ଯବାନଙ୍କ ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଥିଲା। ଏଥିରେ ୧୪ଜଣ ମାଓବାଦୀ ନିହତ ହୋଇଥିଲେ। ଅନ୍ୟ ମାଓବାଦୀମାନେ ପ୍ରାଣ ବିକଳରେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ସୂଚନା ଥାଉକି, ଛତିଶଗଡ଼ର ଅନେକ କୁଖ୍ୟାତ ମାଓ ନେତାଙ୍କ ସହ ୪୦ଜଣ ମାଓବାଦୀ ଗତକାଲି ତେଲଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ବର୍ତ୍ତମାନ ମାଓ ସଂଗଠନ ନିଜର ଶେଷ ନିଶ୍ୱାସ ନେଉଥିବା କୁହାଯାଉଛି।

## ତେଲଙ୍ଗାନାରେ ୨୦...

ମାଓବାଦୀମାନେ ଆମେରିକା ନିର୍ମିତ କୋଲ୍ଟ ରାଇଫଲ, ଇସ୍ରାଏଲ ନିର୍ମିତ ଟାଭୋର ରାଇଫଲ, ଏକେ-୪୭, ଆଇଏନ୍ଏସ୍ଏଏସ୍ ରାଇଫଲ, ଏସ୍ଏଲ୍ଆର୍ ରାଇଫଲ ସମେତ ମୋଟ ୪୮ଟି ଅସ୍ତ୍ରଶସ୍ତ୍ର, ବିଭିନ୍ନ କ୍ୟାଲିବରର ବିପୁଳ ପରିମାଣର ଗୁଳି ଏବଂ ନଗଦ ୨୦.୩୦ ଲକ୍ଷ ଟଙ୍କା ପୁଲିସକୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଡିଜିପି କହିଛନ୍ତି ଯେ, ଏହି ଆତ୍ମସମର୍ପଣ ସହିତ ସିପିଆଇ ମାଓବାଦୀଙ୍କ ଶେଷ ଦୁର୍ଗ ଧ୍ୱଂସ ପାଇଛି। ଏହା ପିଏଲଜିଏ ଓ ତେଲଙ୍ଗାନା ରାଜ୍ୟ କମିଟିର ଅସ୍ତିତ୍ୱକୁ ଧ୍ୱଂସ କରିଛି ଓ ଆଗକୁ ମାଓ ଦମନ ଅଭିଯାନ ଜାରି ରହିବ। ପୁନର୍ବାସ ପ୍ୟାକେଜ ଅଂଶଭାବେ ପୁଲିସ ମୋଟ୍ ୧ କୋଟି ୮୧ ଲକ୍ଷ, ୯୦ ହଜାର ଟଙ୍କା ପୁରସ୍କାର ଘୋଷଣା କରିଛି। ପ୍ରତ୍ୟେକଙ୍କୁ ତୁରନ୍ତ ସହାୟତା ବାବଦରେ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି।

## ଭୁବନେଶ୍ୱର...

ପୁଣି ଆଉ ଏକ ମରିଜୁଆନା ଜବତ ହେବା ସୁରକ୍ଷା ଏଜେନ୍ସି ଗୁଡ଼ିକର ଚିନ୍ତାକୁ ବଢ଼ାଇ ଦେଇଛି। ଡିଆର୍ଆଇ ସୂଚନା ମୁତାବକ, ଯାତ୍ରୀ ଜଣଙ୍କ ବିଦେଶରୁ ଭୁବନେଶ୍ୱର ଆସୁଥିଲେ। ସେ ତାଙ୍କ ବ୍ୟାଗରେ ଏକ ଗୁପ୍ତ ଚ୍ୟାମ୍ବର କରିଥିଲେ। ଏହି ଚ୍ୟାମ୍ବରରେ ଉଚ୍ଚ ଗୁଣବତ୍ତା ମାରିଜୁଆନା ପ୍ୟାକେଟ୍ ରଖା ଯାଇଥିଲା। ପରେ ଏହାକୁ ସିଲାଇ କରି ଦିଆଯାଇଥିଲା। ଜଣେ ବ୍ୟାଗ୍ ଖୋଲିଲେ ବି ଯେପରି ମରିଜୁଆନା ଠାବ କରି ପାରବ ନାହିଁ। ଯାତ୍ରୀ ଜଣଙ୍କ ଏଭଳି ଭାବେ ବିମାନରେ ମାରିଜୁଆନା ନେଇ ଆସୁଥିବା ନେଇ ଡିଆର୍ଆଇକୁ ପୂର୍ବରୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଯାତ୍ରୀଙ୍କ ବ୍ୟାଗ୍ ଖୋଲାଯାଇଥିଲା। ହେଲେ କିଛି ମିଳି ନଥିଲା। ପରେ ବ୍ୟାଗ୍‌କୁ କାଟି ଖଣ୍ଡ ଖଣ୍ଡ କରାଯିବା ଏଥିରୁ ମାରିଜୁଆନା ପ୍ୟାକେଟ୍ ମିଳିଥିଲା। ଅଭିଯୁକ୍ତଙ୍କୁ ଡିଆର୍ଆଇ ତୁରନ୍ତ ହେପାଜତକୁ ନେଇ ପଚାରାଉଚରା ଚଳାଇଛି।

ମାତ୍ର ୪ଦିନ ତଳେ ଅର୍ଥାତ ଭୁବନେଶ୍ୱର ବିମାନବନ୍ଦରରୁ ୪କୋଟିର ହାଇ ଗ୍ରେଡ୍ ମାରିଜୁଆନା ଜବତ ହୋଇଥିଲା। ଅଭିଯୁକ୍ତ ଜଣଙ୍କ ଘର ଗୁଜୁରାଟ୍ ଏବଂ ସେ ବ୍ୟାଙ୍କକ୍‌ରୁ ମାରିଜୁଆନା ଆଣି ଥିବା ନେଇ ପୁଲିସ ଆଗରେ ସ୍ୱୀକାର କରିଥିଲେ। ଗତ ୧ବର୍ଷ ମଧ୍ୟରେ ୫୨କୋଟି ଟଙ୍କାର ମାରିଜୁଆନା ଜବତ ହେଲାଣି। ଏଥିରୁ ସ୍ପଷ୍ଟ ହେଉଛି ଭୁବନେଶ୍ୱର ବିମାନ ବନ୍ଦର ମାରିଜୁଆନା ଚାଲାଣର ପେଣ୍ଠ ସ୍ଥଳ ପାଲଟିଛି। ନିୟମିତ ଭାବେ ଏହି ବିମାନବନ୍ଦରକୁ ଓଡ଼ିଶାକୁ ମାରିଜୁଆନା ପ୍ରବେଶ କରୁଛି। ବହୁ ଅଭିଯୁକ୍ତ ମାରିଜୁଆନା ଚାଲାଣରେ ସଫଳ ହେଉଥିଲା ବେଳେ ମାତ୍ର କିଛି ଅଭିଯୁକ୍ତ ଡିଆର୍ଆଇ ହାତରେ ଧରା ପଡ଼ିଯାଉନ୍ତି ବୋଲି ଜଣାପଡ଼ିଛି।

ବିମାନବନ୍ଦରରେ ସବୁ ସମୟରେ ହାଇ ସିକ୍ୟୁରିଟିରେ ରହୁଛି। ବିମାନବନ୍ଦରକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଉଛି। ଏଠାରେ ରାଜ୍ୟ ପୁଲିସ ନୁହେଁ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସିଆଇଏସ୍ଏଫ୍ ନିୟୋଜିତ ହୋଇଛନ୍ତି। ଲୋକଙ୍କୁ ଯାଞ୍ଚ କରିବାକୁ ଅତ୍ୟାଧୁନିକ ସ୍କାନର ଓ ଯନ୍ତ୍ରପାତି ମଧ୍ୟ ବ୍ୟବହାର କରାଯାଉଛି। ଏହା ସତ୍ତ୍ୱେ ବିମାନ ପଥରେ ନିଶା କାରବାର ପାଇଁ ଭୁବନେଶ୍ୱର ବିମାନ ବନ୍ଦର ପ୍ରମୁଖ କେନ୍ଦ୍ର ପାଲଟିଛି। ବ୍ୟାଙ୍କକ୍‌ର ଅନ୍ତର୍ଜାତୀୟ କ୍ରାଇମ୍ ସିଣ୍ଡିକେଟ୍‌ର ନଜର ଭୁବନେଶ୍ୱର ଉପରେ ପଡ଼ିଛି। ସେମାନେ ଏହାକୁ ମାରିଜୁଆ ଚାଲାଣ ପାଇଁ ବ୍ୟବ୍ୟହାର କରୁଛନ୍ତି।

ଗତବର୍ଷ ୪ ଅକ୍ଟୋବରରେ ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୩.୨ କିଲୋଗ୍ରାମ୍ ମାରିଜୁଆନା ଜବତ ହୋଇଥିଲା। ଯାହାର ମୁଖ୍ୟ ୩କୋଟି ଟଙ୍କା ବୋଲି ଅନୁମାନ କରାଯାଇଥିଲା। ଏହି ଲିଙ୍କ୍‌ରେ କେରଳର ଜଣେ ଯୁବକଙ୍କୁ ଗିରଫ କରାଯାଇଥିଲା। ଗତବର୍ଷ ଭୁବନେଶ୍ୱର ବିମାନବନ୍ଦରରେ ଏପରି ଜବତ ଘଟଣା କୌଣସି ନୂଆ ନୁହେଁ। ଜାନୁଆରୀ ୨୦୨୫ରେ, କଷ୍ଟମ ଅଧିକାରୀମାନେ ପ୍ରାୟ ୭ କୋଟି ଟଙ୍କାର ଚୋରା ସାମଗ୍ରୀ ସହିତ ଆଉ ଜଣେ କେରଳ ବାସିନ୍ଦାଙ୍କୁ ଗିରଫ କରିଥିଲେ। ଗତ ଜୁଲାଇ ୨୯, ୨୦୨୫ ରେ, ଅଧିକାରୀମାନେ ବ୍ୟାଙ୍କକରୁ ଏକ ବିମାନରେ ଛଅଟି ବ୍ୟାଗରେ ଲୁଚାଇ ରଖାଯାଇଥିବା ପ୍ରାୟ ୫୦ କିଲୋ ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ କରିଥିଲେ। ଯାହାର ମୂଲ୍ୟ ୩୦ କୋଟିରୁ ଅଧିକ ବୋଲି ସେହି ସମୟରେ କୁହାଯାଇଥିଲା। ଏହି ମାମଲାରେ ଉତ୍ତର ପ୍ରଦେଶର ତିନି ଜଣ ଯାତ୍ରୀଙ୍କୁ ଗିରଫ ହୋଇଥିଲେ।

## ବ୍ରାଉନସୁଗର କାରବାରରେ...

କରିଥିଲା। ସେମାନଙ୍କ ହେପାଜତରୁ ମୋଟ ୨୬୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଅଧିକ ପଚରାଉଚରା ପାଇଁ ସମସ୍ତଙ୍କୁ ଥାନାକୁ ଉଠାଇ ଆଣିଥିଲା। ସନ୍ତୋଷ ନିୟମିତ ବ୍ୟବଧାନରେ ଭୁବନେଶ୍ୱର ଆସି ଦେବୀକୁ ବ୍ରାଉନସୁଗର ଯୋଗାଉଥିଲା। ଦେବୀ ତା'ର ସହଯୋଗୀ ସୁକାନ୍ତ ମାଧ୍ୟମରେ ରାଜଧାନୀର ବିଭିନ୍ନ ଛୋଟ ଛୋଟ ନିଶା ବେପାରୀଙ୍କୁ ବ୍ରାଉନସୁଗର ବିକ୍ରି କରୁଥିଲା। ସମ୍ଭ୍ରାନ୍ତ ପରିବାରର ଅଭିଯୁକ୍ତ ଦେବୀ ଆଇନ ଛାତ୍ର ହୋଇଥିବା ବେଳେ ତା'ର ବାପା କ୍ଲାସ୍ ୧ ଠିକାଦାର ବୋଲି ଅଧିକ ତଦନ୍ତରୁ ଜଣାପଡ଼ିଥିଲା। ସେ ଦୀର୍ଘଦିନ ହେବ ରାଜଧାନୀରେ ବ୍ରାଉନସୁଗର ବେପାର କରି ଆସୁଥିବା ସ୍ୱୀକାର କରିଥିଲା। ସେହିପରି ସୁକାନ୍ତ ଅଭ୍ୟାସଗତ ବ୍ରାଉନସୁଗର ହୋଇଥିବା ବେଳେ ସନ୍ତୋଷ ଏକ ହତ୍ୟା ମାମଲାରେ ୬ ବର୍ଷ ଜେଲରେ କାଟିଛି। ଅଭିଯୁକ୍ତମାନେ ଦୀର୍ଘଦିନ ହେବ ନିଜେ ବ୍ରାଉନସୁଗର ସେବନ କରିବା ସହ ବିକ୍ରି କରି ଆସୁଥିଲେ ବୋଲି ଅବକାରୀ ବିଭାଗ କହିଛି।ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।

## ପୁଣି ମୁଣ୍ଡ ନେଲା...

ଆମ ବସ୍ ଡ୍ରାଇଭର ସୁଚିତ୍ର ସାହୁଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଆଉ ଏକ ଆମ୍ ବସ୍ ସନ୍ଧ୍ୟା ସମୟରେ ଏକ ସ୍କୁଟିକୁ ପଛପଟୁ ଧକ୍କା ଦେଇଛି। ସ୍କୁଟି ଚାଳକ ଏଥିରେ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ମୁତାବକ, ଅଟୋଟି ରାମ ମନ୍ଦିର ପଟୁ ବାଣୀବିହାର ଅଭିମୁଖେ ଯାଉଥିଲା। ରେଡ୍ ସିଗନାଲ୍ ଥିବାରୁ ଟ୍ରାଫିକ୍ ଛକରେ ଅଟକିଥିଲା। ଆଟୋର ସାମ୍ନାରେ ଏକ ସ୍କୁଲ୍ ବସ୍ ସାମ୍ନାରେ ଥିଲା। ଏହି ସମୟରେ ହଠାତ୍ କାଳ ରୂପରେ ପଛପଟୁ ମାଡ଼ି ଆସିଥିଲା 'ଆମ ବସ୍'। ଧୀରେଧୀରେ ଅଟୋ ପାଖକୁ ଯାଉ ଶେଷରେ ଅଟୋଟିକୁ ଚାପି ଦେଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଆମ ବସ୍ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ତ୍ୟକ୍ତ ଲୋକେ ଭଙ୍ଗାରୁଜା କରିଥିଲେ। ଡ୍ରାଇଭରଙ୍କୁ ଅଟକାଇ ଲୋକେ ନିସ୍ତୁକ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ପୁଲିସ ପହଁଞ୍ଚି ଆମ ବସ୍ ଚାଳକଙ୍କୁ ହେପାଜତକୁ ନେଇ ଥିଲା।

ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ କେଉଁ କାରଣରୁ ଦୁର୍ଘଟଣା ହୋଇଛି ବୋଲି କିଛି ସ୍ପଷ୍ଟ ହୋଇ ନଥିଲା ବେଳେ ପୁଲିସ ଏକାଧିକ ସିସିଟିଭି ଯାଞ୍ଚ କରିଥିଲା। ସିସିଟିଭିରୁ ଜଣାପଡ଼ିଥିଲା ଯେ ଅଟୋଟି ଛିଡା ହୋଇଥିଲା ବେଳେ ବସ୍ ପଛପଟୁ ଧକ୍କା ଦେଇଥିଲା। ଯାହାଦ୍ୱାରା ଅଟୋଟି ଚୁନା ହୋଇଯିବା ସହ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିଲା ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷ କ୍ରୁଟ୍ ପକ୍ଷରୁ ଏଥିପାଇଁ କ୍ଷମା ପାର୍ଥନା କରାଯାଇଛି। ଏହା ସହ ନିୟମ ଅନୁଯାୟୀ ମୃତକଙ୍କୁ ୨ଲକ୍ଷ ଏବଂ ଆହତଙ୍କୁ ୫୦ହଜାର ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି।

## ଥାନା ଆଗରେ...

ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିସହ ପୁଲିସ ଚଗଲାଙ୍କୁ ଘଟଣାସ୍ଥଳରୁ ଉଠାଇ ଆଣି ତଦନ୍ତ ଚଳାଇଛି। ଅନ୍ୟପଟେ ସନ୍ତୋଷଙ୍କୁ ଭୋଜି କରିବାକୁ ଡାକି ନେଇ ଚଗଲା ତାଙ୍କ ପାଉଣା ଦେଇ ନ ଥିବା ବେଳେ ମାଗିବାରୁ ସେ ହତ୍ୟାକାଣ୍ଡ ଘଟାଇଥିବା ସନ୍ତୋଷଙ୍କ ସ୍ତ୍ରୀ ଅଭିଯୋଗ ଆଣିଛନ୍ତି।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ**

ଅଭିନନ୍ଦନ ବାର୍ତ୍ତା

ଦୈନିକ ଖବର କାଗଜ "ସକାଳ" କୁ ନବବର୍ଷ ସ୍ୱତନ୍ତ୍ର ସଂଖ୍ୟା ପାଇଁ ଅଭିନନ୍ଦନବାର୍ତ୍ତା ନିମନ୍ତେ ଅବସରରେ "ଆମ ପରିଷଦ" ସହର ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଶାନ୍ତି, ମୈତ୍ରୀ, ଭାଇଚାରା ର ବାର୍ତ୍ତା ବହନ କରୁଥିବା ଆମ ଗଞ୍ଜାମ ସହରକୁ ସ୍ୱଚ୍ଛ, ସବୁଜ, ସୁନ୍ଦର, ଖୋଲା ଶୌଚ ମୁକ୍ତ, ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଏବଂ ଶୃଙ୍ଖଳିତ ରଖିବା ଆମ ପରିଷଦର ମୂଳ ଲକ୍ଷ୍ୟ "ଆପଣଙ୍କ ସମସ୍ୟା ଆମର ସମାଧାନ" କୁ ସଫଳ କରିବା ପାଇଁ ପରିଷଦର ସମସ୍ତ କାର୍ଯ୍ୟରେ ସହର ବାସୀଙ୍କୁ ଗଠନ ମୂଳକ ସହଯୋଗ କାମନା କରୁଛୁ।

ଆପଣଙ୍କ ସହଯୋଗ:

୧. Swachh Survekshan-2025 ଅଭିଯାନରେ ନିଜକୁ ନିୟୋଜିତ କରି ଆମ ସହର କୁ ସ୍ୱଚ୍ଛ ଓ ନିର୍ମଳ ରଖନ୍ତୁ ଏବଂ ନିୟମିତ ପାଇଖାନା ବ୍ୟବହାର କରନ୍ତୁ। ଦୈନିକ ବର୍ଜ୍ୟବସ୍ତୁ ସଂଗ୍ରହ କରି ପରିଷଦର ସଫେଇ ଗାଡିରେ ଦିଅନ୍ତୁ। ଭଙ୍ଗା ଟିଭି, କମ୍ପ୍ୟୁଟର, ଫ୍ରିଜ ଆଦି e-Waste ଗୁଡ଼ିକୁ ପରିଷଦର ବୁଲୁଥିବା D/D BOV ଗାଡିରେ ଦିଅନ୍ତୁ।

୨. ରାସ୍ତାକଡ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ ରୁହନ୍ତୁ ଓ ପରିଷଦର ବିନା ଅନୁମତି ରେ ନୂତନ ଗୃହ କରନ୍ତୁ ନାହିଁ।

୩. ଗଞ୍ଜାମ ଏନଏସି ର ପ୍ରତ୍ୟେକ ବ୍ୟବସାୟୀ ପରିଷଦ ଠାରୁ ନିଜର ଟ୍ରେଡ ଲାଇସେନ୍ସ (Trade License) କରାଇ ନିଅନ୍ତୁ।

୪. ପୌର ପରିଷଦ ର e-Website ଏବଂ Social media Pages କୁ ଅନୁସରଣ କରନ୍ତୁ।

୫. ମୋ ଖତ (ଜୈବିକ ଖତ) ମାତ୍ର ୧୦/- ଟଙ୍କାରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉପଲବ୍ଧ। ଇଚ୍ଛୁକ ବ୍ୟକ୍ତିମାନେ ଯୋଗାଯୋଗ କରିପାରିବେ।

"ଆମ ପରିଷଦ ବିକଶିତ ପଥରେ..."

ଶ୍ରୀମତୀ ଅପର୍ଣ୍ଣା ଡାଙ୍ଗୁଆ, କାର୍ଯ୍ୟ ନିର୍ବାହୀ ଅଧିକାରୀ

ଶ୍ରୀମତୀ ପ୍ରତିଭା ପାଢୀ, ଅଧକ୍ଷା

**OFFICE OF THE NOTIFIED AREA COUNCIL, BANPUR**

Phone No.: 06756 25309

Email id: ulbnac.banpur@gmail.com

No. 2814 / Dt. 24.12.25

**QUOTATION CALL NOTICE**

Sealed quotations are invited from intended farms, advertising agencies and SHGs for fixing of hoardings in different prominent places and locations for commercial advertisement purpose. The quotations should reach before the undersigned on dated **07.01.2026** from **11.00 AM to 3.00 PM** and the same will be opened on dated **07.01.2026** in the chamber of **Executive Officer, Banpur NAC,** in presence of the applicant or their authorized representative. The applying agencies should have **GSTIN Number, PAN Card, Aadhar Card and 03 months Bank Statement.** The offset price for fixing hoardings is **Rs. 1,50,000/- (Rupees One Lakh Fifty Thousand)** only for one year from the date of executing agreement and the farms or agencies quoted more will be selected and the selected agencies will have to deposit the full amount before executing the agreement. In shape of DD in favor of **Executive Officer, Banpur NAC.**

The undersigned reserves the right to reject any or all quotations without assigning any reason thereof.

Sd/- Executive Officer
Banpur NAC

E-Mail: eerw_gm1@yahoo.co.in — O-1873

OFFICE OF THE SUPERINTENDING ENGINEER
RURAL WORKS DIVISION-I, GANJAM, BERHAMPUR

Government of Odisha e-Procurement Notice

**Bid Identification No. Online Tender // 21// SERWDG-I // 2025-26**

Letter no. 6986 / RWDG-I/BAM/Date- 24.12.225

| | | | |
|---|---|---|---|
| 1 | Name of the Work | :: | Building Work |
| 2 | Estimated Cost | :: | Rs.81.03 Lakhs |
| 3 | Period of Completion | :: | 09 (Nine)Calendar Months as shown in Column No.06 of Annexure. |
| 4 | Date & Time of Availability of Bid Documents in the Portal | :: | From 04.01.2026 at 11.00 AM to 21.01.2026 upto 5.00 PM |
| 5 | Last Date/ Time for Receipt of Bids in the Portal | :: | 21.01.2026 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

ExecutiveEngineer
R.W Division-I, Ganjam
Berhampur

OIPR-2585/11/0047/2526

**GOVERNMENT OF ODISHA** — C-1948

OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
E-mail – eephchpr@gmail.com
NATIONAL COMPETITIVE BIDDING THROUGH e-Procurement

**Invitation For Bids (IFB)**

| Sl.No | Name of work | Bid Identification No | Estimated cost (Rs. in Lakh) | Period of completion | Availability of Bid Document for online bidding From | To | Name & address of office inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Procurement, installation, testing and commissioning of Multijet water meter at consumer end of Chatrapur NAC under AAP-2025-26 -SUJAL | Identification No 65/ 03 / SPH(C) / 2025-26 dt. 31.12.2025 | 12.41 | 3 (Three) Calendar Months | 11.00 Hrs of 03.01.2026 | 17.30 Hrs of 14.01.2026 | Superintending Engineer, P.H Division, Bhanjanagar at Chatrapur |

The Technical Bid shall be opened on dt.15.01.2026 at 01.00 PM

Further details can be seen from the e-procurement portal https://www.tenderorissa.gov.in

Additional Chief Engineer (PH)
P.H. Division, Bhanjanagar
at Chatrapur

OIPR-13013/11/0047/2526

**GOVERNMENT OF ODISHA** — O-1904

OFFICE OF THE SUPERINTENDING ENGINEER,
RURAL WORKS DIVISION, KUCHINDA
E-mail-eerw_kuchinda@yahoo.com

**Identification No Online Tender /12 / RWD, Kuchinda / 2025-26.**

Letter No. 9349 — Date 30.12.2025

| | | | |
|---|---|---|---|
| 1. | The Superintending Engineer Rural Works, Division, Kuchinda behalf of the Governor of Odisha invites percentage rate bids to be received in **ONLINE MODE** Only for Roads Work. | | |
| 2. | No. of work | : | 8 Nos |
| 3. | Nature of Work | : | Road Repair |
| 4 | Class of Contractor | : | "D", "C" & "B" |
| 5 | Approx Value of Work | : | 5.51 Lakhs to 38.88 Lakhs |
| 6 | Tender Cost | : | 4000 & 6000 |
| 7 | Availability of Bid Documents in the Website | : | 05.01.2026 at 11. A.M to 12.01.2026 at 5.00 P.M |
| 8 | Last date & time for seeking clarification | : | 09.01.2026 at 05.00 A.M |
| 9 | Date of Opening of Bid | : | 13.01.2026 at 11.00 A.M |
| 10 | Other details can be Seen in the Bidding documents from the website : https://tendersodisha.gov.in | | |

Superintending Engineer
Rural Works Division,
Kuchinda

OIPR-25151/11/0049/2526

**AFFIDAVIT**

By virtue of an affidavit no.3244 before the Executive Magistrate, Phulbani, Kandhamal, dtd.31.12.2025, I, Dunja Kanhar, At- Upar Damingia, Po- Jajesapanga, PS- Phiringia, Dist- Kandhamal, Odisha, Pin–762011, have changed my name from Dunka Kanhar to **Dunja Kanhar**. Henceforth I shall be known as **Dunja Kanhar** for all purposes.

Sd/- Dunja Kanhar

**AFFIDAVIT**

By virtue of an affidavit No. 6580, sworn before the Executive Magistrate, Champua on dtd- 12/12/2025, I **Insha Parween,** D/o-MD. Azmatullah, permanent resident of Vill/Po/Ps- Jhumpra, Dist- Keonjhar, Odisha, Pin-758031 declare that I have changed my name from **Insah Parwin** (old name) to **Insha Parween** (new name). Henceforth, I shall be known as **INSHA PARWEEN** for all future purposes.

Insha Parween

**AFFIDAVIT**

By virtue of an affidavit no.3229 before the Executive Magistrate, Phulbani, Kandhamal, dtd.29.12.2025, I, Kartika Kumar Gurandi, At-Kamanakama, Po- Kelapada, Ps- Phiringia, Dist- Kandhamal, Odisha, Pin- 762011 have changed the name of my minor son from Karimdam Gurandi to Karindam Gurandi. Henceforth he shall be known as **Karindam Gurandi** for all purposes.

Sd/- Kartika Kumar Gurandi

**AFFIDAVIT**

By virtue of an affidavit (SI No.13340, dtd- 01/12/2025) sworn before The Executive Magistrate, Jajpur. I, Bijay Kumar Maharana, S/o Sanatan Maharana, resident of Vill- Barttanda, PO- Atta, Ps- Sukinda, Dist- Jajpur, PIN-755018, Odisha declare that I have changed my name from Bijay Kumar Moharana to Bijay Kumar Maharana. Henceforth, I shall be known as **BIJAY KUMAR MAHARANA** (new name) for all purposes.

**AFFIDAVIT**

I, Mohammed Tahir, aged about 77 years, S/o- Abdul Rahman, resident of Subhash Nagar, Ward No 14, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No.32, dtd- 03/01/2026, that now onwards I shall be known as **MOHAMMAD TAHIR** for all future purposes.

**ସତ୍ୟପାଠ**

ଏତଦ ଦ୍ୱାରା ଆମେ ମିନାକ୍ଷୀ ରାଉତ ବୟସ ୫୫ ବର୍ଷ, ପିତା-ଅନୁଡି ଖଟୁଆ, ସା- ଦେଶପୁର, ପୋ- କାଣ୍ଡୁକାଳପଡ଼ା, ଥାନା- ଡେରାବିଶ, ଜିଲ୍ଲା- କେନ୍ଦ୍ରାପଡା, ଗତ ତା- ୨୨.୧୨.୨୦୨୫ ରିଖରେ ନୋଟାରୀ ପବ୍ଲିକ୍ କେନ୍ଦ୍ରାପଡାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ସତ୍ୟପାଠ କରିଥାରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହା ଜଣାଉଅଛୁ କି ଆମେ ଓ ଆମ ଭଉଣୀ ଲତା ରାଉତ, ସ୍ୱା- ଦୁର୍ଯ୍ୟୋଧନ ରାଉତ, ସା- ବିଦ୍ୟାଧରପୁର, ପୋ-ପୋଦ୍ଦାମରାଇ, ଥା- କୁଆଁପାଳ, ଜିଲ୍ଲା- କଟକ, ଆମେ ଉଭୟ ଆମ ପିତା ଅନୁଡି ଖଟୁଆ, ୮୫ବର୍ଷ ଙ୍କର ୨ ଝିଅ ଅଟୁ ଏବଂ ଆମ ପିତାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତିର ଉତ୍ତରାଧିକାରୀଣୀ ଅଟୁ। ଯଦି କୌଣସି ବ୍ୟକ୍ତି ଆମ ପିତାଙ୍କର ବୟସାଧିକ କାରଣରୁ ସ୍ମରଣଶକ୍ତି ହାନି ଯୋଗୁ ଏହାର ସୁଯୋଗ ନେଇ ସମ୍ପତ୍ତିକୁ ହସ୍ତାନ୍ତର କରିଥାନ୍ତି ବା କରନ୍ତି ସେଥିପାଇଁ ଆମେ ଦାୟୀ ରହିବୁ ନାହିଁ।

ସ୍ୱା/- ମିନାକ୍ଷୀ ରାଉତ

**AFFIDAVIT**

I, Rafat Sulana, aged about 33 years, W/o- Gulam Gous, resident of Subhash Nagar, Ward No 14, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No.33, dtd- 03/01/2026, that now onwards I shall be known as **RAFAT SULTANA** for all future purposes.

**AFFIDAVIT**

I, Mohmooda Khatun, aged about 64 years, W/o-Mohammad Tahir, resident of Subhash Nagar, Ward No. 14, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No.31, dtd-03/01/2026, that now onwards I shall be known as **MHMUDA KHATUN** for all future purposes.

**AFFIDAVIT**

By virtue of an affidavit No. 03 sworn before the Executive Magistrate, Champua on dated- 02/01/2026, I **Gurucharana Moharana**, S/o- Brundaban Maharana, permanent resident of Vill- Kansara (Kha) Po- Bhanda, Ps- Baria, Dist- Keonjhar, Odisha, Pin- 758044 declare that I have changed my name from **Gura Maharana** (old name) to **Gurucharana Moharana** (new name). Henceforth, I shall be known as **Gurucharana Moharana** for all future purposes.

Gurucharana Moharana

**AFFIDAVIT**

By virtue of an affidavit No. 3518, sworn before the Executive Magistrate, Champua on dtd- 26/12/2025, I **Ambuja Nayak,** S/o-Pitambar Nayak, parmanent resident of Vill/Po- Rangamatia, Ps- Champua, Dist- Keonjhar, Odisha, Pin- 758044. I have changed my minor daughter's name from **Tejashini Nayak** (old name) to **Laxmipriya Nayak** (new name), Henceforth, she shall be known as **Laxmipriya Nayak** for all future purposes.

Ambuja Nayak

**AFFIDAVIT**

By virtue of an affidavit No.32 sworn before the Notary Public Swampatana on dtd- 03/01/2026, I **Umesh Chandra Mahanta**, S/o-Balaram Mohanta, permanent resident of At- Bhalughar, Po-Mushakhori Block-Patana, Dist-Keonjhar, Odisha, Pin- 758030, declare that I have changed my name from **Umesha Chandra Mahant** (old name) to **Umesh Chandra Mahanta** (new name). Henceforth, I shall be known as **Umesh Chandra Mahanta** for all future purposes.

Umesh Chandra Mahanta

ସକାଳ
THE SAKALA



# ଧର୍ମାନ୍ତରୀକରଣ ପରେ ପରିବର୍ତ୍ତନ ହେଉନି ଜାତି ପ୍ରମାଣପତ୍ର

**ମୁନିଗୁଡ଼ା, ୩।୧(ସମିସ)**

ଅନୁସୂଚିତ ଜାତି ବା ଏସ୍‌ସି ବର୍ଗର ଲୋକ ହିନ୍ଦୁ ଧର୍ମ ଛାଡି ଅନ୍ୟ ଧର୍ମକୁ ଧର୍ମାନ୍ତରୀକରଣ ପରେ ମଧ୍ୟ ଜାତି ପ୍ରମାଣପତ୍ରକୁ ପରିବର୍ତ୍ତନ ନ କରି ହାତେଇ ଚାଲିଛନ୍ତି ସରକାରୀ ଅନୁଦାନ। ପ୍ରଶାସନ ମଧ୍ୟ ଏଥିପ୍ରତି କୋହଳ ମନୋଭାବ ଦେଖାଇ ସେମାନଙ୍କୁ ଉତ୍ସାହିତ କରୁଥିବା ଅଞ୍ଚଳର ବିଭିନ୍ନ ହିନ୍ଦୁ ସଂଗଠନ ଅଭିଯୋଗ କରୁଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଧର୍ମାନ୍ତରୀକରଣ ଏକ ଭୟାନକ ଚିତ୍ର ଦେଖିବାକୁ ମିଳିଛି। ଭାରତର ସମ୍ବିଧାନ କୁ ଉପହାସ କରି ତଥାକଥିତ ଧର୍ମାନ୍ତିକରଣ ର ମୁଖ୍ୟମାନେ ଅର୍ଥ ଲୋଭ ଦେଖାଇ ନିରୀହ ହିନ୍ଦୁ ମାନଙ୍କୁ ଧର୍ମ ସଙ୍କଟରେ ପକାଇବାର ପ୍ରୟାସ ଜାରି ରଖିଛନ୍ତି। ସରକାରୀ ନିୟମ ଅନୁଯାୟୀ ଯେଉଁ ଅନୁସୂଚିତ ଜାତି ବା ଏସ୍‌ସି ବର୍ଗର ବ୍ୟକ୍ତି ହିନ୍ଦୁ ଧର୍ମ ପରିତ୍ୟାଗ କରି ଅନ୍ୟ ଧର୍ମ ଗ୍ରହଣ କରନ୍ତି, ତେବେ ସେମାନଙ୍କୁ ସାଧାରଣ ବର୍ଗର ବୋଲି ଧରି ନିଆଯିବ। କିନ୍ତୁ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅଧୀନରେ ଥିବା ଅନେକ ଗ୍ରାମ, ଅମ୍ବାଦଲା ଥାନା ଅଧିନସ୍ଥ ଅମ୍ବାଦଲା ପଞ୍ଚାୟତର ବଡ଼ସାହି, ଇନ୍ଦିରା ସାହି, ସରଧାପୁର ପଞ୍ଚାୟତର ଜନାବାଲି, ବେରୁଗୁଡା, ଅମ୍ଲାଭଟା ପଞ୍ଚାୟତର କୁମୁଡ଼ାବାଲି ଅଞ୍ଚଳର ଅନେକ ଅନୁସୂଚିତ ବର୍ଗର ଲୋକ ଧର୍ମ ପରିବର୍ତ୍ତନ କରି ମଧ୍ୟ

> ➤ ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗ
> ➤ ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ: ତହସିଲଦାର

ସରକାରଙ୍କ ବିଭିନ୍ନ ଯୋଜନାରେ ନିଜକୁ ହିନ୍ଦୁ ଧର୍ମର ପରିଚୟ ଦେଇ ଏସ୍‌ସି ବର୍ଗର ସୁବିଧା ସୁଯୋଗ ପାଇବାରେ ସଫଳ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ମଧ୍ୟ ମିଛ ଏସ୍‌ସି ପ୍ରମାଣ ପତ୍ର ଦେଇ ଷ୍ଟାଇଫେଣ୍ଡ ହରିଲୁଟ କରିବାରେ ଲାଗିଛନ୍ତି। ପ୍ରମାଣ ପତ୍ର ଦେବା ବେଳେ ସମ୍ପୃକ୍ତ ଅଧିକାରୀ ମାନେ ଭଲ ଭାବେ ତଦନ୍ତ ନକରି ସେମାନଙ୍କୁ ପ୍ରମାଣ ପତ୍ର ଯୋଗାଇ ଦେଉଛନ୍ତି। ଏହା ଦ୍ୱାରା ପ୍ରକୃତ ଏସ୍‌ସି ବର୍ଗର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଅନ୍ୟାୟ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି। ଅର୍ଥ ଲୋଭରେ ପଡି କିଛି ଲୋକ ଧର୍ମାନ୍ତରୀକରଣ ହୋଇ ସେଠାରୁ ଲାଭ ପାଇବାର ଆଶା ରଖି ଏପଟେ ହିନ୍ଦୁ ପ୍ରମାଣପତ୍ର ଦେଖାଇ ସରକାରୀ ଟଙ୍କା ହାତେଇ ନେଉଥିବା ଏକ ପ୍ରକାର ପାଣ୍ଡବଙ୍କ ଖାଇ କୌରବଙ୍କର ଗାଇବା ଭଳି ମନେ ହେଉଛି ବୋଲି ଅଞ୍ଚଳବାସୀ କହୁଛନ୍ତି। ଅନେକ ସରକାରୀ ଚାକିରି କ୍ଷେତ୍ରରେ ନିଯୁକ୍ତି ପାଇଁ ଆବେଦନ କରିଥିବା ଜାତି ପ୍ରମାଣପତ୍ର ଠିକ୍ ଭାବେ ଯାଞ୍ଚ କରାଯାଉନଥିବାରୁ ଏସ୍‌ସି ବର୍ଗର ପ୍ରକୃତ ହିତାଧିକାରୀଙ୍କୁ ପଛକୁ ଠେଲି ଦେବାର ଦେଖିବାକୁ ମିଳୁଛି। ଯଦି ପ୍ରଶାସନ ପକ୍ଷରୁ ଚର୍ଚ୍ଚ ଗୁଡିକରେ ହେଉଥିବା ପଞ୍ଜିକରଣକୁ ଭଲ ଭାବେ ତଦନ୍ତ କରି ଏମାନଙ୍କୁ ଚିହ୍ନଟ କରାଯାଇପାରନ୍ତା ଉପଯୁକ୍ତ ସରଳ ନିରୀହ ଅନୁସୂଚିତ ଜାତିର ବା ଏସ୍‌ସି ବର୍ଗର ହିତାଧିକାରୀ ମାନେ ନ୍ୟାୟ ପାଇପାରନ୍ତେ ବୋଲି ମୁନିଗୁଡା ବ୍ଲକ ଆଦିବାସୀ ସମାଜ ସଭାପତି ଜଗନ୍ନାଥ ନୁଣ୍ଡୁରୁକା ମତ ପ୍ରକାଶ କରିଛନ୍ତି। ପ୍ରଶାସନ ଯଥାଶୀଘ୍ର ଏହି ବିଷୟକୁ ଗୁରୁତର ସହିତ ଗ୍ରହଣ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଏହା ଆଗାମୀ ସମୟରେ ସାମାଜିକ ବ୍ୟବସ୍ଥାକୁ ବିଗାଡି ଦେବା ସହ ଜନସାଧାରଣଙ୍କ ମଧ୍ୟରେ ଏକ ଶୀତଳ ଯୁଦ୍ଧ ଆରମ୍ଭ ହେବାର ସମ୍ଭାବନା ରହିଛି ବୋଲି ରାୟଗଡା ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦର ସଭାପତି ଡ. ବାବୁ ରାଓ ମହାନ୍ତି କହିଛନ୍ତି। ତେଣୁ ଏହି ବିଷୟକୁ ଗମ୍ଭୀରତାର ସହ ନେଇ ଜିଲ୍ଲା ପ୍ରଶାସନ ତଦନ୍ତ କରିବା ପାଇଁ ମୁନିଗୁଡା ଅଞ୍ଚଳର ବହୁ ହିନ୍ଦୁ ସଂଗଠନ ପକ୍ଷରୁ ଦାବି ହେଉଛି। ଉକ୍ତ ବିଷୟକୁ ନେଇ ମୁନିଗୁଡା ତହସିଲଦାର ଏମ୍ ଅନୁରାଧାଙ୍କୁ ପଚାରିବାରୁ ତାଙ୍କ ପାଖକୁ ସେମିତି କିଛି ଅଭିଯୋଗ ଆସିନାହିଁ । ଯଦି କୌଣସି ଲିଖିତ ଅଭିଯୋଗ ଆସେ, ତେବେ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସତ୍ୟ ସାଇବାବା ସଂଗଠନର ମାଗଣା ସ୍ୱାସ୍ଥ୍ୟ ଶିବିର



ରାୟଗଡା,୩।୧(ସମିସ): ରାୟଗଡ଼ା ସତ୍ୟ ସାଇବାବା ସଂଗଠନ ତରଫରୁ ରାୟଗଡ଼ା ସହର ସ୍ଥିତ ସେକ୍ରେଡ ହାର୍ଟ ସ୍କୁଲରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆଜି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଶ୍ରୀ ସତ୍ୟ ସାଇ ବାବାଙ୍କ ଶତବାର୍ଷିକୀ ଉପଲକ୍ଷେ ଏଭଳି ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଥିବା ସତ୍ୟ ସାଇବାବା ସଂଗଠନର ଡ. ଲକ୍ଷ୍ମୀ ନାରାୟଣ ସାହୁ ପ୍ରକାଶ କରିଛନ୍ତି। ସେକ୍ରେଡ ହାର୍ଟ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଆଖି ଓ ଦାନ୍ତ ପରୀକ୍ଷଣ କରାଯାଇଥିଲା। ଏଥିରେ ୧୬୭ ଜଣ ଛାତ୍ରଛାତ୍ରୀ ନିଜ ନିଜର ଆଖି ଓ ଦାନ୍ତ ପରୀକ୍ଷଣ କରିଥିଲେ। ଡାକ୍ତର ଅମିତ କୁମାର ପରିଡା, ଛାତ୍ରଛାତ୍ରୀଙ୍କ ଦାନ୍ତ ପରୀକ୍ଷଣ କରିଥିବା ବେଳେ ଚକ୍ଷୁ ବିଶେଷଜ୍ଞ ମୁଗ୍ଧା ଜଗଦୀଶ ଏବଂ ଅଜିତ ମୋଗୁଲ, ଛାତ୍ରଛାତ୍ରୀଙ୍କ ଆଖି ପରୀକ୍ଷଣ କରିଥିଲେ। ପରୀକ୍ଷଣ ସମୟରେ ଡାକ୍ତରମାନେ ଆଖି ଓ ଦାନ୍ତର କିପରି ଯତ୍ନ ନେବେ ସେ ନେଇ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ଶିବିରକୁ ସୁଚାରୁ ରୂପେ ପରିଚାଳନା ପାଇଁ ସତ୍ୟ ସାଇବାବା ସଂଗଠନର ୮ ଜଣ ସଦସ୍ୟ ସହଯୋଗ କରିଥିଲେ।

# ରାୟଗଡ଼ା ଆଦିବାସୀ ମହାସଂଘ ବୈଠକ




ରାୟଗଡ଼ା,୩।୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ତାଡ଼ାମା ଗ୍ରାମଠାରେ ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ) ତରଫରୁ ସାଧାରଣ ସଦସ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ବିଜୟ କୁମାର ମେଲାକାଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଦସ୍ୟ ବୈଠକରେ କାଶୀପୁର, ବିଷମକଟକ ଓ ରାୟଗଡ଼ା ବ୍ଲକର ସଦସ୍ୟ ମାନେ ଉପସ୍ଥିତ ଥିଲେ। ୩ ବର୍ଷର ପୁରୁଣା କମିଟି ଭଙ୍ଗ କର ନୂତନ କମିଟି ଗଠନ କରାଗଲା। ଜିଲ୍ଲା ସ୍ତରୀୟ କମିଟିରେ ନୂତନ ସଦସ୍ୟଙ୍କୁ ସାମିଲ୍ କରାଗଲା। ୭ ଜଣିଆ ଜିଲ୍ଲା ସ୍ତରୀୟ କମିଟିରେ ସଭାପତି ଭାବେ ବିଜୟ କୁମାର ମେଲାକା, ଉପ ସଭାପତି ଭାବେ ଶଙ୍କର ଜିଲାକାରା, ସାଧାରଣ ସମ୍ପାଦକ ଭାବେ କାମେଶ୍ୱର ବିଡ଼ିକା, ଯୁଗ୍ମ ସମ୍ପାଦକ ଭାବେ ବାଲ୍ମୀକି ହୁଇକା, କୋଷାଧ୍ୟକ୍ଷ ଭାବେ ମୋହନ ଦାସ ମାଝୀ, ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଶ୍ୟାମନାଥ ମେଲାକା ଓ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ମହେଶ୍ୱର ରାଓ ବିଡ଼ିକା ଚୟନ ହୋଇଥିଲେ। ସମସ୍ତଙ୍କ ସର୍ବସମ୍ମତି, ସମର୍ଥନ ଓ ଅନୁମୋଦନ ପାଇବା ପରେ ନୂତନ ଜିଲ୍ଲା ସ୍ତରୀୟ କମିଟିକୁ ବିଧିବଦ୍ଧ ଭାବେ ଘୋଷଣା କରାଗଲା। ସମାଜସେବୀ ବିଜୟ କୁମାର ମେଲାକାଙ୍କ ନେତୃତ୍ୱରେ ୨୦୨୩ ମସିହା ଅଗଷ୍ଟ ୧୩ ତାରିଖ ଦିନ ରାୟଗଡ଼ା ଠାରେ ଏହି ଜିଲ୍ଲାସ୍ତରୀୟ ସଂଗଠନ "ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ) ପ୍ରତିଷ୍ଠା ହୋଇଥିଲା। ରାଆମ ଦ୍ୱାରା ଗତ ୩ ବର୍ଷ ମଧ୍ୟରେ ଆଦିବାସୀ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରସାର, କ୍ରୀଡ଼ା, ଶିକ୍ଷା ଓ କୃଷିର ଉନ୍ନତି, ଜୀବନ ଜୀବିକା, ସାମାଜିକ ଜୀବନ ଓ ଅଧିକାର ପାଇଁ କାର୍ଯ୍ୟ କରାଯାଇଛି। ଆଦିବାସୀ ସମାଜର ଉନ୍ନତି ପାଇଁ ସମାଜସେବା, ଗବେଷଣା ଓ ଉନ୍ନୟନ କାର୍ଯ୍ୟ କରିବା ପାଇଁ ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ) ପ୍ରତିଷ୍ଠା କରାଯାଇଛି। ଚଳିତ ବର୍ଷ ୨୦୨୬ ମସିହାରେ ସରକାରଙ୍କ ଅଧିନରେ ରେଜିଷ୍ଟ୍ରେସନ୍ ଅଫ୍ ସୋସାଇଟି ଆକ୍ଟ ୧୮୬୦ ଅନୁଯାୟୀ ପଞ୍ଜିକୃତ କରିବା ପାଇଁ ଆଜି ନିଷ୍ପତ୍ତି ନିଆଗଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ୧୧ଟି ବ୍ଲକରେ ପୁରୁଣା କମିଟି ଭଙ୍ଗ କରି ନୂତନ କମିଟି ଗଠନ କରାଯିବ ବୋଲି ସଭାପତି ଶ୍ରୀ ମେଲାକା ସୂଚନା ଦେଇଛନ୍ତି।

# 'ସହଯୋଗ' ରଥର ଶୁଭାରମ୍ଭ କଲେ ଗଣଶିକ୍ଷା ମନ୍ତ୍ରୀ



ଉମରକୋଟ,୩।୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟଠାରେ 'ସହଯୋଗ' ଭ୍ରାମ୍ୟମାଣ ରଥର ଶୁଭାରମ୍ଭ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଏହି ଭ୍ରାମ୍ୟମାଣ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ସାଂସଦ ବଳଭଦ୍ର ମାଝୀ । ଏହି ରଥ ଜିଲ୍ଲାର ପୌରାଞ୍ଚଳ, ବ୍ଲକ୍ ତଥା ଗ୍ରାମାଞ୍ଚଳ ଗସ୍ତ କରି ସରକାରଙ୍କ ୧୩ଟି ଯୋଜନାର ସୂଚନା ଓ ପ୍ରଚାର କରିବ ଏବଂ କୌଣସି ହିତାଧିକାରୀ ଏ ସମସ୍ତ ଯୋଜନାରୁ ବଞ୍ଚିତ ହୋଇଥିଲେ 'ସହଯୋଗ' ପୋର୍ଟାଲ ଦ୍ୱାରା ଯୋଡି ହେବେ। ସହରାଞ୍ଚଳରେ ରହି ମଧ୍ୟ ଆର୍ଥିକ ଅନଗ୍ରସର ଶ୍ରେଣୀଭୁକ୍ତ ଲୋକେ ଏଥିରେ ଲାଭାନ୍ୱିତ ହେବେ। ଏହି ତେରଟି ଯୋଜନା ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ(ସହରାଞ୍ଚଳ)ରାସନ କାର୍ଡ, ଇ ଶ୍ରମ କାର୍ଡ, ସୁଭଦ୍ରା ଯୋଜନା, ଗାରିମା ଯୋଜନା, ପିଏମ୍ ବିଶ୍ୱକର୍ମା ଯୋଜନା, ମଧୁବାବୁ ପେନସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ପିଏମ୍ ସୁରକ୍ଷା ବୀମା ଯୋଜନା, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ, ପିଡବ୍ଲୁଡି ପରିଚୟପତ୍ର, ଯୋଗ୍ୟ ହିତାଧିକାରୀ ଏହିସବୁ ଯୋଜନାର ଲାଭ ପାଇପାରିବେ।ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଭାଜପା ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢୀ, ସାଂସଦ ପ୍ରତିନିଧି , ନଗର ସଭାପତି ସନ୍ତୋଷ ଶର୍ମା, ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ସହ ପୌର ପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ପୌରପରିଷଦ ଅଧକ୍ଷା ଏବଂ ପୌର ପରିଷଦର ସମସ୍ତ କର୍ମଚାରୀଙ୍କ ସହ ଭାଜପାର ବହୁ କାଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ



ଉମରକୋଟ,୩।୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପିଏମ୍ ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ଠାରେ ବିଦ୍ୟାଳୟସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରିତା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପଛୁଆବର୍ଗ କଲ୍ୟାଣ ବିଭାଗ ଏବଂ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ସାଂସଦ ପ୍ରତିନିଧି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ, ପରିଷଦ ଅଧ୍ୟକ୍ଷା ରାଧାଭଦ୍ରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶାନ୍ତନୁ ବାହିନୀପତି ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ସରିତା ରଥ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଆଦିତ୍ୟା ଶର୍ମା ଓ ବୁଲୁ ଗୌଡ଼। ଅପରାହ୍ନ ସମୟରେ ସମାପନ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ପିଏ୍‌ଶ୍ରୀ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୭ଟି ପ୍ରମୁଖ ଷ୍ଟଲ୍ ଏଥିରେ ଲାଗିଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ରାଜେନ୍ଦ୍ର ସେଠୀ, ଧନୀରାମ ଗୌଡ଼, ଧରମ ନାୟକ, ଶିକ୍ଷୟିତ୍ରୀ ରୀନା ବେହେରା, ଶୁଭନାରାଣୀ ସାହୁ , ଗୀତାଞ୍ଜଳି ପରିଚ୍ଛା, ସୁନିତା ପଟ୍ଟନାୟକ, ପ୍ରଣତି ପଲେଇ , କେ.ଲକ୍ଷ୍ମୀ ଆଚାରୀ , ଏସ.କଲ୍ୟାଣୀ ଆଚାରୀ , ପୂଜା ବିଶ୍ୱାସ, ସୁପ୍ରଭା ମଣ୍ଡଳ, ପିଙ୍କି ରାଣୀ ମଣ୍ଡଳ, ବୀଣା ମଣ୍ଡଳ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା



> ➤ ଗଡ଼ପଦର ଝରଣା ପର୍ଯ୍ୟଟନସ୍ଥଳୀ ହେବ
> ➤ ଗଣତନ୍ତ୍ର ଦିବସରେ ନୀଳକଣ୍ଠ ସାଗର ଲୋକାର୍ପଣ

କୋରାପୁଟ, ୩।୧(ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଆଜି ଜୟପୁର ବ୍ଲକ ଏବଂ ପୌରାଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମହାଜନ ବ୍ଲକ୍ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ସେଠାରେ ଜୟପୁର ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି, ବିଡିଓ ଶକ୍ତି ମହାପାତ୍ର ଏବଂ ସହାକାର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଜୟପୁର ବ୍ଲକ ଗଡପଦର ଗ୍ରାମ ନିକଟସ୍ଥ ଝରଣା ନିକଟରେ ବଣଭୋଜି ତଥା ପର୍ଯ୍ୟଟନ ସ୍ଥଳୀ ଭାବେ ବିକାଶ କାର୍ଯ୍ୟ ଦେଖିବା ପାଇଁ ସେଠାରେ ପହଞ୍ଚିଥିଲେ। ଏହାପରେ କାଳିଗାଁ ଗ୍ରାମପଞ୍ଚାୟତ ସଦର ଗ୍ରାମ ସ୍ଥିତ ପୁରୁଣା ଉଚ୍ଚ ବିଦ୍ୟାଳୟ ପରିସର ନିର୍ମାଣ ହୋଇଥିବା ଅତିରିକ୍ତ ଶ୍ରେଣୀ କକ୍ଷ, ନୂତନ ବିଦ୍ୟାଳୟ ଭବନ, ୪୦ ସିଟ୍ ବିଶିଷ୍ଟ ଆଦିବାସୀ ଛାତ୍ର ନିବାସ ପରିସର ଏବଂ ନିର୍ମାଣ ହେଉଥିବା ଗ୍ରାମାଞ୍ଚଳର ବଜାର ତଥା ମଣ୍ଡି ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏହାପରେ ଫାମ୍ପୁଣି ଗ୍ରାମପଞ୍ଚାୟତର ସଦର ମହକୁମା ସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ମିଶନ ଶକ୍ତିଙ୍କ ପାଇଁ ଗ୍ରାମପଞ୍ଚାୟତ ସ୍ତରୀୟ ସୁଭଦ୍ରା ଶକ୍ତି କେନ୍ଦ୍ର ପରିଦର୍ଶନ କରିଥିଲେ। ଗଡ଼ପଦରସ୍ଥିତ ବଣଭୋଜି ସ୍ଥଳୀ ବିକାଶ କରାଯାଇ ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ନିର୍ମାଣ କରାଯିବ ଏବଂ ଏଠାରେ ରହିବା ପାଇଁ ଆଶ୍ରୟ ସ୍ଥଳୀ ଏବଂ ବଣ ଭୋଜିଭାତ ପାଇଁ ପିଣ୍ଡି, ପାନୀୟ ଜଳ ବ୍ୟବସ୍ଥା ଏବଂ ପାଣିକୁ ଚେକ୍‌ଡ୍ୟାମ ମାଧ୍ୟମରେ ତଳମୁଣ୍ଡରେ ରହୁଥିବା ଚାଷୀ ମାନଙ୍କୁ ଜଳ ଯୋଗାଣ କରାଯାଇ କୃଷି କାର୍ଯ୍ୟ କରିବାରେ ସହାୟକ କରାଯିବ। ଏହାର ବିକାଶ କରାଯାଇ ଜିଲ୍ଲାର ଏକ ପର୍ଯ୍ୟଟକ ପାଇଁ ରମଣୀୟ ସ୍ଥାନ ଭାବେ ଗଢିବା ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ତେଣୁ ନିର୍ମାଣ ପାଇଁ ଖର୍ଚ୍ଚ ଅଟକଳ କରିବାକୁ ଉପସ୍ଥିତ ଯନ୍ତ୍ରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ପୌରାଞ୍ଚଳର ଦୀର୍ଘ ବର୍ଷ ଧରି ଉନ୍ନତୀକରଣ କାର୍ଯ୍ୟ ଚାଲିଥିବା ନୀଳକଣ୍ଠ ସାଗର ନିର୍ମାଣ ସ୍ଥଳୀରେ ପହଞ୍ଚି କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ନିର୍ମାଣ କାର୍ଯ୍ୟର ମନ୍ଥର ଗତି ଦେଖି ବିରକ୍ତି ହେବା ସହିତ ଆସନ୍ତା ସାଧାରଣତନ୍ତ୍ର ଦିବସ ପୂର୍ବରୁ ନିର୍ମାଣ ଶେଷ କରିବା ସହ ପୌରସଂସ୍ଥାକୁ ହସ୍ତାନ୍ତର କରିବାକୁ ଠିକାସଂସ୍ଥାର ଦାୟୀତ୍ୱରେ ରହିଥିବା କର୍ମଚାରୀଙ୍କୁ ତାଗିଦ କରିଥିଲେ। ଏହିପରି ଆସନ୍ତା ଜାନୁୟାରୀ ୨୬ ତାରିଖରେ ଏହାକୁ ଲୋକାର୍ପଣ କରିବା ନେଇ ଜିଲ୍ଲାପାଳ ଶ୍ରୀ ମହାଜନ ଧାର୍ଯ୍ୟ କରିଛନ୍ତି। ଏହିପରି ଶ୍ରମ କାର୍ଯ୍ୟାଳୟ ଠାରେ କୋରାପୁଟ କାଫେଷ୍ଟଲକୁ ଅପଗ୍ରେଡ୍ କରାଯାଇ ତୁରନ୍ତ କାର୍ଯ୍ୟକାରୀ କରାଯିବ ଏବଂ ମିଲେଟ ଦ୍ୱାରା ନିର୍ମିତ ସାମଗ୍ରୀ ବିକ୍ରୟ ମଧ୍ୟ ଏହି କେଫେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ପରିମଳ ନେଇ ଅସ୍ଥାୟୀ ଶୌଚାଳୟ ଗୁଡିକକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ତଥା ପୌରନିର୍ବାହୀ ନିର୍ବହୀ ଅଧିକାରୀ କୁମାରୀ ରେଡ୍ଡି, ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, ବିଡିଓ ଶ୍ରୀ ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ପୌରସଂସ୍ଥାର ଅତିରିକ୍ତ ନିର୍ବାହୀ ଅଧିକାରୀ ପୂଜା ରାଉତ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ନନ୍ଦ, ପୌରଯନ୍ତ୍ରୀ ଅଜୟ କୁମାର ଜାନୀ, ବ୍ଲକ କନିଷ୍ଠ ଯନ୍ତ୍ରୀ ତରୁଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦ୍ରପୁର ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ ମନୋନୀତ



ଚନ୍ଦ୍ରପୁର, ୩।୧(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚନ୍ଦ୍ରପୁର ମଣ୍ଡଳ ପାଇଁ ଇତିମଧ୍ୟରେ ଭାରତୀୟ ଜନତା ପାର୍ଟିର ମଣ୍ଡଳ ସଭାପତି ଏବଂ ସାଧାରଣ ସମ୍ପାଦକ ମନୋନୟନ ପ୍ରକ୍ରିୟା ଶେଷ ହୋଇଛି। ଜିଲ୍ଲା ସଭାପତି ଗୋପୀ ଆନନ୍ଦଙ୍କ ପ୍ରସ୍ତାବ ଏବଂ ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନଶ ମହାନ୍ତିଙ୍କ ଅନୁମୋଦନ କ୍ରମେ ସାରିକିମା ଗ୍ରାମ ପଞ୍ଚାୟତର ଯୁବ ସରପଞ୍ଚ ଫକୀର ମୋହନ ଗୁମିଟାଙ୍ଗା ଚନ୍ଦ୍ରପୁର ମଣ୍ଡଳର ସଭାପତି ଓ ସମ୍ଭୁ ଗାଗେରଙ୍ଗା ସାଧାରଣ ସମ୍ପାଦକ ରୂପେ ମନୋନୀତ ହୋଇଥିବାରୁ ଦଳୀୟ କର୍ମୀ ମାନଙ୍କ ମହଲରେ ଉତ୍ସାହ ପ୍ରକାଶ ପାଇଛି। ପୂର୍ବତନ ମଣ୍ଡଳ ସଭାପତି ପ୍ରିୟରଞ୍ଜନ ସାହୁକାର ସୁନାମଣି ପ୍ରାଟୀଙ୍ଗା, ସହଦେବ କୁସୁଲିଆ , ତ୍ରିପତୀ ପାଢୀ, ମନୋଜ କ୍ରିଟାଙ୍ଗା ,ସୁରେନ୍ଦ୍ର ଦିବାକା, ଉଷାରାଣୀ ସାହୁ, ରଥ ଉଲାକା ମୋହନ ବାଗ ,ଗୋପୀନାଥ ଲିମା, ମୋନଜ ଲିମା ପ୍ରସାନ୍ତ ଗଗେରାଙ୍ଗା ପ୍ରମୁଖ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ନୂତନ ପଦାଧିକାରୀଙ୍କ ନେତୃତ୍ୱରେ ସଙ୍ଗଠନ ଆଗକୁ ବଢ଼ିବ ବୋଲି ଦୃଢ ଆଶା ପୋଷଣ କରିଛନ୍ତି।

# ଶହୀଦ ମିନାର ନିର୍ମାଣ ପାଇଁ ସ୍ୱତନ୍ତ୍ର ଗ୍ରାମସଭା



**ପାପଡାହାଣ୍ଡି, ୩।୧(ସମିସ):** ଆଜି ପାପଡ଼ାହାଣ୍ଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ନୂତନ ଶହୀଦ ମିନାର ନିର୍ମାଣ ସକାଶେ ଏକ ସ୍ୱତନ୍ତ୍ର ଗ୍ରାମସଭାର ଆୟୋଜନ କରାଯାଇଥିଲା। ପାପଡାହାଣ୍ଡି ସ୍ଥିତ ଶହୀଦ ମିନାରର ଉନ୍ନତି କରଣ ସକାଶେ ରାଜ୍ୟ ସରକାର ନିକଟରେ ୬ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହି ଅନୁଦାନରେ ଏକ ଭବ୍ୟ ଶହୀଦ ମିନାର ସହିତ ସମ୍ମିଳନୀ କକ୍ଷ, ସହିଦଙ୍କ ପ୍ରତିମୂର୍ତ୍ତି ସ୍ଥାପନା, ଅତିଥି ଭବନ ଆଦି ନିର୍ମାଣ ସକାଶେ ଚୟନ କରାଯାଇଥିବା ବିଭିନ୍ନ ସ୍ଥାନ ମାନଙ୍କ ମଧ୍ୟରୁ ପାପଡାହାଣ୍ଡିରୁ ନବରଙ୍ଗପୁର ରାସ୍ତାର ଆଦିବାସୀ ସଂଗ୍ରାହଳୟ ନିକଟରେ ରହିଥିବା ଜଙ୍ଗଲ ବିଭାଗର ଏକ ବିରାଟ ସ୍ଥାନରେ ନିର୍ମାଣ କରିବା ସକାଶେ ଆଜିର ଗ୍ରାମସଭାରେ ଉପସ୍ଥିତ ସମସ୍ତଙ୍କ ସମର୍ଥନରେ ଅନୁମୋଦନ ଲାଭ କରିଥଲା। ପାପଡାହାଣ୍ଡି ସରପଞ୍ଚ ଚନ୍ଦ୍ରଶେଖର ମାଝୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଗ୍ରାମ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳଦେବ ସାହୁ, ତହସିଲଦାର ତପନ କୁମାର ନାୟକ, ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘାସିରାମ ହରିଜନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ଜିପିଓ ଅକ୍ଷୟ ପଟ୍ଟନାୟକ, ଫରେଷ୍ଟର ଗୋବିନ୍ଦ ନାୟକ, ପିଇଓ ମଙ୍ଗଳୁ ଭତରା, ୱାର୍ଡ ସଭ୍ୟ ଗଙ୍ଗାଧର ନାୟକ ଏବଂ ବିମଳା ପାତ୍ର, ବରିଷ୍ଠ ବିଜେପି ନେତା ହରିମୋହନ ଶର୍ମା, ପାପଡାହାଣ୍ଡି ବିଜେପି ମଣ୍ଡଳ ସଭାପତି ମନୋଜ ଅଗ୍ରୱାଲ, ଜି. ଅନନ୍ତ ମୂର୍ତ୍ତି, ନାରାୟଣ ଚନ୍ଦ୍ର ଗୁରୁ, ଦୀନବନ୍ଧୁ ବିଶୋଇ,ତ୍ରିନାଥ ଅମନାତ୍ୟ, ଦାମୋଦର ପ୍ରଧାନ, ରାଜକିଶୋର ରାଓ,ଜିତେନ୍ଦ୍ର ଗୌଡ଼, ପ୍ରଦୀପ ମାଦଳା,ବାସୁ ଦିଶାରୀ, ଈଶ୍ୱର ମାଝୀ, ପ୍ରତାପ ସାହୁଙ୍କ ସମେତ ବହୁତ ସଂଖ୍ୟାରେ ଗ୍ରାମବାସୀ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ଦୁଇ ପାଥୋଲୋଜି, ଔଷଧ ଦୋକାନ ଉପରେ ଚଢ଼ଉ



ଗୁଡାରି, ୩।୧(ସମିସ): ପୁଣି ଥରେ ଗୁଡାରୀ ପାଥୋଲୋଜି ଉପରେ ଚଢ଼ଉ କରିଛନ୍ତି ଗୁଣପୁର ଉପ ଜିଲ୍ଲାପାଳ ଦୁଦ୍ଦାଲ ଅଭିଶେକ ଦିଲିପ। ସୂଚନା ମୁତାବକ ପରିଷଦର ଶ୍ରୀନିବାସ ମେଡିକାଲ ଷ୍ଟୋର ମାନିକାଣ୍ଟା ମେଡିକାଲ ଷ୍ଟୋର ପରିସରରେ ବେନିୟମ ଭାବେ କ୍ଲିନିକ୍ ଚାଲିଥିବା ଗୁଡାରୀର କିଛି ବ୍ୟକ୍ତି ବିଶେଷ ଉପଜିଲ୍ଲାପାଳଙ୍କ ଜନଶୁଣାଣି ମାଧ୍ୟମରେ ଜଣାଇଥିଲେ। ଏହାକୁ ନେଇ ଗୁଣପୁର ଉପଜିଲ୍ଲାପାଳ ଗତ ଶୁକ୍ରବାର ଦିନ କୌଣସି କାମରେ ଚନ୍ଦ୍ରପୁର ବ୍ଲକ୍ ଗସ୍ତରେ ଯାଇ ଫେରିବା ପରେ ହଠାତ୍ ଏହି ଦୁଇ ମେଡିକାଲ ଷ୍ଟୋର ତନଖି କରିଥିଲେ । ଶନିବାର ଦିନ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶନୁସାରେ ଗୁଡାରୀ ତହସିଲଦାର ଏମ. ସ୍ନେହଲତା ଗୁଡାରୀ ଥାନା ଏସ୍‌ଆଇ ସଞ୍ଜୟ ଛତ୍ର, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରୁ ପି.କେ. ମିଶ୍ର (ଡିଏମଓଏମଏସ) ଆମ୍ବିକା ପତି (ଏଏମଏଲଆଇଏସ୍) ଅହୋଲିୟା ରଥ (ଷ୍ଟେନୋ ଗ୍ରାଫର୍) ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାଗତ ସ୍ୱାଇଁ(ଏମ୍‌ଓ) ଙ୍କ ଉପସ୍ଥିତିରେ ପ୍ରଥମେ ମାନିକାଣ୍ଟା ମେଡିକାଲ ଷ୍ଟୋର ଉପର ରୁମ୍‌ରେ ସମସ୍ତ ତନଖି କରିବା ପରେ ପ୍ରାୟ ୨ ଘଣ୍ଟା ଧରି ଷ୍ଟୋର ସମସ୍ତ ନଥିପତ୍ର ତନ ତନ କରି ଯାଞ୍ଚ କରିଥିଲେ। ଏହାକୁ ନେଇ ଜିଲ୍ଲାର ପି.କେ. ମିଶ୍ର (ଡିଏମଓଏମଏସ)ଙ୍କୁ ପଚାରି ବୁଝିବାରୁ ସେ କହିଲେ ଗୁଣପୁର ଉପ ଜିଲ୍ଲାପାଳ ଏବଂ ଉପଖଣ୍ଡ ସ୍ୱାସ୍ଥ୍ୟ ବିଭାଗର ସିଡିଏମ୍‌ଓଙ୍କ ତତ୍ତ୍ୱାବଧାନରେ ଆସି ତନଖି କରାଯାଇଛି। କିନ୍ତୁ କ୍ଲିନିକ୍‌କୁ ନେଇ କୌଣସି ତଥ୍ୟ ମିଳିନ। ମେଡିକାଲ ଷ୍ଟୋରର ସମସ୍ତ ନଥିପତ୍ର ଯାଞ୍ଚ କରିଛୁ । ସେ ସବୁ ଡ୍ରଗ୍ ଇନିସ୍ପେକଟରଙ୍କ ପାଖକୁ ପଠାଇବୁ। ସଠିକ୍ ଥିଲେ ମେଡିକାଲ ଷ୍ଟୋର ଖୋଲି ପାରିବେ। ନଚେତ ବନ୍ଦ କରିବୁ ବୋଲି କହିଛନ୍ତ। ଅନ୍ୟ ପଟେ ଶ୍ରୀନିବାସ ମେଡିକାଲ୍ ଷ୍ଟୋର ସମ୍ପୂର୍ଣ୍ଣ ବନ୍ଦ ଥିବାଯୋଗୁଁ ସେ ବିଷୟକୁ ନେଇ ଶ୍ରୀ ମିଶ୍ର କହିଛନ୍ତି, ତାଙ୍କର କ୍ଲିନିକ୍ ଗତ ଶୁକ୍ରବାର ଦିନ ଚଢଉ ସମୟରେ ଉପଜିଲ୍ଲାପାଳ, ଗୁଡାରୀ ତହସିଲଦାର ସିଲ୍ କରିଛନ୍ତି। ଷ୍ଟୋର କାଗଜପତ୍ର ତନଖି କରିବା ପାଇଁ ଚେଷ୍ଟା କରିଥିଲୁ । କିନ୍ତୁ ଦୋକାନଟି ସମ୍ପୂର୍ଣ୍ଣ ବନ୍ଦ ଥିବା ଯୋଗୁଁ ଦୁଇଟି ଜାଗାରେ ତାଲା ପକା ଯାଇଛି। ଦୋକାନ ମାଲିକଙ୍କୁ ୭ ଦିନ ଭିତରେ ନୋଟିସ୍ କରାଯିବ ପରେ ଷ୍ଟୋର ମାଲିକ ଉପସ୍ଥିତିରେ ସମସ୍ତର ଡ୍ରଗ୍ ଲାଇସେନ୍‌ସ, ଅନ୍ୟାନ୍ୟ କାଗଜପତ୍ର ତନଖି କରାଯିବ । ଠିକ୍ ଥିଲେ ସେ ମଧ୍ୟ ଖୋଲିପାରିବେ ବୋଲି କହିଛନ୍ତି। ବାରମ୍ବାର କ୍ଲିନିକ୍ ଉପରେ ଚଢ଼ଉକୁ ନେଇ ସହରବାସୀ ଖୁସି ବ୍ୟକ୍ତ କରିଛନ୍ତି । ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗର ଏହି ଚଢ଼ଉ ପ୍ରକ୍ରିୟା ଜାରି ରଖିବା ଉଚିତ। ନଚେତ ସହରରେ ବିନା କାଗଜପତ୍ରରେ ଚାଲୁଥିବା କ୍ଲିନିକ୍‌ରେ କେଉଁ ରୋଗୀର କେତେବେଳେ ଜୀବନ ଚାଲିଯିବ କେହି କହିପାରିବେ ନାହିଁ ବୋଲି କୁହାଯାଉଛି।

# ନୂତନ ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ



ପାପଡାହାଣ୍ଡି, ୩ା୧ (ସମିସ): ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ନୂତନ ଆମ୍ବୁଲାନ୍ସ ସେବାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ମନସ୍ମିତା ମହାନ୍ତି ଉପସ୍ଥିତ ରହି ଏହି ସେବାର ଉଦ୍‌ଘାଟନ କରିଥିଲେ ଏବଂ ସବୁଜ ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ନୂତନ ଆମ୍ବୁଲାନ୍ସ ସେବା ଦ୍ୱାରା ଅଞ୍ଚଳର ଲୋକେ ପୂର୍ବରୁ ପାଉଥିବା ସୁବିଧା ଠାରୁ ଆହୁରି ଉନ୍ନତ ସେବା ପାଇ ପାରିବେ ବୋଲି ଏହି ଅବସରରେ ଡ. ମହାନ୍ତି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଏସ୍‌ବିଆଇ ପକ୍ଷରୁ ୱାଟର ଫିଲଟର ପ୍ରଦାନ




କୋଷାଗୁମୁଡା,୩ା୧(ସମିସ): ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ), କୋଷାଗୁମୁଡା ଶାଖା ତରଫରୁ କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟ ଠାରେ ୮୦ ଲିଟର କ୍ଷମତା ବିଶିଷ୍ଟ ଜଳ ବିଶୋଧନକାରୀ କୁଲର ୱାଟର ଫିଲଟର ଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏସ୍‌ବିଆଇ କୋଷାଗୁମୁଡା ଶାଖା ଦ୍ୱାରା ବିଶୁଦ୍ଧ ପାନୀୟ ଜଳ ପାଇଁ ଯେଉଁ ୮୦ଲିଟର କ୍ଷମତା ବିଶିଷ୍ଟ ଜଳ ବିଶୋଧନକାରୀ-କମ-କୁଲର୍ ୱାଟର ଫିଲଟର ଲଗାଇଛି ତାହା ଅତି ଆଧୁନିକତାର ସହ ସ୍ୱଚ୍ଛ ବିଶୁଦ୍ଧ ଜଳ ଉପଲବ୍ଧ କରିବ। ଏହି ୱାଟର ଫିଲଟର ପ୍ରଦାନ କରିବା ସମୟରେ ଏସବିଆଇ ବ୍ୟାଙ୍କ ଶାଖା ପରିଚାଳକ ନୂତନ ନନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ କୋଷାଗୁମୁଡା ବ୍ଲକ୍ ଜିପିଡିଓ ଅଜିତ କୁମାର ନନ୍ଦଙ୍କ ସହ ଅନ୍ୟାନ୍ୟ ବିଭାଗ କର୍ମଚାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ମଣ୍ଡି ପରିଦର୍ଶନ କଲେ ଡିଏଲ୍‌ପିସି ସଦସ୍ୟ

**କୁନ୍ଦୁରା, ୩ା୧(ସମିସ):** କୁନ୍ଦୁରା ବ୍ଲକ୍‌ର ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି ଜିଲ୍ଲା ପ୍ରକ୍ୟୁରମେଣ୍ଟ କମିଟି ସଦସ୍ୟ ଚନ୍ଦ୍ରଶେଖର ରଥ। କୁନ୍ଦୁରା ବ୍ଲକ ଅଧୀନରେ ଚଳିତ ଖରିଫ ଋତୁରେ ଆରମ୍ଭ ହୋଇଥିବା ଘୁମର, ବଙ୍ଗର ପାଉଁଶି ଏବଂ ଫୁପୁଗାଁ ମଣ୍ଡିର ସ୍ଥିତି ବୁଲି ଦେଖିଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଏବଂ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜୋନ ସ୍ତରୀୟ ସଦସ୍ୟଙ୍କୁ ମଣ୍ଡି ପରଖିବା ନେଇ ଦାୟିତ୍ୱ ପ୍ରଦାନ କରାଯାଇଛି। ମଣ୍ଡି ଗୁଡିକରେ ବିଭିନ୍ନ ସମସ୍ୟା ରହିଥିବା ବେଳେ ସେଗୁଡିକର ସମାଧାନ



ହୋଇ ପାରୁନଥିବା ଯୋଗୁଁ ଚାଷୀ ଦୟନୀୟ ଅବସ୍ଥାରେ ରହୁଥିଲେ। ଶ୍ରୀରଥ ସରକାରଙ୍କ ପକ୍ଷରୁ ଚାଷୀଙ୍କ ନିମନ୍ତେ ମଣ୍ଡିରେ ରହିଥିବା ବିଦ୍ୟୁତ, ପାନୀୟ ଜଳ ଏବଂ ଶୌଚାଳୟ ବ୍ୟବସ୍ଥା ବିଷୟରେ କୁନ୍ଦୁରା ପରିଚାଳନା ନିର୍ଦ୍ଦେଶକ ପର୍ଶୁରାମ ମହାରଣାଙ୍କ ସହ ଆଲୋଚନା କରିଥିଲେ। ଡ଼ଙ୍ଗରପାଉଁଶି ଏବଂ ଫୁପୁଗାଁ ମଣ୍ଡିରେ ଏଯାବତ୍ ୯୮ ଜଣ ଚାଷୀଙ୍କର ୪୪୫୯.୫୦ କ୍ୱିଣ୍ଟାଲ ଧାନ କ୍ରୟ ହୋଇସାରିଥିବା ଏମ୍‌ଡି କହିଥିଲେ। କୁନ୍ଦୁରା ବ୍ଲକରେ ଚଳିତ ବର୍ଷ ୧୨ ଟି ଧାନ ମଣ୍ଡିରେ ଧାନ କ୍ରୟ ଆରମ୍ଭ ହୋଇଥିବା ବେଳେ ଏଯାବତ୍ ସମସ୍ତ ମଣ୍ଡିରୁ କିଛି କିଛି ଚାଷୀଙ୍କର ଟୋକନ ଅନୁସାରେ ଧାନ କ୍ରୟ କରାଯାଇଥିବା ସୂଚନା ଦିଆଯାଇଛି। ମିଲର୍ସ ମାନେ ଚାଷୀଙ୍କ ଠାରୁ ଧାନ ନେବାବେଳେ ବିଭିନ୍ନ ଆଳଦେଖାଇ କଟ୍‌ନୀଛଟ୍‌ନୀ କରୁଛନ୍ତି। ବର୍ତ୍ତମାନ ସେଗୁଡିକ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ରଥ କହିଛନ୍ତି।

# ବିଜେପି ବ୍ଲକ୍ ଉପସଭାପତି ହେଲେ ରବି ଓ ସୁକାନ୍ତୀ





ପୋଡ଼ାଗଡ଼, ୩ା୧(ସମିସ): ଭାରତୀୟ ଜନତା ପାର୍ଟି ପକ୍ଷରୁ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ଦୁଇ ଜଣଙ୍କୁ ଉପ ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ସେମାନେ ହେଲେ ରବି ଚନ୍ଦ୍ର ପାଢ଼ି ଓ ସୁକାନ୍ତି ନାୟକ। ଏହି ନିଯୁକ୍ତି ପରେ ଦଶମନ୍ତପୁର ବ୍ଲକ ନବ ନିଯୁକ୍ତ ଉପ ସଭାପତି ରବି ଚନ୍ଦ୍ର ପାଡିଙ୍କ ବାସଭବନରେ ଦଳୀୟ କର୍ମୀ ମାନଙ୍କର ଭିଡ଼ ଦେଖିବାକୁ ମିଳିଛି। ରବି ଚନ୍ଦ୍ର ପାଡି ନିଜ ପ୍ରତିକ୍ରିୟାରେ କହିଛନ୍ତି କି ଆଗାମୀ ଦିନରେ ଦଳ ପାଇଁ ନିଷ୍ଠାର ସହ କାମ କରିବେ।

## ଜିଲ୍ଲାସ୍ତରୀୟ 'ପୁଷପୁନି' ମହୋତ୍ସବ ଶୁଭାରମ୍ଭ

# ନାଚ, ଗୀତରେ କମ୍ପିଲା ନବରଙ୍ଗପୁର ସହର

ନବରଙ୍ଗପୁର, ୩ା୧(ସମିସ): ନବରଙ୍ଗପୁର ଜିଲ୍ଲା ମାଟି କଳା ଓ ସଂସ୍କୃତିରେ ଭରପୁର ରହିଛି। କଳା ,ସଂସ୍କୃତି ଓ ପରମ୍ପରାର ସହର ନବରଙ୍ଗପୁର ଠାରେ ନବରଙ୍ଗପୁରିଆ କଳାକରଙ୍କ ଦ୍ୱାରା ପୁଷପୁନି ମହୋତ୍ସବ ଶନିବାର ଠାରୁ ଶୁଭାରମ୍ଭ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାର ଆଦିବାସୀ ଓ ଜନଜାତିଙ୍କ ପାରମ୍ପରିକ ସଂସ୍କୃତି, ନୃତ୍ୟ ଓ ବେଶଭୂଷାକୁ ନେଇ ପୌଷ ମାସରେ ପୁଷପୁନି ପର୍ବ ଆୟୋଜିତ ହୋଇଥାଏ। ତେଣୁ ଏହି ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇବା ଉଦ୍ଦେଶ୍ୟରେ କଳାକାର ମାନେ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆଜି ଠାରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପୁରୁଣା ମଣ୍ଡେଇ ପଡିଆ ଠାରେ ଆୟୋଜନ କରିଛନ୍ତି। ଏହି ଅବସରରେ ପ୍ରତ୍ୟେକ ଦିନ ସଂଧ୍ୟାରେ ବିଭିନ୍ନ ଆଦିବାସୀ ପାରମ୍ପରିକ ନୃତ୍ୟ ଗୀତ ନାଚ ଆଦି ଆୟୋଜନ ହେବ। ଏହି ଅବସରରେ ଆଜିର ଶୁଭାରମ୍ଭ ଦିବସରେ ନବରଙ୍ଗପୁର ଏବଂ ଆଖପାଖ କଳାକାର ମାନେ ବିଭିନ୍ନ ପାରମ୍ପରିକ ବେଶ ଭୂଷାରେ ଏକ ବିଶାଳ ଶୋଭାଯାତ୍ରାରେ କଳାକାର ସାମିଲ





ହୋଇଥିଲେ। ସ୍ଥାନୀୟ ଶ୍ରୀ ଜଗନ୍ନାଥ ଙ୍କ ମନ୍ଦିର ନିକଟରୁ ବିଭିନ୍ନ ଆଦିବାସୀ, ପୌରାଣିକ ଧାର୍ମିକ ଏବଂ ଅନ୍ୟାନ୍ୟ କୌତୁକିଆ ବେଶଭୂଷା ସାଜସଜ୍ଜା ସହିତ ବିଭିନ୍ନ ପାରମ୍ପାରିକ ନୃତ୍ୟ ଗୀତରେ ଏକ ଶୋଭାଯାତ୍ରା ମାଧ୍ୟମରେ ଯାଇ ପୁରୁଣା ମଣ୍ଡେଇ ପଡ଼ିଆରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ସ୍ଥାନୀୟ କଳାକର ଓ ଆଧୁନିକ ବେଶଭୁଷାରେ ସଜ୍ଜିତ ହେବା ସହିତ ନବରଙ୍ଗପୁର ଆଖପାଖ ୧୦ଟି ବ୍ଲକ୍ ତଥା ରାଇଘର ବ୍ଲକ୍‌ର ଗଣ୍ଡ ନୃତ୍ୟ , କୋଷାଗୁମୁଡ଼ା ବ୍ଲକ୍‌ର ଢେମାସା ନୃତ୍ୟ , କୋଡିଙ୍ଗାର ରିଁଯୋଡ଼ି ନୃତ୍ୟ, ଦୁଃଖୁ ଗୁଡ଼ାର ଦଣ୍ଡରିଆ ନୃତ୍ୟ , ମସି ଗାଆଁର ମାଢିଆ ନୃତ୍ୟ, ରାଇଘର ବିରିପୂର୍‌ର କୀର୍ତ୍ତନ ନାଚ , ଦଳେଇ ଗୁଡାର ଢେମସା ନୃତ୍ୟ ସହିତ ବାବୁ ପାତ୍ରଙ୍କ କୁଜା ଜାନି ଗୁଡା ଓ ଦଳେଇ ଗୁଡାର ସଙ୍କୀର୍ତ୍ତନ ମଣ୍ଡଳୀ ସମେତ ଶୋଭାଯାତ୍ରାରେ ବିଭିନ୍ନ ପାରମ୍ପରିକ ନୃତ୍ୟ ଏବଂ ସଙ୍କୀର୍ତ୍ତନ ମଣ୍ଡଳୀ ସହ ୨୦ ଦଳ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ସମେତ ନବରଙ୍ଗପୁର ପୌର ଅଧ୍ୟକ୍ଷ କୁନୁ ନାୟକ ,ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନି , ରାଜ୍ୟ ଆଇନଜୀବୀ ସଂଘର ଉପ ସଭାପତି ନରସିଂହ ନାଥ ତ୍ରିପାଠୀ , ଜିଲ୍ଲା ଆଇନଜୀବୀ ସଂଘର ପୂର୍ବତନ ସମ୍ପାଦକ ରାମ ପ୍ରସାଦ ପାତ୍ର ,ପୂର୍ବତନ ପୌର ଅଧ୍ୟକ୍ଷା। କାଦମ୍ବିନୀ ତ୍ରିପାଠୀ, ପ୍ରଦୀପ କୁମାର ସାହୁ, ଆଇନଜୀବୀ କିଶୋରୀ ପଟ୍ଟନାୟକ, ଜିଲ୍ଲା ବିଜେଡ଼ି ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ ,କୌଶଲ୍ୟା ପ୍ରଧାନି ,ଆଇନଜୀବୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ସୁଧାକର ପାଢ଼ୀ, ବ୍ଲକ୍ କଂଗ୍ରେସ ସଭାପତି ଅବଦୁଲ ଫିରୋଜ,କୁନା ପାଢି ,ରଘୁନାଥ ପାଢ଼ୀ, ବିଜୟ କୁମାର ମହାପାତ୍ର ,କାମିନୀ ପାଢ଼ୀ ପ୍ରମୁଖଙ୍କ ସମେତ ଶତାଧିକ କଳାକାର ଏବଂ ଜନ ସାଧାରଣ ଯୋଗ ଦେଇଥିଲେ।

# ଦୁର୍ଘଟଣାରେ ଗୁରୁତର ସାମ୍ବାଦିକ ବିଶାଖାପାଟଣାରେ ଚିକିତ୍ସାଧୀନ

କୋରାପୁଟ,୩ା୧(ସମିସ): ଗତ ୩୧ ତାରିଖ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ସାମ୍ବାଦିକ ଅମରନାଥ ସାମନ୍ତରାୟ ବିଶାଖାପାଟଣା ଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ବର୍ତ୍ତମାନ ଠିକ୍ ଥିବା ଜଣା ପଡ଼ିଛି। ଶ୍ରୀ ସାମନ୍ତରାୟ ୩୧ ତାରିଖ ରାତିରେ ପୁଅ ସହ ରାଣୀଗଡ଼ ରାସ୍ତା ଦେଇ ବୋରିଗୁମ୍ମା ଠାରୁ କୋରାପୁଟ ବାଇକରେ ଫେରୁଥିବା ବେଳେ ଘାଟି ନିକଟରେ କୌଣସି ଅଜଣା ଗାଡ଼ି ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଡାହାଣ ଗୋଡ଼ ଭାଙ୍ଗି ଯାଇଥିଲା। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ପ୍ରଥମେ ଚିକିତ୍ସା କରି ଡାକ୍ତରଙ୍କ ପରାମର୍ଶ କ୍ରମେ ବିଶାଖାପାଟଣା ସ୍ଥାନାନ୍ତର କରା ଯାଇଥିଲା। ସେଠାରେ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉ ଥିବା ବେଳେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ସାମ୍ବାଦିକ ମାନଙ୍କ ପାଇଁ କାର୍ଯ୍ୟକାରୀ କରା ଯାଇଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାର ସହାୟତା ମିଳିଥିବା ଜଣା ପଡ଼ିଛି।

# ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ୍ ମୁକ୍ତ ସଚେତନତା

**ରାୟଗଡ଼ା,୩ା୧(ସମିସ):** ରାୟଗଡ଼ା ବନାଞ୍ଚଳ ତରଫରୁ ବନାଞ୍ଚଳ ସ୍ତରୀୟ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ମୁକ୍ତ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯକ୍ରମଟି ଗୁମ୍ମା ସେକ୍ସନର ତଳଗୁମ୍ମା ଓ ରାୟଗଡ଼ା ସେକ୍ସନର ହାଲୁଆ ବଣଭୋଜି ସ୍ଥଳରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ଥିଲ, କିପରି ଆମେ ଆମ ଆଖ ପାଖରେ ଥିବା ବଣ ଭୋଜି ସ୍ଥଳ ଗୁଡିକ ପ୍ଲାଷ୍ଟିକ ମୁକ୍ତ କରିବା ଓ ପରିବେଶ ଅନୁକୂଳ ଦ୍ରବ୍ୟ ବ୍ୟବହାର କରିବା। ଏହି କାର୍ଯ୍ୟକ୍ରମରେ ଗୁମ୍ମା ଓ ହାଲୁଆ ଗ୍ରାମପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ , ଗ୍ରାମବାସୀ , ସ୍କୁଲ ଶିକ୍ଷକ , ଶିକ୍ଷୟିତ୍ରୀ , ଛାତ୍ରଛାତ୍ରୀ , ରାୟଗଡ଼ା ଜିଲ୍ଲା ପ୍ରଦୂଷଣ ବୋର୍ଡ ଅଧିକାରୀ ଓ କର୍ମଚାରୀ , ରାୟଗଡା ବନାଞ୍ଚଳର ସମସ୍ତ ବନ କର୍ମଚାରୀ ମିଳିତ ସହଯୋଗରେ କାର୍ଯ୍ୟ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସଚିନ ଆନ୍ନା ସାହେବ ଓହୋଲ, ବନଖଣ୍ଡ ଅଧିକାରୀ ଏହି କାର୍ଯ୍ୟକ୍ରମ ଯୋଗଦାନ କରି ଶୁଭରାମ୍ଭ କରିଥିଲେ। ଉପସ୍ଥିତ ରାୟଗଡ଼ା ଜିଲ୍ଲା ପ୍ରଦୂଷଣ ବୋର୍ଡ ଅଧିକାରୀ ରିପୁ କୁମାର ସାହୁ,



ସହ ବନସଂରକ୍ଷକ ଅଶୋକ କୁମାର ପ୍ରଧାନ , କାମେଶ୍ୱର ଆଚାରୀ, ବନାଞ୍ଚଳ ଅଧିକାରୀ, ହାଲୁଆ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଓ ଗୁମ୍ମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସହ ହାଲୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ତାମାରାଓ ବିଡ଼ିକା ନିଜ ଅଭିଭାଷଣରେ ବର୍ତ୍ତମାନ ପ୍ଲାଷ୍ଟିକ ଭଳି ଏକ ବିଷାକ୍ତ ଜିନିଷ କିପରି ଆମ ଦୈନନ୍ଦିନ ଜୀବନରେ ସମ୍ପୃକ୍ତ ହୋଇଯାଇଛି ଓ ଏହା ମାନବ ସମାଜ ଉପରେ କି ପ୍ରକାରକୁ ପ୍ରଭାବ ପକାଉଛି ତାହା ଉପରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ । ସହ ବନସଂରକ୍ଷକ ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକର ବ୍ୟବହାର କିପରି କମ୍ କରାଯାଇପାରିବ ଏବଂ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ଉପରେ କୁପ୍ରଭାବ, କିପ୍ରକାର ପ୍ରତିକାର କରାଯାଇପାରିବ ସେ ବିଷୟରେ ମନ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ସରକାରୀ କର୍ମଚାରୀ , ଦୁଇ ଗ୍ରାମପଞ୍ଚାୟତର ଗ୍ରାମବାସୀ , ସ୍କୁଲ ଶିକ୍ଷକ ଓ ଛାତ୍ରଛାତ୍ରୀ ମିଳିମିଶି ତଳଗୁମ୍ମା ଓ ହାଲୁଆ ବଣଭୋଜି ସ୍ଥଳରେ ବହୁ ଦିନ ରୁ ପଡିଥିବା ପ୍ଲାଷ୍ଟିକ ଅଳିଆ ଓ ଅବର୍ଜନା ଯଥା ପଲିଥିନ, ପାଣି ପାଉଚ, ମସଲା ଜରି , ଜରି ଆବରଣ ପେପର ପ୍ଲେଟ ଇତ୍ୟାଦିକୁ ସଫା କରି ପ୍ଲାଷ୍ଟିକ ମୁକ୍ତ କରାଯାଇଥିଲା। ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ଅଳିଆ ଓ ଆବର୍ଜନା ନ ପକାଇବା ପାଇଁ ଶପଥ ପାଠ କରାଯାଇଥିଲା ।ସେହି ସ୍ଥଳରେ ଅଳିଆ କୁଣ୍ଡ ରଖା ଯାଇଥିଲା। ବନାଞ୍ଚଳ ଅଧିକାରୀ ଶ୍ରୀ ଆଚାରୀ ଏହାକୁ ସୁ-ପରିଚାଳନା କରିଥିଲେ।

# କଂଗ୍ରେସ ବ୍ଲକ୍ ସଭାପତିଙ୍କ ନାମ ଘୋଷଣା

ରାୟଗଡ଼ା,୩ା୧(ସମିସ): ଜିଲ୍ଲା କଂଗ୍ରେସ ସଭାପତି ତଥା ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା ରାୟଗଡ଼ା ବ୍ଲକ ସଭାପତିଙ୍କ ନାମ ଏକ ଲିଖିତ ପ୍ରେସ ବିବୃତି ମାଧ୍ୟମରେ ପ୍ରକାଶ କରିଛନ୍ତି। ଡିସିସି ସଭାପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ରାୟଗଡା ବ୍ଲକ ସଭାପତି ପାଇଁ ଗାଡିଗା ବାଚେଲି, ରାୟଗଡା ପୌର ସଭାପତି ପାଇଁ ମନୋଜ କୁମାର ରଥ, ବିଷମକଟକ ବ୍ଲକ ପାଇଁ କୃଷ୍ଣ ନାନାକା, ମୁନିଗୁଡା ବ୍ଲକ ପାଇଁ ନୀଳାମ୍ବର ବିଭାର, କୋଲନରା ବ୍ଲକ ପାଇଁ ଗୋବର୍ଦ୍ଧନ ରାଓ, କଲ୍ୟାଣସିଂହପୁର ବ୍ଲକ ପାଇଁ ନାଗେଶ୍ୱର ରାଓ,ଗୁଣପୁର ବ୍ଲକ ପାଇଁ ରଞ୍ଜିତ ଗାଣ୍ଟା, ଗୁଣପୁର ପୌରାଞ୍ଚଳ ପାଇଁ ସୁଶାନ୍ତ କୁମାର ପାଢ଼ୀ, ପଦ୍ମପୁର ବ୍ଲକ ପାଇଁ ମାଝି ଶବର, ରାମନାଗୁଡା ବ୍ଲକ ପାଇଁ ବାଞ୍ଛାନିଧି ବେହେରା, ଗୁଡାରି ବ୍ଲକ ପାଇଁ କେ. ରାମକ୍ରୀଷ୍ଣା, ଗୁଡାରି ଏନ୍‌ଏସି ପାଇଁ ରାମଚନ୍ଦ୍ର ନନ୍ଦ ଓ ଚନ୍ଦ୍ରପୁର ବ୍ଲକ ପାଇଁ ହିରୁ ମାଝି କିମ୍ବାକାଙ୍କ ନାମ ଘୋଷଣା କରିଛନ୍ତି। କାଶିପୁର ବ୍ଲକ ସଭାପତିଙ୍କ ନାମ ଘୋଷଣା କରାଯାଇ ନଥିବା ଜଣାପଡିଛି। ବ୍ଲକ ସଭାପତିଙ୍କ ନାମ ଘୋଷଣା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ଏବଂ କଂଗ୍ରେସ କର୍ମୀ ଉତ୍ସାହିତ ହୋଇଛନ୍ତି।

# ମଦ ଜବତ, ଜଣେ ଗିରଫ

**କୋଷାଗୁମୁଡା,୩ା୧(ସମିସ):** ଆଜି ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ତଥା ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ କୋଷାଗୁମୁଡା ଥାନା ଅର୍ନ୍ତଗତ ମାର୍କିଡି ଗ୍ରାମରେ ଚଢ଼ଉ କରି ମହେନ୍ଦ୍ର ସମରଥ ନିକଟରୁ ୧୯ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ତାଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉରେ ରିସମା ସୁନା, ଆକ୍ରମ ଖାନ ଓ ରମେଶ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।



# ପାହାଡ଼ରୁ ଉଦ୍ଧାର ଗଳିତ ଶବ ଚିହ୍ନଟ

**ନନ୍ଦପୁର,୩ା୧ (ସମିସ):** ନନ୍ଦପୁର ଥାନା ଅନ୍ତର୍ଗତ ହାଡ଼ପୁଟଗେରୁପୁଟ ପାହାଡ କସମ ଖୋଲା ଅଞ୍ଚଳରୁ ଗତ ଶୁକ୍ରବାର ଉଦ୍ଧାର ହୋଇଥିବା ଅଜଣା ବୃଦ୍ଧଙ୍କ ଗଳିତ ମୃତଦେହ ଶନିବାର ଚିହ୍ନଟ ହୋଇଛି। ମୃତକ ଜଣକ ପାଡୁଆ ଥାନା ଅଧୀନସ୍ଥ କୁଲାବିର ଗ୍ରାମ ହରିଜନ ସାହିର ଅଧିବାସୀ ତୁଳସା କାମୁଡିଙ୍କ ସ୍ୱାମୀ ସୁବାରାଓ କାମୁଡି ବୋଲି ଚିହ୍ନଟ ହୋଇଛି। ଗତକାଲି ଶବ ଉଦ୍ଧାର ପରେ ନନ୍ଦପୁର ପୋଲିସ ପକ୍ଷରୁ ଶବ ଚିହ୍ନଟ ନିମନ୍ତେ ଜନସାଧାରଣଙ୍କ ସହଯୋଗ ପାଇଁ ଆହ୍ୱାନ କରାଯାଇଥିଲା। କୌଣସି ସୂତ୍ରରୁ ସୂଚନା ମିଳିଥିଲା ଯେ ସୁବାରାଓ କାମୁଡି ଗତ ୧୭ ଡିସେମ୍ବରଠାରୁ ନିଖୋଜ ଥିଲେ। ପରବର୍ତ୍ତୀ ତନଖି ଓ ପରିଚୟ ସତ୍ୟାପନ ପରେ ଉଦ୍ଧାର ହୋଇଥିବା ଶବଟି ସୁବାରାଓଙ୍କ ବୋଲି ସ୍ପଷ୍ଟ ହୋଇଥିଲା। ପୋଲିସ ପକ୍ଷରୁ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଓ ବ୍ୟବଚ୍ଛେଦ ସମ୍ପନ୍ନ କରାଯାଇ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ମାନସିକ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି। ତଥାପି ଘଟଣାକୁ ଗୁରୁତ୍ୱ ଦେଇ ପୋଲିସ ପକ୍ଷରୁ ବୈଜ୍ଞାନିକ ଦଳ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଦିଗକୁ ନଜର ରଖି ଛାନ୍‌ଭିନ୍ ଜାରି ରଖିଥିବା ନନ୍ଦପୁର ଆଇଆଇସି ମମତା କୁମାରୀ ପଣ୍ଡା ସୂଚନା ଦେଇଛନ୍ତି।

## ଜାତୀୟସ୍ତରରେ ସ୍ୱର୍ଣ୍ଣପଦକ ପାଇଲେ ରୁଦ୍ରାନ

# ଉତ୍କଳ କରାଟେ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ଗୁଣପୁର, ୩ା୧( ସମିସ ): ଗୁଣପୁର ଉତ୍କଳ କରାଟେ ସ୍କୁଲ ତରଫରୁ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଡିସେମ୍ବର ୨୭ରୁ ୩୦ ପର୍ଯ୍ୟନ୍ତ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ ଠାରେ ଜାତୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଣପୁରରୁ ୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଜାତୀୟ ସ୍ତରରେ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ, ୮ ଟି ବ୍ରୋଞ୍ଜ ପଦକ ହାସଲ କରି ଗୁଣପୁରର ଗୌରବକୁ ବିଶ୍ୱ ଦରବାରରେ ପହଞ୍ଚାଇଛନ୍ତି। ଏହି ଅବସରରେ ଆଜି ସ୍ଥାନୀୟ କରାଟେ ସ୍କୁଲ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଥିଲା। ଏଥିରେ ରାୟଗଡ଼ା ଜିଲ୍ଲା ମନରେଗା ଅମ୍ବୁଡସ୍‌ମ୍ୟାନ ( ଅକ୍ଷୟ କୁମାର ଦାସ ମୁଖ୍ୟ ଅତିଥି , ଜାତୀୟ ଭାରଉତ୍ତୋଳନକାରୀ ପଦ୍ମ ଚରଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ କରାଟେ ଗୁରୁ ଲବ ବାଉରୀ




ପୌରହିତ୍ୟ କରିଥିଲେ। କରାଟେକା ରୁଦ୍ରାନ ଦଳାଇ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ବ୍ରୋଞ୍ଜ, ଆରୁଶ ମିଶ୍ର ଗୋଟିଏ ରୌପ୍ୟ, ଗୋଟିଏ ବ୍ରୋଞ୍ଜ, ଆଦିତ୍ୟ ପ୍ରସାଦ ପାଢୀ ଗୋଟିଏ ରୌପ୍ୟ, ଗୋଟିଏ ବ୍ରୋଞ୍ଜ, ମାନସ ରଞ୍ଜନ ସାହୁ, ଜି ହର୍ଷିତା, ଜି ସିଲ୍ପି, ଭି ଅକ୍ଷରା, ହର୍ଷିତା ଚୌଧୁରୀ ପ୍ରମୁଖ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ସମସ୍ତ କରାଟେକାଙ୍କୁ ପଦକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାସ୍ଥ୍ୟବାନ ହେବା ସହ ଆତ୍ମରକ୍ଷାର ପ୍ରମୁଖ ଉପାଦେୟ କରାଟେ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୧୯୮୪ରୁ ଗୁଣପୁରରେ କରାଟେର ପ୍ରସାର ଓ କରାଟେକା ସୃଷ୍ଟି କରୁଥିବା ଜଣେ ମାତ୍ର ବ୍ୟକ୍ତି କରାଟେ ମାଷ୍ଟର ଲବ ବାଉରୀଙ୍କ ଉଦ୍ୟମକୁ ଅତିଥି ମାନେ ପ୍ରଶଂସା କରିଥିଲେ। ଭବିଷ୍ୟତରେ ଗୁଣପୁରରୁ ଆହୁରି ଅଧିକ କରାଟେକା ସୃଷ୍ଟି କରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନାଁ କରିବାକୁ ମୁଖ୍ୟ ଅତିଥି ସମସ୍ତଙ୍କୁ ଅନୁରୋଧ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ କରାଟେ ସ୍କୁଲ ସଂଗଠକ ଅନନ୍ତ ପାତ୍ର ସଂଯୋଜନା କରିଥିବା ବେଳେ ରାଜେଶ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଦେବେନ୍ଦ୍ର ଦୋରା, ନିରାକାର ବାଉରୀ, ଶ୍ରୀକାନ୍ତ ମହାଙ୍କୁଡ ସହଯୋଗ କରିଥିଲେ। ପୁରାତନ ଛାତ୍ର ହେମନ୍ତ କୁମାର ଦାସ, କେ ସନ୍ତୋଷ କୁମାର, ରାଜେନ୍ଦ୍ର ଶବର, ରଞ୍ଜିତ ଗମାଙ୍ଗ, ଡି ରାଜା, ଗୋବିନ୍ଦ ଶବର, ରାଜେଶ କୁମାର ପୃଷ୍ଟି, ରାଜେନ୍ଦ୍ର ଦୋରା, ଉମା ଶଙ୍କର ଗମାଙ୍ଗ, ସୁରେଶ ବାଉରି ପ୍ରମୁଖ ଉପସ୍ଥିତ ରହି ନୁତନ କରାଟେକାଙ୍କୁ ଆଗକୁ ବଢିବାକୁ ପ୍ରତ୍ସାହିତ କରିଥିଲେ।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

ରାୟଗଡ଼ା, ୩ା୧(ସମିସ): ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆଜିଠାରୁ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ଆପାଲସ୍ୱାମୀ କାଡ୍ରାକା ଯୋଗ ଦେଇ ଗୋ-ପୂଜନ ସହିତ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଚାଷୀଙ୍କୁ ୫,୦୦୦ ଟଙ୍କାର ଚେକ ସହ ସାର୍ଟିଫିକେଟ୍ ବିତରଣ କରିଥିଲେ। 'ଆତ୍ମନିର୍ଭରତା ହିଁ ବିକଶିତ ଭାରତର ମୂଳ ମନ୍ତ୍ର' ସ୍ଲୋଗାନ୍ ପ୍ରଦାନରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଭିଡିଓ ମାଧ୍ୟମରେ ଚାଷୀଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ, ସିଡିଭିଓ ଡ. ମୃଣ୍ମୟ କୁମାର ପଣ୍ଡା, ଡେପୁଟି ଡାଇରେକ୍ଟର ମତ୍ସ୍ୟ ବିଭାଗ ଜିତେନ୍ଦ୍ର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ ଗୌଡ଼, ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗଙ୍କ ସମେତ ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା, ଜିଲ୍ଲା ପରିଷଦ ସଦସ୍ୟ ପ୍ରଶାନ୍ତ କୁଲେଶିକା, ପଦ୍ମବତୀ ମଣ୍ଡାଙ୍ଗୀ,



ସନ୍ଧ୍ୟାରାଣୀ ପୁଲକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ଶ୍ରୀ କାଡ୍ରାକା ଚାଷୀଙ୍କ ସଂଘର୍ଷ ଜୀବନ ଓ ତାଙ୍କ ପ୍ରତି ସରକାରଙ୍କ ଗୁରୁତ୍ୱ ବିଚାର ଉପରେ ଆଲୋକପାତ କରଥିଲେ। ବୈଜ୍ଞାନିକ ଡ଼. ଦେବେନ୍ଦ୍ରନାଥ ବିଶ୍ୱାଳ ଗୋ-ପାଳନରୁ ଲାଭ ଉପରେ ନିଜର ବକ୍ତବ୍ୟ ଦେଇଥିଲେ। ସିଡିଭିଓ, ଡେପୁଟି ଡାଇରେକ୍ଟର ମତ୍ସ୍ୟ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭିନ୍ନ ଯୋଜନା ଓ ବୀମା ସୁବିଧା ବିଷୟରେ ଆଲୋଚନା କରିଥିଲେ। ରାମନଗୁଡ଼ା ପଞ୍ଚାୟତ୍ ସମିତି ଅଧ୍ୟକ୍ଷ ରବିଶଙ୍କର ଗମଙ୍ଗ ଓ ରାୟଗଡ଼ା ଅଧ୍ୟକ୍ଷ ଟୁନି ହୁଇକା ଜୈବିକ ଚାଷକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟମାନେ ବିଭିନ୍ନ ଯୋଜନାରେ ଆବେଦନ କରିବାକୁ ଚାଷୀ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଏଡିଏମ୍ ଶ୍ରୀ ନାୟକ ପ୍ରଶାସନିକ ସହଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଉତ୍କୃଷ୍ଟ ଚାଷ କାର୍ଯ୍ୟ ପାଇଁ ବିଶ୍ୱନାଥ ମିନିଆକା, ନିର୍ମଳା ମୁଟିକା, ପି. ଆପଳା ନାୟିଡୁ, ବିଜୟ ମିନିଆକାଙ୍କୁ ୫ ହଜାର ଟଙ୍କାର ଚେକ ସହ ସାର୍ଟିଫିକେଟ୍ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟରେ ପ୍ରକାଶ ଚନ୍ଦ୍ର ମୁଦୁଲିଙ୍କୁ ପୁରସ୍କୃତ କରାଯାଇଥିଲା।

# ଭେନେଜୁଏଲା ଉପରେ ଆକ୍ରମଣ କାହିଁକି

ମସ୍କୋ, ୩।୧ (ଏଜେନ୍ସି): ସାରା ବିଶ୍ୱରେ ପୁଣି ଆମେରିକାର ଏକଚାଟିଆ ନୀତିକୁ ନିନ୍ଦା କରାଯାଉଛି। ଭେନେଜୁଏଲା ଉପରେ କରାଯାଇଥିବା ଆକ୍ରମଣର ଗମ୍ଭୀର ପ୍ରଭାବ ଆଞ୍ଚଳିକ ଏବଂ ବିଶ୍ୱର ସ୍ଥିରତା ଉପରେ ପଡ଼ିବ ବୋଲି ଦେଶଗୁଡ଼ିକୁ ୱାସିଂଟନକୁ ଚେତାବନୀ ଦେଇଛନ୍ତି। ଏପରି ସମୟରେ ଆମରିକା ନିଜ ଆକ୍ରମଣକୁ ପ୍ରାସଙ୍ଗିକ ଦର୍ଶାଇବାକୁ ପ୍ରୟାସ କରିଛି। ଦୀର୍ଘ ଦିନ ହେଲା ଆମେରିକା ଏବଂ ଭେନେଜୁଏଲା ମୁହାଁମୁହିଁ ସ୍ଥିତିରେ ଥିଲେ। କ୍ରମାଗତ ଭାବେ ସାମରିକ କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇ ଚାଲିଥିବା ଆମେରିକା ଶୁକ୍ରବାର ରାତିରେ ଅଚାନକ ଆକ୍ରମଣ କରି ମାଦୁରୋଙ୍କୁ ହେପାଜତକୁ ନେଇଥିଲା। ଆମେରିକାକୁ ନିଶା, ପ୍ରବାସୀ ଚାଲାଣ କରି ଜାତୀୟ ଏବଂ ବିଶ୍ୱ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଥିବାରୁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆର୍ଥିକ ସ୍ଥିତି ଭୁଶୁଡ଼ିବା ଏବଂ ରାଜନୈତିକ କାରଣ ଯୋଗୁଁ ୨୦୧୩ରୁ ଏ ପର୍ଯ୍ୟନ୍ତ ୮ ନିୟୁତ ଭେନେଜୁଏଲା ନାଗରିକ ଆମେରିକା ଆସିଛନ୍ତି। ମାଦୁରୋ ନିଜ ଜେଲରୁ ପାଗଳ ଏବଂ କଏଦୀଙ୍କୁ ଆମେରିକା ତଡ଼ୁଛନ୍ତି। ସେହିପରି ଭେନେଜୁଏଲା ଦେଇ ବିପୁଳ କୋକେନ ଏବଂ ଫଣ୍ଟାନାଇଲ ଆମେରିକାରେ ପହଞ୍ଚୁଛି। ଏଥିରେ ଭେନେଜୁଏଲାରେ ଦୁଇଟି କାର୍ଟେଲ ସାମିଲ ରହିଛି। ମାଦୁରୋ ଏହାର ନେତୃତ୍ୱ ନେଉଥିବା ଟ୍ରମ୍ପ ଅଭିଯୋଗ କରୁଛନ୍ତି। ଏଥିରୁ ମୁକ୍ତି ଦେବା ପାଇଁ ଆକ୍ରମଣକୁ ଆମେରିକା ବୈଧ ଦର୍ଶାଇଛି।

ଅନ୍ୟପଟେ ରୁଷ, ଇରାନ, ଆର୍ଜେଣ୍ଟିନା, କ୍ୟୁବା, ସ୍ପେନ, କଲମ୍ବିଆ, ଜର୍ମାନୀ, ବଲିଭିଆ, ମେକ୍ସିକୋ ପ୍ରମୁଖ ଦେଶ ଏହାକୁ ବିରୋଧ କରିଛନ୍ତି। ରୁଷ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି) ରଜରୁରୀ ବୈଠକ ଡାକିଛି। ଲାଟିନ ଆମେରିକୀୟ ଦେଶ ଏଥିପାଇଁ ଦେଇଥିବା ଆହ୍ୱାନକୁ ରୁଷ ସମର୍ଥନ କରିଛି। ରୁଷ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ସଶସ୍ତ୍ର କାର୍ଯ୍ୟାନୁଷ୍ଠାନର କୌଣସି ବୈଧ କାରଣ ନ ଥିଲା। ଏହା କୌଣସି ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ। ଏଭଳି ଆକ୍ରମଣ ଗମ୍ଭୀର ଚିନ୍ତାର ବିଷୟ ଏବଂ ନିନ୍ଦନୀୟ। ଏହାକୁ ବୈଧ ଦର୍ଶାଇବା ପାଇଁ କରାଯାଉଥିବା ସମସ୍ତ ପ୍ରୟାସ ଅଯୌକ୍ତିକ ଏବଂ ଆଧାରହୀନ। ଆଦର୍ଶଗତ ପ୍ରତିଶୋଧ ଉପରେ ବ୍ୟବସାୟୀକ ଉଦ୍ଦେଶ୍ୟ ଭାରି ପାଲଟି ଯାଇଛି ବୋଲି ରୁଷ ପକ୍ଷରୁ କୁହାଯାଇଛି।

## ବସ୍ ଡ୍ରାଇଭରରୁ ରାଷ୍ଟ୍ରପତି



ୱାସିଂଟନ, ୩।୧ (ଏଜେନ୍ସି): ଗତ ୧୩ ବର୍ଷ ହେଲା ଭେନେଜୁଏଲାର ଶାସନ ଗାଦିରେ ବସିଥିବା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକା ବନ୍ଦୀ କରି ନେଇଛି। ଏବେ ସେ କେଉଁଠି ଅଛନ୍ତି ତାହା ଜଣ ପଡ଼ି ନ ଥିବାବେଳେ ଜୀବନ ଯାତ୍ରାକୁ ନେଇ ମାଦୁରୋ ଚର୍ଚ୍ଚାରେ ଅଛନ୍ତି। ୧୯୬୨ ନଭେମ୍ବର ୨୩ରେ ରାଜଧାନୀ କାରକାସର ଏକ ଶ୍ରମିକ ପରିବାର ଜନ୍ମିତ ମାଦୁରୋ ପ୍ରଥମେ କ୍ଷମତା କେନ୍ଦ୍ରଠାରୁ ବହୁତ ଦୂରରେ ଥିଲେ। ସେ ସୀମିତ ସମୟ ମଧ୍ୟରେ ବିଶ୍ୱର ସବୁଠାରୁ ଅଧିକ ତୈଳ ଭଣ୍ଡାର ଥିବା ଦେଶର ନେତୃତ୍ୱ ନେଇ ପାରିଥିଲେ। ମାଦୁରୋ ବସ୍ ଡ୍ରାଇଭର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ମେଟ୍ରୋ ୟୁନିଅନର ନେତା ହୋଇଥିଲେ। ସେ ୧୯୯୯ରେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ଘନିଷ୍ଠ ସହଯୋଗୀ ହ୍ୟୁଗୋ ଚାଭେଜ ତାଙ୍କ ରାଜନୈତିକ କ୍ୟାରିୟରକୁ ଗତି ଦେଇଥିଲେ।

ମାଦୁରୋ ୨୦୦୬ରୁ ୨୦୧୩ ପର୍ଯ୍ୟନ୍ତ ଭେନେଜୁଏଲା ବୈଦେଶିକ ମନ୍ତ୍ରୀ ହୋଇଥିଲେ। ଏହି ସମୟରେ ସେ ଆଞ୍ଚଳିକ ସଂଗଠନ ଆଲ୍‌ବା ଏବଂ ସେଲାକ ଆଦି ଗଠନ କରିଥିଲେ। ୨୦୧୨ରେ ଉପ-ରାଷ୍ଟ୍ରପତି ଭାବେ ମାଦୁରୋ ଦାୟିତ୍ୱ ଗ୍ରହଣ କରିଥିଲେ। ଚାଭେଜଙ୍କ ମୃତ୍ୟୁ ପରେ ସେ ୨୦୧୩ରେ ଅନ୍ତରୀଣ ରାଷ୍ଟ୍ରପତି ନିଯୁକ୍ତ ହୋଇଥିଲେ। ସେହି ବର୍ଷ ଅନୁଷ୍ଠିତ ନିର୍ବାଚନରେ ସେ ବହୁତ କମ୍ ଭୋଟରେ ବିଜୟୀ ହୋଇଥିଲେ। ସେବେଠାରୁ ଏ ପର୍ଯ୍ୟନ୍ତ ସେ କ୍ଷମତାରେ ଅଛନ୍ତି। କ୍ରମାଗତ ଭାବେ ତାଙ୍କ ବିରୋଧରେ ନିର୍ବାଚନରେ ଜାଲିଆତି ଅଭିଯୋଗ ଲାଗି ଆସୁଛି। ଏହି ସମୟରେ ଭେନେଜୁଏଲା ଉପରେ ଆମେରିକା ଏବଂ ଅନ୍ୟ ଅନ୍ତର୍ଜାତୀୟ କଟକଣା ଲଗାଇ ଥିଲା। ଏଥିଯୋଗୁଁ ଅର୍ଥନୀତି ଭୁଶୁଡ଼ି ଯାଇଥିଲା। ଦେଶରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା ଏବଂ ଭେନେଜୁଏଲା ପ୍ରାୟ ଏକଘରିକିଆ ହୋଇଯାଇଥିଲା।

ମାଦୁରୋଙ୍କ ବ୍ୟକ୍ତିଗତ ସମ୍ପତ୍ତିକୁ ନେଇ ସର୍ବଦା ବିଶ୍ୱରେ ଚର୍ଚ୍ଚା ହେଉଛି। ଆର୍ଥିକ ସ୍ୱଚ୍ଛତା ନ ଥିବାରୁ ତାଙ୍କ ସମ୍ପତ୍ତି ବିବାଦର ପ୍ରସଙ୍ଗ ପାଲଟି ଯାଇଛି। ଯେତିକି ଘୋଷଣା ହୋଇଛି ତା ତୁଳନାରେ ମାଦୁରୋଙ୍କ ଅମାପ ସମ୍ପତ୍ତି ରହିଥିବା କୁହାଯାଉଛି। ସେ ଅନେକ ଦୁର୍ନୀତିରେ ମଧ୍ୟ ଲିପ୍ତ ରହିଛନ୍ତି। ସରକାରୀ ସୂଚନା ଅନୁଯାୟୀ, ମାଦୁରୋଙ୍କ ସମ୍ପତ୍ତି ୨ ନିୟୁତ ଡଲାର ରହିଛି। ରାଷ୍ଟ୍ରପତି ଭାବେ ତାଙ୍କୁ ମାସକୁ ୪ ହଜାର ଡଲାର ଦରମା ମିଳୁଥିଲା। କିନ୍ତୁ ନିର୍ଦ୍ଦେଶ ନ ମାନିବାରୁ ଆମେରିକା କ୍ରମାଗତ ଭାବେ ମାଦୁରୋଙ୍କ ବିରୋଧୀ ରହି ଆସିଛି। ୨୦୨୦ ମାର୍ଚ୍ଚରେ ସେ ଆମେରିକାକୁ ନିଶା ଚାଲାଣ କରୁଥିବା ଅଭିଯୋଗ ଲଗା ଯାଇଥିଲା।

# ବାଂଲାଦେଶରେ ଅରାଜକତା: ଆଖି ବୁଜିଲେ ଗୁରୁତର ହିନ୍ଦୁ ବ୍ୟବସାୟୀ

ଢାକା,୩।୧(ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ଖାସ୍ କରି ହିନ୍ଦୁଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବାଂଲାଦେଶରେ ଆଉ ଜଣେ ହିନ୍ଦୁ ବ୍ୟକ୍ତି ଖୋକନ ଚନ୍ଦ୍ର ଦାସ ଭିଡ଼ ହତ୍ୟାର ଶିକାର ହୋଇଛନ୍ତି। କିଛିଦିନ ତଳେ ତାଙ୍କୁ କେତେକ ଲୋକ ଏକାଠି ହୋଇ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ଓ ପରେ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ଢାକା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ସେ ମୃତ୍ୟୁବରଣ କରିଛନ୍ତି। ଢାକାଠାରୁ ୧୫୦ କିମି ଦୂରରେ ଥିବା ତାଙ୍କ ଗାଁରେ ଖୋକନ ଔଷଧ ଓ ମୋବାଇଲ ବ୍ୟାଙ୍କିଙ୍ଗ୍ ବ୍ୟବସାୟ କରୁଥିଲେ। ବୁଧବାର ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା ଓ ନିଆଁ ଲଗାଇ ତାଙ୍କୁ ପୋଡି ଦେବାକୁ ଭିଡ଼ ଚେଷ୍ଟା କରିଥିଲା। କିନ୍ତୁ ସେ ପୋଖରୀକୁ ଡେଇଁ ଦେହରେ ଲାଗିଥିବା ନିଆଁକୁ ଲିଭାଇବାରେ ସକ୍ଷମ ହୋଇଥିଲେ। ଏହାପରେ ଆକ୍ରମଣକାରୀମାନେ ସେଠାରୁ ପଳାଇଯାଇଥିଲେ। ପ୍ରଥମେ ତାଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ଡାକ୍ତରମାନେ ତାଙ୍କୁ ଢାକାର ଏକ ବଡ଼ ହସ୍ପିଟାଲକୁ ପଠାଇବାକୁ ନିଷ୍ପତ୍ତି ନେଇଥିଲେ। ଶେଷରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ସେ ମୃତ୍ୟୁବରଣ କରିଛନ୍ତି। ସେ ଅଞ୍ଚଳରେ ଖୋକନଙ୍କ କେହି ଶତ୍ରୁ ନଥିବା ବେଳେ ତାଙ୍କୁ କାହିଁକି ଆକ୍ରମଣ କରାଗଲା ବୋଲି ତାଙ୍କ ପତ୍ନୀ ସୀମା ଦାସ ପ୍ରଶ୍ନ କରିଛନ୍ତି। ଆକ୍ରମଣକାରୀମାନେ ମୁସଲମାନ ହୋଇଥିବା ବେଳେ ପରିବାରକୁ ସାହାଯ୍ୟ କରିବା ପାଇଁ ସୀମା ସରକାର ଓ ପୁଲିସକୁ ନିବେଦନ କରିଛନ୍ତି। ଦୁଇଜଣ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବା କାରଣରୁ ଖୋକନଙ୍କୁ ପୋଡି ଦିଆଯାଇଥିଲା ବୋଲି ସୀମା ଅଭିଯୋଗ କରିଛନ୍ତି। ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଅନ୍ତରୀଣ ସରକାରଙ୍କ କାର୍ଯ୍ୟକାଳରେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ତୀବ୍ରତର ହେବାରେ ଲାଗିଛି। ଗତ ୧୫ ଦିନ ମଧ୍ୟରେ ବାଂଲାଦେଶରେ ଦ୍ୱିତୀୟ ହିନ୍ଦୁ ବ୍ୟକ୍ତିଙ୍କୁ ପୋଡି ଓ ମୋଟ ଉପରେ ୪ ହିନ୍ଦୁ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ପୂର୍ବରୁ ଡିସେମ୍ବର ୧୮ରେ ମେମନସିଂ ଜିଲ୍ଲାରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁଙ୍କୁ ପିଟିପିଟି ମାରିଦିଆଯାଇଥିଲା ଓ ଏହାପରେ ତାଙ୍କ ମୃତଦେହକୁ ଗଛରେ ଓହଳାଇ ପୋଡିଦିଆଯାଇଥିଲା।

ଆକ୍ରମଣ କରି ନିଆଁ ଲଗାଇ ଦେଇଥିଲେ ଚରମପନ୍ଥୀ

୧୫ ଦିନରେ ୪ ହିନ୍ଦୁ ହତ୍ୟାର ଶିକାର



# ୧୨୭ ବର୍ଷ ପରେ ଭାରତକୁ ଅଣାଗଲା ବୁଦ୍ଧଙ୍କ ପବିତ୍ର ଅବଶେଷ

ନୂଆଦିଲ୍ଲୀ,୩।୧(ଏଜେନ୍ସି): ଦୀର୍ଘ ୧୨୭ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ଭଗବାନ ବୁଦ୍ଧଙ୍କ ଅବଶେଷ ଭାରତକୁ ଅଣାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଏ ନେଇ ଘୋଷଣା କରିଛନ୍ତି। ଏହା ଆମ ପାଇଁ ଗର୍ବ, ଗୌରବ ଓ ଆନନ୍ଦର ବିଷୟ ବୋଲି ସେ କହିଛନ୍ତି। ଏହାକୁ ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ଏକ ଗୌରବର ବିଷୟ ବୋଲି ସେ କହିଛନ୍ତି। ଏହା ବିକାଶ ଓ ଐତିହ୍ୟର ଭାବନାକୁ ପ୍ରତିଫଳିତ କରେ ଓ ଏହାର ଆଧାତ୍ମିକ ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ବୁଦ୍ଧଙ୍କର ଏହି ଅବଶେଷ ୧୮୯୮ରେ ଉତ୍ତରପ୍ରଦେଶର ପିପ୍ରାହୱା ସ୍ତୁପ ଖନନ ବେଳେ ବ୍ରିଟିଶ ଅଧିକାରୀ ୱିଲିୟମ କ୍ଲାକ୍ସଟନ ପାପେ ଆବିଷ୍କୃତ କରିଥିଲେ ଓ ଏହାକୁ ଭାରତ ବାହାରକୁ ପଠାଯାଇଥିଲା। ଏଥିରେ ଝାଡ଼ଖଣ୍ଡ, ସ୍ଫଟିକ ପାତ୍ର, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ନୈବେଦ୍ୟ ଅନ୍ତର୍ଭୁକ୍ତ ଥିଲା। ଏଗୁଡିକୁ ବୌଦ୍ଧ ପରମ୍ପରା ଅନୁଯାୟୀ ସ୍ତୂପରେ ରଖାଯାଇଥିଲା। ଏକ ବ୍ରାହ୍ମୀ ଶିଳାଲିପି ଅନୁଯାୟୀ ଏହି ଅବଶେଷ ଶାକ୍ୟ ବଂଶର ରାଜାମାନଙ୍କ ଦ୍ୱାରା ଭଗବାନ ବୁଦ୍ଧଙ୍କ ପ୍ରତି ସମର୍ପିତ ଥିଲା। ଏଗୁଡିକ ବୁଦ୍ଧଙ୍କ ପରିବାରର ଥିଲା। ଦିଲ୍ଲୀର ରାୟ ପିଥୋରା ସାଂସ୍କୃତିକ ପରିସରରେ ଭଗବାନ ବୁଦ୍ଧଙ୍କ ସହିତ ଜଡିତ ପବିତ୍ର ମୂର୍ତ୍ତି, ଅବଶେଷ ପ୍ରଦର୍ଶନୀରେ ରଖାଯାଇଛି। ପ୍ରଧାନମନ୍ତ୍ରୀ ଏହି ପ୍ରଦର୍ଶନୀକୁ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ପିପ୍ରାହୱା ଅବଶେଷଗୁଡିକ ହେଉଛି ଭଗବାନ ବୁଦ୍ଧଙ୍କ ସହିତ ଜଡିତ ପବିତ୍ର ଓ ପ୍ରତ୍ନତାତ୍ତ୍ୱିକ କଳାକୃତି। ବିଶ୍ୱାସ କରାଯାଏ ଯେ, ଏହି ଅବଶେଷରେ ବୁଦ୍ଧଙ୍କ ସହିତ ଜଡିତ ହାଡ଼ (ଧାତୁ ଅବଶେଷ) ଓ ପ୍ରାଚୀନ ବସ୍ତୁ ରହିଛି। ଏଗୁଡିକୁ ତାଙ୍କ ମହାନିର୍ବାଣ ପରେ ବିଭିନ୍ନ ସ୍ଥାନରେ ରଖାଯାଇଥିଲା।

# 'ବିଜେପିକୁ ଆର୍‌ଏସ୍‌ଏସ୍ ନିୟନ୍ତ୍ରଣ କରେନି'

ଭୋପାଳ,୩।୧(ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ପୁଣିଥରେ ବିଜେପି ଓ ବିଶ୍ୱ ହିନ୍ଦୁ ପରିଷଦ ନେଇ ଆଭିମୁଖ୍ୟ ଓ ମତ ସ୍ପଷ୍ଟ କରିଛନ୍ତି। ବିଜେପି ଓ ବିଶ୍ୱ ହିନ୍ଦୁ ଦୃଷ୍ଟିକୋଣରୁ ଆରଏସ୍‌ଏସ୍‌କୁ ବୁଝିବା ଭୁଲ। ସବୁ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଛନ୍ତି। ସଂଘ କାହକୁ ନିୟନ୍ତ୍ରଣ କରେ ନାହିଁ। ସଂଘର ଉଦ୍ଦେଶ୍ୟ କ୍ଷମତା, ଟିକଟ କିମ୍ବା ନିର୍ବାଚନ ନୁହେଁ। ଆରଏସ୍‌ଏସ୍ ଉନ୍ନତ ସମାଜ ଗଠନ ଓ ଚରିତ୍ର ନିର୍ମାଣକୁ ଗୁରୁତ୍ୱ ଦେଇଥାଏ ବୋଲି ସେ କହିଛନ୍ତି। ଭୋପାଳରେ ଆରଏସ୍‌ଏସ୍‌ର ୧୦୦ ବର୍ଷ ପୂର୍ତ୍ତୀ ପାଳନ ନେଇ ଆୟୋଜିତ 'ପମୂଖ ଜନଗୋଷ୍ଠୀ' କାର୍ଯ୍ୟକ୍ରମରେ ଯୋଗ ଦେଇ ଭାଗବତ କହିଛନ୍ତି ଯେ, ଆମେ ସ୍ୱତନ୍ତ୍ର ପୋଷାକ ପିନ୍ଧୁଛୁ ଓ ଲାଠିକୁ ନେଇ ଅଭ୍ୟାସ କରୁଛୁ। ଏଭଳି ସ୍ଥିତିରେ ଯଦି କିଏ ଆରଏସ୍‌ଏସ୍‌କୁ ଏକ ଅର୍ଦ୍ଧ ସାମରିକ ବାହିନୀ ବୋଲି ବିଚାର କରେ ତାହା ଭୁଲ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମ ମଧ୍ୟରେ ମତ-ପନ୍ଥ, ସମ୍ପ୍ରଦାୟ, ଭାଷା ଓ ଜାତି ଭିନ୍ନ ହୋଇପାରେ। କିନ୍ତୁ ଏହା ସତ୍ତ୍ୱେ ହିନ୍ଦୁ ପରିଚୟ ଆମକୁ ଏକାଠି କରିଥାଏ। ଆମର ସଂସ୍କୃତି ଗୋଟିଏ, ଧର୍ମ ଗୋଟିଏ, ପୂର୍ବଜ ମଧ୍ୟ ସମାନ।

## ୭ ଇମ୍ରାନ ସମର୍ଥକଙ୍କୁ ଆଜୀବନ କାରାଦଣ୍ଡ

ଇସଲାମାବାଦ୍,୩।୧(ଏଜେନ୍ସି): ପାକିସ୍ତାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ୭ ଜଣ ସମର୍ଥକଙ୍କୁ ଏକ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛି। ୨୦୨୩ ଇମ୍ରାନ ଗିରଫ ହେବା ପରେ ହିଂସକ ପ୍ରଦର୍ଶନ ସହିତ ଏହି ମାମଲା ଜଡିତ। ଏହି ୭ ଜଣଙ୍କ ଉପରେ ଦେଶର ବିଭିନ୍ନ ପ୍ରତିଷ୍ଠାନ ବିରୋଧରେ ଡିଜିଟାଲ ଆତଙ୍କବାଦରେ ଲିପ୍ତ ରହିବାର ଅଭିଯୋଗ କରାଯାଇଥିଲା। କୋର୍ଟ କହିଛନ୍ତି ଯେ, ପ୍ରତିବାଦ ସମୟରେ ଏମାନେ ହିଂସା ଓ ଅଶାନ୍ତି ସୃଷ୍ଟି କରିବା ପାଇଁ ଅନ୍‌ଲାଇନ ପ୍ଲାଟଫର୍ମ ତଥା ସାମାଜିକ ଗଣମାଧ୍ୟମରେ ଦୁରୁପଯୋଗ କରିଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୟୁଟ୍ୟୁବର ଆଦିଲ ରାଜା, ସାମ୍ବାଦିକ ୱାଜହତ ସଇଦ ଖାନ୍, ସାବିର ସାକିର ସେହବାଇ, ଟେଲିଭିଜନ ଉପସ୍ଥାପକ ହାଇଦର ରାଜା ମେହେବି, ବିଶ୍ଳେଷକ ମୋଇଦା ପିରଜାଦା ଏବଂ ପୂର୍ବତନ ସେନା ଅଧିକାରୀ ଆକବର ହୁସେନ ଅନ୍ତର୍ଭୁକ୍ତ।

## ଚୀନ୍ କଥାରେ ହଁ ମାରିଲା ପାକିସ୍ତାନ

ବେଜିଂ/ଇସଲାମାବାଦ୍,୩।୧(ଏଜେନ୍ସି): 'ଅପରେସନ ସିନ୍ଦୂର' ଅବସରରେ ଚୀନର ମଧ୍ୟସ୍ଥତା ଦାବିକୁ ପାକିସ୍ତାନ ସ୍ୱୀକାର କରିବା ସହ ସମର୍ଥନ କରିଛି। ଅର୍ଥାତ ଚୀନକୁ ପାକିସ୍ତାନ ଅସ୍ତ୍ରବିରତିର ଶ୍ରେୟ ଦେବାକୁ ପଛାଇନାହିଁ। ଚୀନ୍‌ର ଦାବି ସହିତ ଜଡିତ ଏକ ପ୍ରଶ୍ନର ଉତ୍ତର ଦେବା ଅବସରରେ ପାକିସ୍ତାନ ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ତାହିର ଆନ୍ଦ୍ରେବୀ ଏ ନେଇ ସୂଚନା ଦେଇଛନ୍ତି। ଅପରେସନ ସିନ୍ଦୂର ବେଳେ ଚୀନ୍‌ର ନେତାମାନେ ପାକିସ୍ତାନ ନେତୃତ୍ୱ ସହ ଲଗାତର ସମ୍ପର୍କରେ ଥିଲେ। ସେହିପରି ସେମାନେ ଭାରତୀୟ ନେତୃତ୍ୱସହ ମଧ୍ୟ କିଛି କଥାବାର୍ତ୍ତା କରିଥିଲେ। ଫଳରେ ଏହି ଅଞ୍ଚଳରେ ଉତ୍ତେଜନା କମ୍ ହୋଇଥିଲା ଏବଂ ଶାନ୍ତି, ସୁରକ୍ଷାକୁ ଫେରାଇଆଣିବାରେ ଏହା ବେଶ ସହାୟ ହୋଇଥିଲା। ତେଣୁ ଚୀନ୍‌ର ଏହି ଦାବି ଆଦୌ ମିଥ୍ୟା ନୁହେଁ ବୋଲି ଆନ୍ଦ୍ରେବୀ କହିଛନ୍ତି।

## ୟୁକ୍ରେନ ଯୁଦ୍ଧରେ ଜଲନ୍ଧରର ଯୁବକ ସହିଦ

ଜଲନ୍ଧର,୩।୧(ଏଜେନ୍ସି): ୪ ବର୍ଷ ଧରି ଚାଲିଆସୁଥିବା ରୁଷ- ୟୁକ୍ରେନ ଯୁଦ୍ଧରେ ପଞ୍ଜାବ ଜଲନ୍ଧରର ଗୋରାୟାର ଜଣେ ଯୁବକ ସହିଦ ହୋଇଛନ୍ତି। ଟ୍ରାଭେଲ ଏଜେଣ୍ଟମାନେ ତାଙ୍କୁ ପ୍ରଲୋଭିତ କରି ରୁଷ ନେଇଯାଇଥିଲେ ଓ ସେଠାରେ ତାଙ୍କୁ ବଳପୂର୍ବକ ରୁଷ୍ ସେନାରେ ଭର୍ତ୍ତି କରିଥିଲେ। କିଛିମାସ ଧରି ନିଖୋଜ ରହିବା ପରେ ତାଙ୍କୁ ମୃତଦେହକୁ ଏବେ ଭାରତ ଫେରାଇ ଅଣାଯାଇଛି। ଏହି ଯୁବକ ହେଉଛନ୍ତି ୩୦ ବର୍ଷୀୟ ମନଦୀପ କୁମାର। ଦୀର୍ଘଦିନ ଧରି ରୁଷ୍‌ରେ ରହି ସେ ଏକ ଉନ୍ନତ ଭବିଷ୍ୟତ ଓ ନିଯୁକ୍ତିର ସ୍ୱପ୍ନ ଦେଖୁଥିଲେ। ତାଙ୍କ ପରିବାରର ସଦସ୍ୟମାନେ କହିଛନ୍ତି ଯେ, ମନଦୀପ ଟ୍ରାଭେଲ ଏଜେଣ୍ଟଙ୍କ ପ୍ରତାରଣାର ଶିକାର ହୋଇଥିଲେ। ତାଙ୍କୁ ଚାକିରିର ମିଥ୍ୟା ପ୍ରତିଶ୍ରୁତି ଦେଇ ରୁଷ୍ ପଠାଯାଇଥିଲା। କିନ୍ତୁ ସେଠାରେ ପହଞ୍ଚିବା ପରେ ସ୍ଥିତି ବଦଳିଯାଇଥିଲା।

## ଗାନ୍ଧୀନଗରରେ ଟାଇଫଏଡ୍: ହସ୍ପିଟାଲରେ ୧୦୦

ଗାନ୍ଧୀନଗର, ୩।୧(ଏଜେନ୍ସି): ଗାନ୍ଧୀନଗରରେ ଟାଇଫଏଡ ଅର୍ଥାତ ଆନ୍ତ୍ରିକ ଜ୍ୱରରେ ୧୦୦ରୁ ଅଧିକ ଲୋକ ସଂକ୍ରମିତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗାନ୍ଧୀନଗର ସିଭିଲ ହସ୍ପିଟାଲରେ ଛୋଟପିଲାଙ୍କ ସମେତ ୧୦୪ ଜଣ ଭର୍ତ୍ତି ହେବା ପରେ ଗୁଜରାଟ ଉପ-ମୁଖ୍ୟମନ୍ତ୍ରୀ ହର୍ଷ ସାଂଘଭି ଶନିବାର ସ୍ଥିତି ସମୀକ୍ଷା କରିଛନ୍ତି। ଗତ ୩ ଦିନରେ ସିଭିଲ ହସ୍ପିଟାଲରେ ଟାଏଫଏଡ ମାମଲା ବୃଦ୍ଧି ପାଇଛି। ସବୁ ରୋଗୀଙ୍କୁ ଶିଶୁ ଭବନରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ବୋଲି ଅଧିକାରୀମାନେ କହିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଜିଲ୍ଲାପାଳଙ୍କ ସହ ଫୋନ୍‌ରେ ୩ଥର ପରିସ୍ଥିତି ବିଷୟରେ ଆଲୋଚନା କରିଛନ୍ତି। ରୋଗୀଙ୍କ ଚିକିତ୍ସା କରିବାକୁ ୨୨ଜଣ ଡାକ୍ତରଙ୍କୁ ନେଇ ଟିମ୍ ଗଠନ କରାଯାଇଛି।

## ସୋମବାର ଉମରଙ୍କ ଜାମିନ ନେଇ ରାୟ ଦେବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩।୧(ଏଜେନ୍ସି): ଦିଲ୍ଲୀ ଦଙ୍ଗା ମାମଲାରେ ସୁପ୍ରିମକୋର୍ଟ ସୋମବାର ଉମର ଖାଲିଦ, ଶର୍ଜିଲ ଇମାମ, ଫାତିମା, ମୀରାନ ହାଇଦର ଓ ସିଫା ଉର ରହମାନଙ୍କ ଜାମିନ ଆବେଦନ ନେଇ ବଡ଼ ରାୟ ପ୍ରଦାନ କରିବେ। ଏମାନେ ଗତ ୪ ବର୍ଷ ହେବ ଜେଲ୍‌ରେ ରହିଆସୁଛନ୍ତି। ୨୦୨୦ ଫେବୃଆରୀ ହୋଇଥିବା ଦିଲ୍ଲୀ ଦଙ୍ଗା ପାଇଁ ଏମାନେ ବଡ଼ ଷଡ଼ଯନ୍ତ୍ର କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଜଷ୍ଟିସ ଅରବିନ୍ଦ କୁମାର ଓ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ମାମଲାରେ ଅଭିଯୁକ୍ତଙ୍କ ଅନେକ ଆବେଦନ ଉପରେ ରାୟ ଘୋଷଣା କରିବେ। ନ୍ୟୁୟର୍କର ନବ ନିର୍ବାଚିତ ମେୟର ଜୋହରାନ ମମ୍‌ଦାନୀଙ୍କ ଦ୍ୱାରା ଉମର ଖାଲିଦଙ୍କୁ ସମ୍ବୋଧିତ କରି ଏକ ଚିଠି ଇଣ୍ଟରନେଟ ଓ ସାମାଜିକ ଗଣମାଧ୍ୟମରେ ବିବାଦ ସୃଷ୍ଟି କରିବା ପରେ ଓ ବିଜେପିର ମନ୍ତ୍ରୀମାନଙ୍କ ପ୍ରତିକ୍ରିୟା ପ୍ରକାଶ ହେବା ପରେ ଜାମିନ ଆବେଦନକୁ ନେଇ ସୁପ୍ରିମକୋର୍ଟ ରାୟ ଦେବାକୁ ଯାଉଛନ୍ତି।

## ମହାନଗର ନିଗମ ନିର୍ବାଚନ: ବିଜେପି-ଏନ୍‌ସିପି ତୁତୁମେଁମେଁ

ମୁମ୍ବଇ, ୩।୧ (ଏଜେନ୍ସି): ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନକୁ ନେଇ କ୍ଷମତାସୀନ ମହାୟୁତି ମେଣ୍ଟ (ଏନଡିଏ)ରେ ତୁତୁ ମେମେଁ ଆରମ୍ଭ ହୋଇଛି। ଏହି ମେଣ୍ଟରେ ସାମିଲ ତିନି ଦଳ ପରସ୍ପର ସହ ଝଗଡ଼ାରେ ଲିପ୍ତ ରହି ଗୋହି ଖୋଳିବା ଆରମ୍ଭ କରିଦେଇଛନ୍ତି। ଶୁକ୍ରବାର ପିମ୍ପରି-ଚିଞ୍ଚୱାଡରେ ଏକ ସାମ୍ବାଦିକ ସମ୍ମିଳନୀ କରି ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ବିଜେପିକୁ ଘେରିଛନ୍ତି। ସେ କହିଥିଲେ ଯେ ଯେଉଁମାନେ ମୋ ଉପରେ ୭୦ ହଜାର କୋଟିର ଜଳସେଚନ ଦୁର୍ନୀତି ଅଭିଯୋଗ ଲଗାଇ ଥିଲେ ତାଙ୍କ ସହ ଆଜି ମୁଁ କ୍ଷମତାରେ ରହିଛି। ଖାଲି ଅଭିଯୋଗ ଲଗାଇ ଦେଲେ କେହି ଦୋଷୀ ହୋଇଯାଏନି। ଅଦଲାତରେ ଏହି ଅଭିଯୋଗକୁ ସାବ୍ୟସ୍ତ କରିବାକୁ ପଡ଼େ। ସେହିପରି କେଉଁ ଦଳ ଅପରାଧିକ ପୃଷ୍ଠଭୂମିରୁ ଆସୁଥିବା କେତେ ଲୋକଙ୍କୁ ଟିକଟ ଦେଇଛି ଏବଂ ପଳାତକଙ୍କୁ ସହାୟତା କରିଛି ତାହା ଜାଣିବା ପାଇଁ ୧୫ ବର୍ଷର ରେକର୍ଡ ଦେଖିବା ଉଚିତ। ଅନ୍ୟପଟେ ବିଜେପି ପ୍ରଦେଶ ଅଧ୍ୟକ୍ଷ ରବୀନ୍ଦ୍ର ଚୌହାନ ନିଜେ ନିଜକୁ ଦେଖିବା ପାଇଁ ଏନ୍‌ସିପି ମୁଖ୍ୟଙ୍କୁ କହିଛନ୍ତି।

# କୁହୁଡ଼ି ପାଇଁ ରେଳ, ବିମାନ ଚଳାଚଳ ବାଧାପ୍ରାପ୍ତ



ନୂଆଦିଲ୍ଲୀ,୩।୧(ଏଜେନ୍ସି): ଦେଶ ସାରା ଖାସ୍ କରି ଉତ୍ତର ଭାରତରେ ପ୍ରବଳ କୁହୁଡି ଜାରି ରହିଛି। ଫଳରେ ରେଳ ଓ ବିମାନ ଚଳାଚଳା ବାଧାପ୍ରାପ୍ତ ହୋଇଛି। ଶନିବାର ବହୁ ଟ୍ରେନ ବିଳମ୍ବ ହୋଇଥିବାରୁ ସୂଚନା ମିଳିଛି। ଖରାପ ପାଗ କାରଣରୁ ବହୁ ଟ୍ରେନ୍‌ର ଯାତ୍ରା ପୁନଃନିର୍ଦ୍ଧାରିତ କରାଯାଇଛି। ଇତିମଧ୍ୟରେ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ କରି ଉଲ୍ଲେଖ କରିଛିଯେ, ଉତ୍ତର ଭାରତରେ କିଛି ବିମାନବନ୍ଦରରେ ଖରାପ ପାଗ କାରଣରୁ ଦୃଶ୍ୟମାନ ଦୂରତା ହ୍ରାସ କାରଣରୁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇପାରେ। ଧର୍ମଶାଳା, ଇନ୍ଦୋରରେ ବିମାନ ଚଳାଚଳ ପ୍ରଭାବିତ ହୋଇପାରେ। ସେପଟେ ରାଜସ୍ଥାନରେ ପ୍ରବଳ କୁହୁଡି ଯୋଗୁ ଦୃଶମାନ ଦୂରତା ହ୍ରାସ ପାଇବା କାରଣରୁ ଏକ ସ୍ଲିପର ବସ୍ ଓଲଟି ପଡିଛି। ଯାହା ଫଳରେ ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସେହିପରି ମଧ୍ୟ ପ୍ରଦେଶରେ ପ୍ରବଳ କୁହିଡି ଯୋଗୁ ଦୃଶ୍ୟମାନ ଦୂରତା ୨୦ମି ତଳକୁ ଖସିଛି। ଉତ୍ତର ପ୍ରଦେଶ କାଶୀରେ ହାଲ୍‌କା ବର୍ଷା ହୋଇଛି। ବିହାରରେ ଅତ୍ୟଧିକ ଥଣ୍ଡା ଓ କୁହୁଡି ପରିଲକ୍ଷିତ ହୋଇଛି। ପାଟନା, ସମସ୍ତିପୁର ଓ ଜେହାନାବାଦ୍‌ରେ ପ୍ରବଳ କୁହୁଡି ଦେଖିବାକୁ ମିଳିଥିଲା। ରାଜ୍ୟର ସବୁ ୩୮ଟି ଜିଲ୍ଲାରେ କୁହୁଡି ନେଇ ସତର୍କତା ଜାରି କରାଯାଇଛି।


# ନିୟନ୍ତ୍ରୀତ ବଜାର କମିଟି, ଭଦ୍ରକ
## ଜିଲ୍ଲା - ଭଦ୍ରକ

ଏତଦ୍ ଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଭଦ୍ରକ ଅନ୍ତର୍ଗତ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା. ୦୫.୦୧.୨୦୨୬ ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ।

"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ।"

ସୋମବାର | ମଙ୍ଗଳବାର | ବୁଧବାର | ଶୁକ୍ରବାର | ଶନିବାର


ସମୟ - ସକାଳ ୮ଘଟିକାରୁ ଦିବା ୨ ଘଟିକା ମଧ୍ୟରେ ଧାନ ବିକ୍ରୟ କରି ପାରିବେ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍. ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଦୂଳି ଇତ୍ୟାଦି) | ୧.୦% |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୁଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା - ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ "ଏ" ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

-: ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-

| କ୍ର.ନଂ | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/- |



ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର (SMS) ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରୀଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ୍) ପ୍ରେରଣ କରାଯିବ ଯାହାକି ୩୦ ଦିନ ବୈଧ ରହିବ। ଅଗ୍ରୀମ ଟୋକନ୍ ପାଇଲା ପରେ ସଂପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଚଳିତ ବର୍ଷ ଟୋକନ୍ ରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କ ଠାରୁ କ୍ରମାନ୍ୱୟ (FIFO) ରେ ଧାନ କ୍ରୟ କରାଯିବ। ବିନା ଟୋକନ୍ ରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ।

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତହୋଇଥିବା ଟୋକନ୍ ଆଣିବେ। ରେଜିଷ୍ଟ୍ରିଭୁକ୍ତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜିକୃତ ହୋଇଥିବା ମୋ.ନଂ ରୁ ଟୋଲ୍ ଫ୍ରି ନଂ 1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ, ଟୋକନ୍‌ର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ।

I.V.R.S ପଦ୍ଧତିରେ -
୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ।
୬ ନମ୍ବର ଚୟନ କଲେ ଟୋକନ୍ ର ସ୍ଥିତି ଜାଣିପାରିବେ।
୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ।


ସା - ସଂପାଦକ
ନିୟନ୍ତ୍ରୀତ ବଜାର କମିଟି, ଭଦ୍ରକ

ସା - ଉପଜିଲ୍ଲାପାଳ ଭଦ୍ରକ ତଥା ଅଧ୍ୟକ୍ଷ
ନିୟନ୍ତ୍ରୀତ ବଜାର କମିଟି, ଭଦ୍ରକ

ସକାଳ THE SAKALA
www.sakalaepaper.com

# ବାଇସ୍କୋପ୍





## ୧୦ରୁ 'ଗୋମାତା କାନ୍ଦୁଛି ରାଜରାସ୍ତାରେ'ର ସୁଟିଂ

ଜାନୁଆରୀ ୧୦ ତାରିଖରୁ ନୂଆ ଓଡ଼ିଆ ସିନେମା 'ଗୋମାତା କାନ୍ଦୁଛି ରାଜରାସ୍ତାରେ' ର ସୁଟିଂ ଆରମ୍ଭ ହେବ। ଏହାର ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ଅଛନ୍ତି ସୁଧାକର ବସନ୍ତ। ସିନେମାର କାହାଣୀ ଏବଂ ସଂଳାପ ରଚନା କରିଛନ୍ତି ସୁକାନ୍ତ ପାତ୍ର। ସିନେମାର ମୁଖ୍ୟ ଚରିତ୍ରରେ ସୁକାନ୍ତ ପାତ୍ର ନଜର ଆସିବେ। ଅରୁଣ ମନ୍ତ୍ରୀ ଗୀତ ରଚନା କରିବାବେଳେ ସଙ୍ଗୀତରେ ଅଛନ୍ତି ପ୍ରଶାନ୍ତ ପାଢ଼ୀ। ଗୋ ମାତା ଉପରେ ଅତ୍ୟାଚାରକୁ ନେଇ ଫିଲ୍ମର କାହାଣୀ ଆଧାରିତ। ମୁଖ୍ୟତଃ ସିନେମାଟି ଏକ ସାମାଜିକ ବାର୍ତ୍ତା ଭାରତ ସମେତ ଅନ୍ୟ ଦେଶକୁ ପ୍ରଦାନ କରିବ ବୋଲି ନିର୍ଦ୍ଦେଶକ ସୁଧାକର ବସନ୍ତ କହିଛନ୍ତି। ଭଲ କନ୍ସେପ୍ଟ ଏହାକୁ ନିର୍ମାଣ କରାଯାଉଥିବା ବେଳେ ଫିଲ୍ମ ଫେଷ୍ଟିଭାଲ- ୨୦୨୬, ଗୋଆ ପାନାରୋମା ଫିଲ୍ମ ଫେଷ୍ଟିଭାଲ, ଦିଲ୍ଲୀ ଫିଲ୍ମ ଫେଷ୍ଟିଭାଲ ଏବଂ ଆନ୍ତର୍ଜାତୀୟ ସିନେ ଫେଷ୍ଟିଭାଲକୁ ଦୃଷ୍ଟିରେ ରଖି ସୁଧାକର ଏହି ସିନେମାଟିକୁ ନିର୍ମାଣ କରୁଥିବା କହିଛନ୍ତି। ■



## ପ୍ରେକ୍ଷାଳୟରେ 'ଲଢ଼େଇ'

ଡିସେମ୍ବର ୩୧ରେ ମୁକ୍ତିଲାଭ କରିଛି ନୂଆ ଓଡ଼ିଆ ସିନେମା 'ଲଢ଼େଇ'। ଏହି ଚଳଚ୍ଚିତ୍ର ଜରିଆରେ ନବାଗତନାୟକଲୋହିତାକ୍ଷଚଳଚ୍ଚିତ୍ରଜଗତରେପଦାର୍ପଣ କରିଛନ୍ତି। ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ନାୟିକା ଅଛନ୍ତି ନବାଗତା ଅଭିଲିପ୍ସା। 'ଲଢ଼େଇ' ଏକ ବଳିଷ୍ଠ, ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ। ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଲୋହିତାକ୍ଷ ଓ ଅଭିଲିପ୍ସାଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ପ୍ରାତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କ ଅଭିନୟ ଦେଖିବାକୁ ମିଳିଛି। ଏଥିରେ ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥୀ। ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଡେ. ପି. ସ୍ୱାଇଁଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅରୂପ ଚକ୍ରବର୍ତ୍ତୀ, ସ୍ୱର୍ଣ୍ଣ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ପ୍ରମୁଖ କଣ୍ଠଶିଳ୍ପୀ। ■

## ନୂଆ ଚଳଚ୍ଚିତ୍ର 'ସଂଘର୍ଷ'



ଏ. କେ. ଫିଲ୍ମସ୍ ବଲାଙ୍ଗିର ବ୍ୟାନରରେ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ସଂଘର୍ଷ'। ଏହାର ସୁଟିଂ ଫେବୃଆରୀ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଜଣାପଡ଼ିଛି। ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ସହିତ ପ୍ରଯୋଜନା ଓ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଶୋକ ମିଶ୍ର। 'ଶତ୍ରୁ' ଚଳଚ୍ଚିତ୍ର ପାଇଁ ଅଶୋକ ଦୁଇ ଦୁଇଟି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହ ଉଚ୍ଚ ପ୍ରଶଂସିତ ହୋଇଥିଲେ। 'ସଂଘର୍ଷ' ସିନେମାର କାହାଣୀ ବିସ୍ଥାପନ ଉପରେ ଗଢ଼ିଉଠିଛି। ଏଥିରେ ଡ. ରଜନୀ ରଞ୍ଜନ ଓ ରତନ ପୂଜାରୀଙ୍କ ଗୀତଗୁଡ଼ିକକୁ ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି ଯଜ୍ଞ ଦାଶ। ସେହିପରି ଏହାର ସଂଳାପ ରଚନା ମଧ୍ୟ ଡ. ରଜନୀ ରଞ୍ଜନ କରିଛନ୍ତି। ତେବେ ୧୯୯୦-୯୧ ମସିହାରେ ଏଇ 'ସଂଘର୍ଷ' ନାମରେ ଏକ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା। ଏହି ଚଳଚ୍ଚିତ୍ରରୁ ହିଁ ଗୀତିକାର ଭାବରେ ଡ.ରଜନୀ ରଞ୍ଜନଙ୍କର ଓଲିଉଡ୍‌ରେ ଏଣ୍ଟ୍ରି ହୋଇଥିଲା। ■



## ଶୁଭମୁକ୍ତିକୁ 'ଅପେକ୍ଷା'

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'କୁ ଅପେକ୍ଷା କରିଛନ୍ତି ପ୍ରଯୋଜକ ଡ. କେ. ତମନ୍ନା, ନିର୍ଦ୍ଦେଶକ ଆନନ୍ଦ କୁମାର, ନୂଆପିଢ଼ିର ନାୟକ ସାର୍ଥକ ଏବଂ ନାୟିକା ଶୁଭାଙ୍ଗି। ଡ. କେ. ତମନ୍ନା ଅନେକ ତେଲୁଗୁ ଚଳଚ୍ଚିତ୍ର କରିସାରିଛନ୍ତି। ତେବେ 'ଅପେକ୍ଷା' ଫିଲ୍ମଟି ରିଲିଜ ହେଲେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ କଳାକାର ଏବଂ ନିର୍ଦ୍ଦେଶକଙ୍କ ପରିଚୟ ଓ ପ୍ରତିଷ୍ଠା ବଢ଼ିବ ବୋଲି ସମସ୍ତେ ଆଶାବାଦୀ। ଏହି ଚଳଚ୍ଚିତ୍ରରେ ଚୌଧୁରୀ ବିକାଶ ଦାସ, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ପ୍ରଦୀପ ଦେବତା, ଗୁଡ୍ଡୁ, ଟୁନା ଟନ ଟନ ପ୍ରମୁଖ ଅଭିନୟ କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର, ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ବୈଦ୍ୟନାଥ ଦାଶ। କାହାଣୀ ଓ ସଂଳାପ ଆଶୁତୋଷ ବାରିକ ଲେଖିଥିବାବେଳେ ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ ଗୀତ ରଚନା କରିଛନ୍ତି। ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଚିରାଗ, ଇପ୍‌ସିତା ସାହୁ ଓ ଉମାକାନ୍ତ ବାରିକ। ■



## କିମିଆ କରିଛି 'ହେ କଳା ବାନ୍ଧବ'

ଆଖି ନଥିବା ମଣିଷ ପାଇଁ ଏ ଦୁନିଆଟା ଅନ୍ଧାର, କଳା କିଚ୍‌କିଚ୍। କଳା ବି ଆମ କାଳିଆ ଠାକୁର। ହେଲେ ସେହି କଳା ସାଆନ୍ତଙ୍କୁ କେମିତି ଦେଖେ ଆଖି ନଥିବା ମଣିଷଟି? ଦୃଷ୍ଟିଶକ୍ତି ହରାଇଥିବା ବ୍ୟକ୍ତିଜ ଚାରୁଦିଗଁକୁ କେଉଁ ରୂପରେ ଦର୍ଶନ କରେ? ଏ ପ୍ରଶ୍ନର ଗୋଟିଗୋଟି ଉତ୍ତର ନିକଟରେ ରିଲିଜ୍ ହୋଇଥିବା ଏକ ସୁନ୍ଦର ଭାବପୂର୍ଣ୍ଣ ଭଜନ 'ହେ କଳା ବାନ୍ଧବ'ରେ ପ୍ରତିଫଳିତ ହୋଇଛି। ଏହା ଏକ ମ୍ୟୁଜିକ ଭିଡିଓ ହୋଇଥିଲେ ହେଁ ଦେଖିବାକୁ ଗଲେ ଏହା ଏକ ଛୋଟ ସିନେମା ପରି। ଏ କାହାଣୀ ଅଭିମାନର, କାହାଣୀ କୌତୁହଳର, କାହାଣୀ ମାରା ଓ କାଳିଆର ବନ୍ଧୁତ୍ୱର। 'ଡବି ବବ୍ଲି' ପ୍ରସ୍ତୁତ ଏହି ଗୀତଟି ଶ୍ରୋତାଙ୍କ ମନକୁ ବେଶ୍ ଛୁଇଁପାରିଛି। ମନୋଜ ଏବଂ ସମୀରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ବିଶ୍ୱଜିତ ଶତପଥୀଙ୍କ ଦ୍ୱାରା ପ୍ରଯୋଜିତ ଏହି ଭଜନରେ ଜଣେ ଛୁଆ ଝିଅ (ମାରା) ର ଜଗା ପ୍ରତି ଥିବା ନିଷ୍କପଟ ଭକ୍ତି ଓ ଆବେଗକୁ ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ଏଥିରେ ମୁଖ୍ୟ ଭୂମିକାରେ ଶିଶୁ କଳାକାର ସାଇ ଦିବ୍ୟାଂଶୀ ଅଭିନୟ କରିଥିବା ବେଳେ ଭଜନରେ କଣ୍ଠଦାନ ମଧ୍ୟ କରିଛନ୍ତି। ଭେଟେରାନ ଅଭିନେତ୍ରୀ ଉଷା ବିବର୍ତ୍ତୀ ଏବଂ ଜଗନ୍ନାଥ ଖୁଣ୍ଟିଆ ଏଥିରେ ଅଭିନୟ କରିଛନ୍ତି। ଭକ୍ତିର ଏହି ସୁନ୍ଦର ଭଜନକୁ ଗୀତିକାର ପୁଷ୍କର ପରିଡ଼ା ଶବ୍ଦରେ ସଜାଇଥିବା ବେଳେ ମ୍ୟୁଜିକ ଅନିଲ ନାଏକ ଦେଇଛନ୍ତି। ତେବେ ପୁରା ଟିମ୍‌ର ଏହି ପ୍ରୟାସକୁ ଦର୍ଶକ ବେଶ ପସନ୍ଦ କରୁଥିବା ବେଳେ ବର୍ତ୍ତମାନ ଏହି ଭିଡିଓଟି ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି। ■



## ସାକ୍ଷାତକାର

## "ଭଲ କଳାକାର ହେବା ପାଇଁ ଧୈର୍ଯ୍ୟ ଦରକାର"

**ଆୟୁଷ୍ମାନ ଦାସ, ଅଭିନେତା**

ପାଠପଢ଼ାରେ ତାଙ୍କର ମନ ଲାଗୁ ନ ଥିଲା। ସ୍କୁଲ ଓ କଲେଜରେ ସବୁଠି ଅଭିନୟ କରି ପୁରସ୍କୃତ ହେଉଥିଲେ। ତାଙ୍କ ଭିତରେ ଥିବା ପ୍ରତିଭାକୁ ପ୍ରଥମେ ମା' ଚିହ୍ନିଥିଲେ। ଖୋର୍ଦ୍ଧା ଜିଲ୍ଲା ବନମାଳିପୁର ଗାଁର ଆୟୁଷ୍ମାନ ଦାସ ମାଆଙ୍କ ମାର୍ଗଦର୍ଶନରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଡ୍ରାମା ବିଭାଗରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଏହା ପରେ ସେ ଧାରାବାହିକରେ ନିଜ ଭାଗ୍ୟ ପରୀକ୍ଷା କରିଥିଲେ। 'ମହାଦେବୀ' ତାଙ୍କର ପ୍ରଥମ ଧାରାବାହିକ। ପରେ କିଛି ହାତଗଣତି ଧାରାବାହିକରେ ଅଭିନୟ କରିଛନ୍ତି ଆୟୁଷ୍ମାନ। ଏବେ ହିନ୍ଦୀ ଧାରାବାହିକ 'ସତ୍ୟା ସାଚୀ'ରେ ଖଳନାୟକ ଚରିତ୍ରରେ ଅଭିନୟ କରୁଛନ୍ତି। ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଆୟୁଷ୍ମାନଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।

**ଅଭିନୟ ପାଇଁ କେବେଠୁ ଦୁର୍ବଳତା ଆସିଲା?**

- ପିଲାଦିନେ କ୍ରିକେଟ୍ ଖେଳୁଥିଲି। ପଢ଼ା ପଢ଼ି ପ୍ରତି ଏତେଟା ମନ ଲାଗୁନଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲି। ଏହା ପରେ ମୁଁ ଆକ୍ଟିଂରେ କ୍ୟାରିୟର କରିବାକୁ ଚିନ୍ତା କରିଥିଲି। ଅଭିନୟ ପ୍ରତି ଦୁର୍ବଳତା ଦେଖି ମୋ ମା' ସଙ୍ଗୀତ ମହାବିଦ୍ୟାଳୟରେ ପଢ଼ିବାକୁ କହିଥିଲେ। ଯେହେତୁ ମା' ସେଠାରେ ପଢ଼ିଥିଲେ ଆଉ ସେ ଜଣେ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ତେଣୁ ଏ କ୍ଷେତ୍ରରେ ଆଗକୁ ବଢ଼ିବାକୁ ମୋତେ ସହଜ ହୋଇଥିଲା। ସ୍ନାତକ ପରେ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ଅଭିନୟରେ ସ୍ନାତକୋତ୍ତର କରିଛି। ଦୀର୍ଘବର୍ଷର ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିଥିଲି।

**ଧାରାବାହିକରେ କେମିତି ସୁଯୋଗ ପାଇଲେ?**

- ମୁଁ ଯୁକ୍ତ ୩ ପ୍ରଥମ ବର୍ଷରେ ପଢ଼ିବା ସମୟରୁ ସବୁ ସୁଟିଂ ସେଟ୍‌କୁ ଯାଇ ମ୍ୟାନେଜରମାନଙ୍କୁ ଦେଖା କରୁଥିଲି। ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ଅରୁ ଭାଇ ମୋତେ 'ମହାଦେବୀ' ଧାରାବାହିକରେ କାମ କରିବାକୁ ସୁଯୋଗ ଦେଇଥିଲେ। ଏଥିରେ ମଣିକାନ୍ତ ବାବା ଚରିତ୍ରରେ କାମ କରିଥିଲି। ଏହା ପରେ ମୁଁ ଦିବ୍ୟଦୃଷ୍ଟିରେ କାମ କରିବାକୁ ସୁଯୋଗ ପାଇଲି। 'ଝିଲି' ଧାରାବାହିକରେ 'ରୁଦ୍ର' ପୋଲିସ ଚରିତ୍ରରେ କାମ କରିଛି। ରୁଦ୍ର ଚରିତ୍ରଟି ମୋତେ ଅଧିକ ଲୋକପ୍ରିୟତା ଦେଇଛି।

**ଏବେ ଆୟୁଷ୍ମାନ କ'ଣ କରୁଛନ୍ତି?**

- ସନ୍ ନିଓରେ 'ସତ୍ୟା ସାଚୀ' ହିନ୍ଦୀ ଧାରାବାହିକରେ ଅଭିନୟ କରୁଛି। ଏଥିରେ ମୁଁ ଦୀପ ଖଳନାୟକ ଚରିତ୍ରରେ କାମ କରୁଛି।

**କଳାକାର ହେବାକୁ ତାଲିମ ନେବାର ଆବଶ୍ୟକତା କେତେ?**

- ପ୍ରତ୍ୟେକ କ୍ଷେତ୍ରରେ ତାଲିମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମସ୍ତେ କୁହନ୍ତି ଭଲ ଅଭିନେତା ହେବାକୁ ହେଲେ ଚରିତ୍ରରେ ବୁଡ଼ିଯିବାକୁ ହୁଏ, କିନ୍ତୁ ତାଲିମ ଦ୍ୱାରା ଚରିତ୍ରରେ କେମିତି ପ୍ରବେଶ କରିବ ଓ ବୁଡ଼ିଯିବ ତା'ର ରାସ୍ତା ମିଳିଯାଏ। ଏହା ଦ୍ୱାରା ଅଭିନୟ ମାର୍ଜିତ ହୁଏ। ତାଲିମ ନେବା ପରେ ସମସ୍ତେ ଗୋଟେ ମୁଖ୍ୟ ଚରିତ୍ରରେ କାମ କରିବାକୁ ଇଚ୍ଛା ରଖନ୍ତି। ଅବଶ୍ୟ ଏସବୁ ପାଇଁ ଧୈର୍ଯ୍ୟ ରଖିବା ଦରକାର।

**ଚରିତ୍ରକୁ ଜୀବନ୍ତ କରିବାକୁ ଆୟୁଷ୍ମାନ କ'ଣ କରନ୍ତି?**

- ଯେଉଁ ଚରିତ୍ର ମିଳେ, ସେହି ଚରିତ୍ରଗୁଡ଼ିକ କାହା ସହିତ କେମିତି ବ୍ୟବହାର କରୁଛନ୍ତି। ସେମାନଙ୍କ ଚତୁଃପାର୍ଶ୍ୱିକ ପରିସ୍ଥିତି, ପୋଷାକ ପିନ୍ଧା ଶୈଳୀ, ସଂଳାପ କହିବା ଶୈଳୀ, ଚରିତ୍ରର କେଉଁ ପାର୍ଟରେ ଏଣ୍ଟରଟେନମେଣ୍ଟ ରହୁଛି ସେ ସବୁକୁ ଗୁରୁତ୍ୱ ଦିଏ।

**ଆଗାମୀ ଯୋଜନା?**

- ଏହି ଧାରାବାହିକ ସରିବା ପରେ ସାଙ୍ଗସାଥିଙ୍କ ସହିତ କିଛି ସମୟ ବିତାଇବା ପରେ ମୁଁ ପୁଣି ମୋର କାମକୁ ଗୁରୁତ୍ୱ ଦେବି। ଜୀବନ ଥିବା ଯାଏଁ ମୁଁ ଅଭିନୟ କରିବି।

**ସ୍ମରଣୀୟ ମୁହୂର୍ତ୍ତ?**

- 'ଝିଲି' ଧାରାବାହିକରେ 'ରୁଦ୍ର' ଭୂମିକା ମୋତେ ବହୁତ ଭଲ ଲାଗିଥିଲା। ପୋଲିସ ଆଉ ପୋଲିସ ପୋଷାକ ପ୍ରତି ମୋର ସବୁବେଳେ ଦୁର୍ବଳତା ରହିଛି। ମୁଁ ଯେତେବେଳେ ପୋଲିସ ପୋଷାକ ପିନ୍ଧିଲି, ସେତେବେଳେ ବହୁତ ଖୁସି ଲାଗିଥିଲା। ସୌଭାଗ୍ୟବଶତଃ ରୁଦ୍ର ଚରିତ୍ରକୁ ଦର୍ଶକ ବହୁତ ଭଲପାଇବା ଦେଲେ। ସାମାଜିକ ଗଣମାଧ୍ୟମରେ ମୋ ଚରିତ୍ରକୁ ନେଇ ଚର୍ଚ୍ଚା ହେବା ମୋ' ପାଇଁ ସୌଭାଗ୍ୟର ବିଷୟ।

**ଫିଟ୍ ରହିବାର ଫର୍ମୁଲା?**

- କଳାକାର ପାଇଁ ଫିଟ୍ ରହିବା ନିହାତି ଦରକାର। କାରଣ ଆମର କାମ କରିବା ତରିକା ଟିକେ ଭିନ୍ନ ଥାଏ। ବିଳମ୍ବିତ ରାତି ଯାଏଁ କାମ ସାଙ୍ଗକୁ ଖାଦ୍ୟପେୟ ଗ୍ରହଣରେ ସମୟ ନଥାଏ। ତେଣୁ ଶାରୀରିକ କାର୍ଯ୍ୟକଳାପ, ଯୋଗ, ବ୍ୟାୟାମ କରିବା ସହ ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ପାଆନ୍ତି?**

- କ୍ରିକେଟ୍ ଖେଳିବାକୁ ପସନ୍ଦ କରେ। ଏହା ଦ୍ୱାରା ମୋତେ ଶାନ୍ତି ମିଳେ। କାମକୁ ଗୁରୁତ୍ୱ ଦିଅନ୍ତୁ।


**ଅଭିନୟକୁ ଯେଉଁମାନେ ଆସୁଛନ୍ତି, ସେମାନଙ୍କୁ କ'ଣ କହିବେ?**

- ଅଧିକାଂଶ ପିଲା ରାତାରାତି ଲୋକପ୍ରିୟ ହେବାକୁ ଇଚ୍ଛା ରଖନ୍ତି। ଆଜିକାଲିର ପିଲାଙ୍କ ଧୈର୍ଯ୍ୟ ଶକ୍ତି ବହୁତ କମ୍। ହେଲେ ମୁଁ କହିବି ଜଣେ କଳାକାର ଭିତରେ ଧୈର୍ଯ୍ୟ ରହିବା ବହୁତ ବଡ଼ କଥା। ଏହି କାମରେ ଜୀବନସାରା ରହିବେ। ତେଣୁ କାମକୁ ଗୁରୁତ୍ୱ ଦିଅନ୍ତୁ।

## ପରଦା ପଛର କାହାଣୀ

## ନିଆଁରେ ଅଭିନେତାଙ୍କ ଫିଲ୍ମ ସୁଟିଂ

ନିଜ ଦମ୍‌ଦାର ଅଭିନୟ ତଥା ଆକ୍ସନ ସିନ୍ ପାଇଁ ବଲିଉଡ୍‌ର ଅଭିନେତା ଧର୍ମେନ୍ଦ୍ର ବେଶ୍ ଲୋକପ୍ରିୟ। ଦୀର୍ଘ ଜୀବନକାଳ ମଧ୍ୟରେ ସେ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ସେମିତି ଏକ ଫିଲ୍ମ ହେଉଛି ୧୯୬୬ ମସିହାରେ ରିଲିଜ୍ ହୋଇଥିବା 'ଫୁଲ ଔର୍ ପଥର'। ଏହି ଫିଲ୍ମ ପାଇଁ ଧର୍ମେନ୍ଦ୍ର ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ। ତେବେ ଫିଲ୍ମକୁ ନେଇ ଏକ ରୋଚକ କାହାଣୀ ରହିଛି। ଏହି ଫିଲ୍ମରେ ଧର୍ମେନ୍ଦ୍ର ସତସତିକା ନିଆଁରେ ସୁଟିଂ କରିଥିଲେ। ଫଳରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା। ଫିଲ୍ମର ଏକ ଦୃଶ୍ୟରେ ଧର୍ମେନ୍ଦ୍ରଙ୍କୁ ଜଳନ୍ତା ଶିଡ଼ିରୁ ଜଣେ ଛୋଟ ଝିଅକୁ ତଳକୁ ଆଣିବାର ଥିଲା। ତେବେ ନିଆଁ ଦେଖିବା ପରେ ଧର୍ମେନ୍ଦ୍ରଙ୍କ ପାଇଁ ଏହି ଦୃଶ୍ୟ ସୁଟ୍ କରିବା ସୁରକ୍ଷିତ ନ ଥିବା ଫିଲ୍ମ ନିର୍ଦ୍ଦେଶକ ଓ. ପି. ରଲହନ୍ ଅନୁଭବ କରିଥିଲେ। ଏଥିପାଇଁ ଏଭଳି ବିପଦଜ୍ଜନକ ଭାବେ ସୁଟ୍ ନ କରିବା ପାଇଁ ତାଙ୍କୁ କହିଥିଲେ। କିନ୍ତୁ ଧର୍ମେନ୍ଦ୍ର ଏହାକୁ ଠିକ୍ ଭାବେ ବୁଝି ପାରି ନଥିଲେ। ରଲହନ୍ ଏହି ଦୃଶ୍ୟ ସୁଟିଂ କରିବା ପାଇଁ ନିର୍ଦ୍ଦେଶ ଦେଲେ ବୋଲି ଭାବିଥିଲେ। ଆଉ ଧର୍ମେନ୍ଦ୍ର ଏହି ନିଆଁ ଦୃଶ୍ୟ ସୁଟିଂ କରିଥିଲେ। ଫଳସ୍ୱରୂପ ସେ ନିଆଁରେ ପୋଡ଼ି ଯାଇଥିଲେ। ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଧମାଲ କରିଥିଲା। ୧ କୋଟି ବ୍ୟୟରେ ନିର୍ମିତ 'ଫୁଲ ଔର୍ ପଥର' ପ୍ରାୟ ୧୭ କୋଟି ଟଙ୍କା ଆୟ କରିଥିଲା। ଏହାର ସଫଳତାକୁ ଦୃଷ୍ଟିରେ ରଖି ଏହାକୁ ତାମିଲ, ତେଲୁଗୁ ଏବଂ ମାଲାୟଲମ୍ ଭାଷାରେ ରିମେକ୍ କରାଯାଇଥିଲା। ଏହି ଫିଲ୍ମରେ 'ଶାକା' ନାମକ ଏକ ଗ୍ୟାଙ୍ଗଷ୍ଟାର୍ ଚରିତ୍ରରେ ଧର୍ମେନ୍ଦ୍ର ଅଭିନୟ କରିଥିଲେ। ଏଥିରେ ଟ୍ରାଜେଡି କୁଇନ୍ ମୀନା କୁମାରୀଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଉଭୟଙ୍କ ଅଭିନୟକୁ ଦର୍ଶକମାନେ ଖୁବ୍ ପ୍ରଶଂସା କରିଥିଲେ। ■



# କେକେଆର୍‌ରୁ ବାହାରିଲେ ମୁସ୍ତାଫିଜୁର


କୋଲକାତା, ୩।୧ (ଏଜେନ୍ସି): ଗତ କିଛିଦିନ ଧରି ଆଇପିଏଲ୍‌ରେ ବାଂଲାଦେଶ କ୍ରିକେଟର୍‌ଙ୍କ ଅଂଶଗ୍ରହଣକୁ ନେଇ ଲାଗି ରହିଥିବା ବିବାଦର ଏକପ୍ରକାର ଅନ୍ତ ଘଟିଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ନିର୍ଦ୍ଦେଶକ୍ରମେ ଶେଷରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଫ୍ରାଞ୍ଚାଇଜ ଦଳରୁ ବାଂଲାଦେଶ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କୁ ବାହାର କରିଛି। ଶାହରୁଖ ଖାନଙ୍କ କେକେଆର ଫ୍ରାଞ୍ଚାଇଜ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଯେଉଁଥିରେ କୁହାଯାଇଛି ଯେ ଆଇପିଏଲ୍‌କୁ ବିସିସିଆଇ ପରିଚାଳନା କରୁଛି। ତେଣୁ ବିସିସିଆଇର ନିର୍ଦ୍ଦେଶ ଅନୁଯାୟୀ ଆଇପିଏଲ୍‌ର ଆଗାମୀ ସିଜନ ପୂର୍ବରୁ କୋଲକାତା ଦଳରୁ ମୁସ୍ତାଫିଜୁରଙ୍କୁ ରିଲିଜ କରାଯାଇଛି। ଏଥିସହ ତାଙ୍କ ବଦଳ ଖେଳାଳିଭାବେ ଆଉ ଜଣଙ୍କୁ ଦଳରେ ସାମିଲ କରିବାକୁ ବିସିସିଆଇ ଅନୁମତି ଦେଇଛି। ପ୍ରକାଶଯୋଗ୍ୟ, ଗତ ଖେଳାଳି ନିଲାମୀରେ କୋଲକାତା ୯.୨ କୋଟି ଟଙ୍କା ବ୍ୟୟରେ ମୁସ୍ତାଫିଜୁରଙ୍କୁ କ୍ରୟ କରିଥିଲା। କିନ୍ତୁ ସଦ୍ୟ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଭୟଙ୍କର ଆକ୍ରମଣ ପରେ ପରିସ୍ଥିତି ବଦଳିଯାଇଥିଲା। ବାଂଲାଦେଶ ଖେଳାଳିଙ୍କୁ ଆଇପିଏଲ୍‌ରେ ସାମିଲ କରିବା ନେଇ ଅନେକେ ପ୍ରଶ୍ନ ଉଠାଇବା ସହ ବିସିସିଆଇ ଓ କେକେଆର୍‌କୁ ଟାର୍ଗେଟ କରିଥିଲେ। ଶେଷରେ ବିସିସିଆଇ ଏହି ବଡ଼ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲା।



**ଶେଷରେ ଆକ୍ସନ ନେଲା ବିସିସିଆଇ**

# ଭାରତ ଛାଡ଼ିଲେ; କାନାଡ଼ାରୁ ଖେଳିବେ

ଚଣ୍ଡିଗଡ଼, ୩।୧ (ଏଜେନ୍ସି): ଦୁଇଥରର ଏସିଆନ ଚାମ୍ପିଅନ ତଥା ଅଲିମ୍ପିଆନ ସୁଟର୍ ଅଙ୍ଗଦ ବୀର ସିଂହ ବାଜୱା କ୍ୟାରିୟରକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ୩୦ ବର୍ଷୀୟ ଏହି ସୁଟର୍ ଏବେ ଭାରତ ଛାଡ଼ି କାନାଡ଼ା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଅଙ୍ଗଦ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। ଦେଶ ଛାଡ଼ିବାର କାରଣ ମଧ୍ୟ ଅଙ୍ଗଦ ଉଲ୍ଲେଖ କରିଛନ୍ତି। 'ଗତ ୧୨-୧୩ ବର୍ଷ ଧରି ଭାରତ ପକ୍ଷରୁ ଖେଳିଆସୁଛି। କିନ୍ତୁ ମୋ ପରିବାର କାନାଡାରେ ରହୁଛନ୍ତି ଏବଂ ସେଠାରେ ମଧ୍ୟ ମୋ ବ୍ୟବସାୟ ଚାଲିଛି। ପ୍ରତି ମାସରେ କାନାଡ଼ା ଯାତ୍ରା କରିବା ମୋ ପାଇଁ କଷ୍ଟସାଧ ଥିଲା। ତେଣୁ ଶେଷରେ ଏକ କଠିନ ଓ ଭାବବିହ୍ୱଳ ନିଷ୍ପତ୍ତି ନେଇଛି' ବୋଲି ଅଙ୍ଗଦ କହିଛନ୍ତି। ନ୍ୟାସନାଲ ରାଇଫଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ପକ୍ଷରୁ ଅଙ୍ଗଦଙ୍କୁ ମଧ୍ୟ ଏନେଇ ସବୁଜ ସଙ୍କେତ ପ୍ରଦାନ କରାଯାଇଛି।



## ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ପନ୍ତ୍ ରହିଲେ, ଗିଲ୍ ଓ ଆୟର ଫେରିଲେ

ମୁମ୍ବଇ,୩।୧(ଏଜେନ୍ସି):

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳର ନାମ ତାଲିକା ଘୋଷଣା କରାଯାଇଛି। ଆହତ ହୋଇ ଦଳରୁ ବାଦ୍ ପଡ଼ିଥିବା ଅଧିନାୟକ ଶୁବମନ ଗିଲ୍ ଓ ଉପଅଧିନାୟକ ଶ୍ରେୟସ ଆୟର ଦଳକୁ ଫେରିଛନ୍ତି। ଗିଲ୍ ମ୍ୟାଚ୍ ଫିଟ୍ ହୋଇଥିଲାବେଳେ ଫିଟ୍‌ନେସ ପରୀକ୍ଷାରେ ପାସ୍ ହେଲେ ଖେଳିବା ଲାଗି ସୁଯୋଗ ପାଇବେ। ଉଭୟ ଖେଳାଳି ଆସନ୍ତା ୬ ତାରିଖ ଖେଳାଯିବାକୁ ଥିବା ବିଜୟ ହଜାରେ ଟ୍ରଫିରେ ନିଜ ରାଜ୍ୟ ପକ୍ଷରୁ ଖେଳିବା ଲାଗି ସ୍ଥିର ହୋଇଛି। ଏଥିରେ ଉଭୟ ଖେଳାଳି ସେମାନଙ୍କ ମ୍ୟାଚ୍ ଫିଟ୍‌ନେସର ପ୍ରମାଣ ଦେବେ। ବରୋଦାରେ ଜାନୁଆରୀ ୧୧ରୁ ଦିନିକିଆ ସିରିଜ୍ ଆରମ୍ଭ ହେବ। ୧୪ ଓ ୧୮ରେ ସିରିଜ୍‌ର ଅନ୍ୟ ଦୁଇଟି ମ୍ୟାଚ୍ ଯଥାକ୍ରମେ ରାଜକୋଟ ଓ ଇନ୍ଦୋରରେ ଖେଳାଯିବ।

ଘୋଷିତ ୧୫ ଜଣିଆ ଦଳରେ ୱିକେଟ ରକ୍ଷକ ରଷଭ ପନ୍ତ ସ୍ଥାନ ବଜାୟ ରଖିଛନ୍ତି। ସେ ଓ ଲୋକେଶ ରାହୁଲ ୱିକେଟ ରକ୍ଷକ ଭାବେ ସାମିଲ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ରେ ଆହତ ଗିଲ୍‌ଙ୍କ ସ୍ଥାନରେ ରାହୁଲ ଦଳର ନେତୃତ୍ୱ ନେଇଥିଲେ, କିନ୍ତୁ ପନ୍ତ୍‌ଙ୍କୁ ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ମିଳି ନ ଥିଲା। ସେହିପରି ଦଳକୁ ଫେରିଥିବା ତୃତୀୟ ଖେଳାଳି ହେଲେ ମହମ୍ମଦ୍ ସିରାଜ୍। ସିରାଜ ଅଷ୍ଟ୍ରେଲିଆ ସିରିଜ୍ ପରେ ଆଉ ସୀମିତ ଓଭର ମ୍ୟାଚ୍ ଖେଳିନାହାନ୍ତି। କିନ୍ତୁ ନିଜ ଟିମ୍ ହାଇଦରାବାଦ୍ ପକ୍ଷରୁ ସୟଦ ମୁସ୍ତାକ ଅଲି ଟି-୨୦ ଓ ବିଜୟ ହଜାରେ ଟ୍ରଫିରେ ଖେଳିଛନ୍ତି। ତାଙ୍କ ସହ ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପେସ୍ ବୋଲର ଭାବେ ସାମିଲ କରାଯାଇଛି। ଏହା ଫଳରେ ମହମ୍ମଦ୍ ସାମି ନିରାଶ ହୋଇଛନ୍ତି। ଏହା ଫଳରେ ସାମିଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଏକପ୍ରକାର ଶେଷ ହୋଇଛି ବୋଲି କୁହାଯାଉଛି। ଟି-୨୦ ବିଶ୍ୱକପ୍ ଫେବୃଆରୀ ୭ରୁ ବିଶ୍ୱକପ୍ ଖେଳାଯାଉଥିବାରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ୍ ବୁମରାଙ୍କୁ ଏହି ସିରିଜ୍ ଲାଗି ବିଚାରକୁ ନିଆଯାଇନାହିଁ।



**ଖେଳସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ବରୋଦା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |

ଦଳକୁ ଫେରିଥିବା ୩ଜଣ ଖେଳାଳିଙ୍କ ମଧ୍ୟରୁ ଦକ୍ଷିଣ ଆଫ୍ରିକା ବିପକ୍ଷ କୋଲକାତା ଟେଷ୍ଟରେ ବେକରେ ଆଘାତ ଲାଗିବାରୁ ଗିଲ୍ ବାଦ୍ ପଡ଼ିଥିଲେ। ଅଷ୍ଟ୍ରେଲିଆରେ ପିଠିରେ ଆଘାତ ପାଇଥିବାରୁ ଆୟର ଆଉ ଖେଳି ପାରି ନ ଥିଲେ। ସିରାଜଙ୍କୁ ଦଳରେ ନିଆଯାଇ ନ ଥିଲା। ଗିଲ୍ ବିଜୟ ହଜାରେ ଟ୍ରଫି ଖେଳି ମ୍ୟାଚ୍ ଫିଟ୍ ପ୍ରମାଣ ଦେଇଛନ୍ତି। ଆୟର ଫିଟ୍ ହେବାର ପ୍ରମାଣ ଦେବାକୁ ବାକି ରହିଛି। ଗିଲ୍, ଆୟର ଓ ସିରାଜଙ୍କୁ ସାମିଲ କରାଯିବା ଫଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ଲାଗି ମନୋନୀତ ହୋଇଥିବା ତିଲକ ବର୍ମା, ଧ୍ରୁବ ଜୁରେଲ ଓ ଋତୁରାଜ ଗାଏକ୍ୱାଡ୍‌ଙ୍କୁ ବାଦ୍ ଦିଆଯାଇଛି। ରାହୁଲଙ୍କ ନେତୃତ୍ୱରେ ଭାରତ ୨-୧ରେ ଏହି ସିରିଜ୍ ଜିତିଥିଲାବେଳେ ତିଲକ ଓ ଜୁରେଲ ମ୍ୟାଚ୍ ଖେଳି ନ ଥିଲେ। କିନ୍ତୁ ଇନ୍ଦୋରରେ ଗୋଟିଏ ମ୍ୟାଚ୍ ଖେଳି ନଂ-୪ରେ ବ୍ୟାଟିଂ କରିଥିବା ଋତୁରାଜ ୧୦୫ ରନ୍ କରିଥିଲେ।

ବ୍ୟାଟିଂରେ ଗିଲ ଓ ଆୟରଙ୍କ ବ୍ୟତୀତ ଦୁଇ ବରିଷ୍ଠ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ଓ ଦୁଇ ୱିକେଟକିପର ରାହୁଲ ଓ ପନ୍ତ୍ ରହିଛନ୍ତି। ଦଳରେ ୩ଜଣ ଅଲରାଉଣ୍ଡର ଯଥା ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର (ଉଭୟ ସ୍ପିନର) ଓ ନୀତୀଶ କୁମାର ରେଡ୍ଡୀ (ମିଡିୟମ ପେସ୍‌ର) ରହିଛନ୍ତି। କୁଲଦୀପ ଏକମାତ୍ର ସ୍ପେଶାଲିଷ୍ଟ ସ୍ପିନ୍‌ର ଭାବେ ସ୍ଥାନ ପାଇଛନ୍ତି।

**ଖେଳାଳି ଦଳ**

**ଭାରତ :** ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ଶୁବମନ ଗିଲ୍ (ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ ଓ ରଷଭ ପନ୍ତ୍ (ଉଭୟ ୱିକେଟରକ୍ଷକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ନୀତୀଶ କୁମାର ରେଡ୍ଡୀ।

**ନ୍ୟୁଜିଲାଣ୍ଡ :** ହେନରୀ ନିକୋଲସ, ୱିଲ ୟଙ୍ଗ୍, ଡେଭନ କନୱେ ଓ ମିଚେଲ ହେ' (ଉଭୟେ ୱିକେଟରକ୍ଷକ), ମାଇକେଲ ବ୍ରେସ୍‌ୱେଲ (ଅଧିନାୟକ), ଜୋଶ କ୍ଲାର୍କସନ, ନିକ୍ କେଲୀ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଜାକାରୀ ଫୋକ୍ସ, ଜେଡେନ ଲେନ୍ନକ୍ସ, ଆଦିତ୍ୟ ଅଶୋକ, କାଏଲ ଜାମିସନ, କ୍ରିଷ୍ଟିଆନ କ୍ଲାର୍କ, ମାଇକେଲ ରେ'।

# ୧୮ ରୁ ରାୟଗଡ଼ାରେ ରାଜ୍ୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍

ଭୁବନେଶ୍ୱର, ୩।୧ (ସମିସ): ରାଜ୍ୟ ବାଳକ ଓ ବାଳିକା ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୩୧ତମ ସଂସ୍କରଣ ଚଳିତ ମାସ ୧୮ ରୁ ରାୟଗଡ଼ାରେ ଆରମ୍ଭ ହେବ। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ୩ ଦିନ ଧରି ରାୟଗଡ଼ା ଜିଲ୍ଲାର ବିଷମକଟକଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସମଗ୍ର ଓଡ଼ିଶାରୁ ୨୦ଟି ଲେଖାଏ ବାଳକ ଓ ବାଳିକା ଦଳର ପାଖାପାଖି ୮୦୦ ଖେଳାଳି ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ହ୍ୟାଣ୍ଡବଲ୍ ସଂଘର ସମ୍ପାଦକ ଇଂ ମାନସ କୁମାର ସିଂ ଜଣାଇଛନ୍ତି। ଅଧିକ ଯୋଗାଯୋଗ ଲାଗି କୋର୍ଡିନେଟର ଗୌରୀଶଙ୍କର ମିଶ୍ର ଓ ରାୟଗଡ଼ା ଜିଲ୍ଲା ସମ୍ପାଦକ ଶୁଭେନ୍ଦୁ ଚୌଧୁରୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏହି ପ୍ରତିଯୋଗୀତାରୁ ଜାତୀୟ ଟୁର୍ଣ୍ଣାମେଣ୍ଟ ଲାଗି ଖେଳାଳି ଚୟନ କରାଯିବ।

# ପାଣ୍ଡ୍ୟା-ପଟେଲଙ୍କ ପ୍ରଥମ ଲିଷ୍ଟ-ଏ ଶତକ

ବେଙ୍ଗାଲୁରୁ, ୩।୧ (ଏଜେନ୍ସି): ଚଳିତ ବିଜୟ ହଜାରେ ଟ୍ରଫିର ୫ମ ରାଉଣ୍ଡ ମୁକାବିଲାରେ ଦୁଇ ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଶତକୀୟ ପାଳି ଖେଳିଛନ୍ତି। ଲିଷ୍ଟ-ଏ କ୍ରିକେଟ୍‌ରେ ଉଭୟ ଖେଳାଳିଙ୍କ ଏହା ପ୍ରଥମ ଶତକ ଥିଲା। ଆଲୁରରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଅକ୍ଷରଙ୍କ ଶତକ ବଳରେ ଗୁଜରାଟ ୭ ରନରେ ଆନ୍ଧ୍ର ପ୍ରଦେଶକୁ ହରାଇଦେଇଛି। ଅକ୍ଷର ୧୧୧ ବଲରେ ୧୦ ଚୌକା ଓ ୫ ଛକା ସହାୟତାରେ ୧୩୦ ରନ କରିଥିଲେ। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୯ ୱିକେଟ୍ ହରାଇ ୩୧୮ ରନ କରିଥିଲା। ଜବାବରେ ଓପନର୍ ସିଆର୍ ଗଣେଶ୍ୱରନଙ୍କ ୧୦୨ ରନ ସତ୍ତ୍ୱେ ଆନ୍ଧ୍ର ୭ ୱିକେଟ୍‌ରେ ୩୧୧ ରନ କରି ପରାସ୍ତ ହୋଇଥିଲା। ପୂର୍ବରୁ ଅକ୍ଷର ଲିଷ୍ଟ-ଏ'ରେ ୧୨୪ଟି ପାଳି ଖେଳିଥିଲେ ମଧ୍ୟ ୯୮ ତାଙ୍କର ସର୍ବୋଚ୍ଚ ସ୍କୋର ରହିଥିଲା। ଅପରପକ୍ଷରେ ରାଜକୋଟରେ ଅନୁଷ୍ଠିତ ଏକ ମ୍ୟାଚରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଶତକ ସତ୍ତ୍ୱେ ବରୋଦା ୯ ୱିକେଟ୍‌ରେ ବିଦର୍ଭଠାରୁ ହାରିଯାଇଛି। ୧୧ ଛକା ଓ ୮ ଚୌକା ବଳରେ ୯୨ ବଲରୁ ପାଣ୍ଡ୍ୟା ୧୩୩ ରନର ଦ୍ରୁତ ଶତକୀୟ ପାଳି ଖେଳିଥିଲେ। ଏପରିକି ବାମହାତୀ ସ୍ପିନର ପାର୍ଥ ରେଖାଡେଙ୍କ ଏକ ଓଭରରୁ ସେ ୩୪ ରନ ସଂଗ୍ରହ କରିଥିଲେ। ପାଣ୍ଡ୍ୟା ଏଥିପୂର୍ବରୁ ଲିଷ୍ଟ-ଏ'ରେ ୧୧୯ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ଶତକ ମାରିପାରି ନ ଥିଲେ।

## ଶେଷ ୨ଟି ମ୍ୟାଚ୍ ଖେଳିବେ ଆୟର

ଜୟପୁର, ୩।୧ (ଏଜେନ୍ସି): ଫିଟ୍‌ନେସ ପ୍ରମାଣ ଦେବାର ସର୍ତ୍ତରେ ଶ୍ରେୟସ ଆୟରଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଛି। ଏହା ଫଳରେ ସେ ମୁମ୍ବଇ ଖେଳିବାକୁ ଥିବା ଜାନୁଆର ୬ ଓ ୮ରେ ଦୁଇଟିଯାକ ମ୍ୟାଚ୍ ଖେଳିବେ ବୋଲି ମୁମ୍ବଇର ମୁଖ୍ୟ ଚୟନକର୍ତ୍ତା ସଞ୍ଜୟ ପାଟିଲ କହିଛନ୍ତି। ଏହି ମ୍ୟାଚ୍ ଦ୍ୱୟରେ ଭାରତୀୟ ଦଳର ଉପଅଧିନାୟକ ଆୟର ମ୍ୟାଚ୍ ଫିଟ୍‌ନେସ ପରୀକ୍ଷା ଦେଲେ ତାଙ୍କୁ ସାମିଲ କରାଯିବ। ସେହିପରି ଅସୁସ୍ଥତା ହେତୁ ଅଧିନାୟକ ଶୁବମନ ଗିଲ୍ ଆଜି ସିକ୍କିମ ବିପକ୍ଷ ମ୍ୟାଚ୍‌ରେ ଖେଳି ନ ଥିଲେ। ସେ ସେ ୬ରେ ହେବାକୁ ଥିବା ଗୋଆ ବିପକ୍ଷ ମ୍ୟାଚ୍‌ରେ ଖେଳିବେ ବୋଲି କୋଚ୍ ସନ୍ଦୀପ ଶର୍ମା କହିଛନ୍ତି। ଜାନୁଆରୀ ୭ରେ ମନୋନୀତ ଖେଳାଳିମାନେ ବରୋଦାରେ ଏକତ୍ର ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଆୟର ଫିଟ୍ ହେଲେ ୯ କିମ୍ବା ୧୦ରେ ଦଳ ସହ ଯୋଗଦେବେ। ବରୋଦାରେ ୧୧ ତାରିଖରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**■ ପୁରୁଷ ହକି ଇଣ୍ଡିଆ ଲିଗ୍**

# ସୁଟ୍‌ଆଉଟ୍‌ରେ ଜିତିଲା ତାମିଲନାଡୁ ଡ୍ରାଗନ୍ସ

ଚେନ୍ନଇ, ୩।୧ (ଏଜେନ୍ସି): ରୋମାଞ୍ଚକ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ମୁକାବିଲାରୁ ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ପୁରୁଷ ହକି ଇଣ୍ଡିଆ ଲିଗ୍। ଏହି ଲିଗ୍‌ର ଉଦ୍‌ଘାଟନୀ ମୁକାବିଲାରେ ତାମିଲନାଡୁ ଡ୍ରାଗନ୍ସ ୪-୨ ପେନାଲ୍ଟି ସୁଟ୍‌ଆଉଟରେ ହାଇଦ୍ରାବାଦ୍ ତୁଫାନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ସମାନସ୍ତରରେ ରହିଥିଲା। ଫଳରେ ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଅମିତ ରୋହିଦାସଙ୍କ ନେତୃତ୍ୱରେ ଖେଳୁଥିବା ତାମିଲନାଡୁ ଡ୍ରାଗନ୍ସ ୩ଟି ଓ ଶିଳାନନ୍ଦ ଲାକ୍ରାଙ୍କ ହାଇଦ୍ରାବାଦ୍ ତୁଫାନ୍ସ ୨ଟି ଗୋଲ ସ୍କୋର କରିବାରେ ସମର୍ଥ ହୋଇଥିଲା। ତାମିଲନାଡୁର ଗୋଲ ରକ୍ଷକ ଡେଭିଡ୍ ହାର୍ଟେ ଚମତ୍କାର ଖେଳ ପ୍ରଦର୍ଶନ କରି ଦଳକୁ ମ୍ୟାଚ୍ ଜିତାଇଥିଲେ। ଖେଳର ନିର୍ଦ୍ଧାରିତ ସମୟରେ ହାଇଦ୍ରାବାଦ୍ ପକ୍ଷରୁ ଅମନଦୀପ ଲାକ୍ରା ୨ଟି, ଆର୍ଥର ଡି ସ୍ଲୁଭର, ତାମିଲନାଡୁ ପକ୍ଷରୁ କାର୍ଥୀ ସେଲଭାମ୍, ଉତ୍ତମ ସିଂ ଓ ଥୋମାସ ସୋର୍ସବୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଆସନ୍ତାକାଲି ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ ସହ ପ୍ରଥମ ମ୍ୟାଚ୍ ଖେଳିବ।



**ମହିଳା ହକି ଇଣ୍ଡିଆ ଲିଗ୍**

# ପାଇପର୍ସ ବିଜୟୀ

ରାଞ୍ଚି,୩।୧(ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍‌ର ଏକ ରୋମାଞ୍ଚକ ମ୍ୟାଚ୍‌ରେ ଏସ୍‌ଜି ପାଇପର୍ସ ୩-୧ ଗୋଲରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍‌କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଲୋଲା ରିଏରା, ଜ୍ୟୋତି ସିଂ ଓ ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସୁରମା ପକ୍ଷରୁ ପେନି ସ୍କିବ୍ ପେନାଲ୍ଟି କର୍ଣ୍ଣରରୁ ଏକମାତ୍ର ଗୋଲ ଦେଇଥିଲେ।

# ଆଇଏସଏଲ୍ ବଞ୍ଚିଗଲା

ନୂଆଦିଲ୍ଲୀ, ୩।୧ (ଏଜେନ୍ସି): ମାସ ମାସର ଅନିଶ୍ଚିତତା ପରେ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଆୟୋଜନ ନେଇ ସବୁଜ ସଙ୍କେତ ମିଳିଛି। ଆଇଏସ୍‌ଏଲ୍ ଆରମ୍ଭ କରାଯିବା ନେଇ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫଏଫ୍) ପକ୍ଷରୁ ନିଶ୍ଚିତ କରାଯାଇଛି। ଆସନ୍ତା ସପ୍ତାହରେ ଆଗାମୀ ସିଜନ ଲାଗି ତାରିଖ ଘୋଷଣା କରାଯିବ। ଏଆଇଏଫ୍‌ଏଫ୍ ଜରୁରୀକାଳୀନ କମିଟିର ବୈଠକରେ ଏଆଇଏଫଏଫ୍-ଆଇଏସଏଲ୍ ସମନ୍ୱୟ କମିଟି ଦ୍ୱାରା ଦାଖଲ ହୋଇଥିବା ରିପୋର୍ଟକୁ ସମୀକ୍ଷା ପରେ ଆୟୋଜନ ନେଇ ସ୍ୱୀକୃତି ଦିଆଯାଇଥିଲା।

**ବିଜୟ ହଜାରେ ଟ୍ରଫି** | **ସାମଲଙ୍କ ଶତକ ବ୍ୟର୍ଥ**

# ଓଡ଼ିଶାକୁ ହରାଇଲେ ପାର୍ଥ-ଅନୁଜ

ଭୁବନେଶ୍ୱର,୩।୧(ସମିସ):

ଦୁଇ ଯୁବ ଖେଳାଳି ପାର୍ଥ ଭାଟ୍ସ ଓ ଅନୁଜ ଠାକରାଲଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ବେଙ୍ଗାଲୁରୁର ଅଲୁର ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ବିଜୟ ହଜାରେ ଗ୍ରୁପ୍-ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ହରିୟାଣା ୪ ୱିକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଏହା ଫଳରେ ୫ମ ରାଉଣ୍ଡ ଖେଳ ଶେଷପରେ ଦିଲ୍ଲୀ ଓ ହରିୟାଣା ୪ଟି ଲେଖାଏଁ ବିଜୟ ସହ ଗ୍ରୁପ୍-ଡି' ପଏଣ୍ଟ ଟେବଲର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଛି। ଓଡ଼ିଶା ୫ମ ମୁକାବିଲାରୁ ଦ୍ୱିତୀୟ ପରାଜୟ ପରେ ରେଳବାଇ ଓ ସୌରାଷ୍ଟ୍ର ସହ ସମାନ ୧୨ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛି। କିନ୍ତୁ ଉନ୍ନତ ନେଟ୍‌ରନ୍‌ରେଟ୍ ଯୋଗୁଁ ଦଳ ତୃତୀୟ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ରେ ଓଡ଼ିଶା ତାହାର ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଜାନୁଆରୀ ୬ରେ ଶକ୍ତିଶାଳୀ ଗୁଜରାଟ ଓ ୮ରେ ରେଳବାଇ ସହ ଖେଳିବ। ଏହି ମ୍ୟାଚ୍ ଦୁଇଟିରେ ଦଳ ବିଜୟୀ ହେଲେ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବାର ସମ୍ଭାବନା ରହିପାରେ।

ଅଲୁରଠାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ହରିୟାଣା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ଲାଗି ଓଡ଼ିଶାକୁ ଆମନ୍ତ୍ରଣ କରିଥିଲା। ଦଳ ଯୁବ ଖେଳାଳି ସ୍ୱସ୍ତିକ ସାମଲ (୧୦୧ରନ୍, ୧୦୨ ବଲ୍, ୧୦ ଚୌକା, ୩ଛକା)ଙ୍କ ଶତକ ଏବଂ ଦୁଇ ସିନିଅର ଖେଳାଳି ଗୋବିନ୍ଦ ପୋଦ୍ଦାରଙ୍କ ୮୨ବଲ୍‌ରୁ ୭୭ ଓ ବିପ୍ଳବ ସାମନ୍ତରାୟଙ୍କ ୩୯ ବଲ୍‌ରୁ ୪୭ ରନ୍ ସହାୟତାରେ ଓଡ଼ିଶା ୯ ୱିକେଟରେ ୩୦୫ ରନ୍ କରିଥିଲା। ଜବାବରେ ୩୦୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ହରିୟାଣା ୮ଟି ବଲ ଓ ୪ ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ୩୦.୧ ଓଭରରେ ୬ ୱିକେଟ ହରାଇ ୧୩୩ ରନ୍ କରିଥିବାବେଳେ ଓଡ଼ିଶାର ଖେଳାଳିମାନେ ହାଲ୍‌କା ହୋଇଯାଇଥିଲେ। ଫଳରେ ଦୁଇ ଯୁବ ଖେଳାଳି ଯଥା ୨୨ ବର୍ଷୀୟ ପାର୍ଥ ଭାଟ୍ସ ଓ ୨୩ ବର୍ଷୀୟ ପେସ୍ ବୋଲିଂ ଅଲରାଉଣ୍ଡର ଅନୁଜ ଠାକ୍‌ରାଲ ଅବିଭକ୍ତ ୭ମ ୱିକେଟ ଯୋଡ଼ିରୁ ୧୧୧ ବଲ୍‌ରେ ୧୭୬ ରନ୍ ଉଠାଇ ୪୮.୪ ଓଭରରେ ୬ ୱିକେଟ ହରାଇ ଓଡ଼ିଶାକୁ ହରାଇଦେଇଥିଲେ। ଦଳ ମ୍ୟାଚ୍ ଜିତିଲାବେଳକୁ ପାର୍ଥ ୧୩୬ ବଲ୍‌ର ସାମ୍ନା କରି ୧୩ ଚୌକା ଓ ୫ଛକା ସହ ୧୫୭ ଓ ଅନୁଜ ୪୮ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୫୯ ରନ୍‌ରେ ଅପରାଜିତ ରହିଥିଲେ। ନୂଆ ଆତ୍ମବିଶ୍ୱାସର ସହ ଖେଳୁଥିବା ବିପ୍ଳବ ସାମନ୍ତରାୟଙ୍କ ଓଡ଼ିଶା ଦଳ ଏହି ପାର୍ଟନରସିପ୍‌କୁ ଭାଙ୍ଗି ନପାରିବା ଫଳରେ ଦଳର ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହେବା ଆଶଙ୍କା ମଧ୍ୟକୁ ଚାଲିଯାଇଛି। ସେହିପରି ଦଳ ପ୍ରଥମ ମ୍ୟାଚ୍‌ରେ ୩୪୫ ରନ୍ କରି ମଧ୍ୟ ସୌରାଷ୍ଟ୍ର ନିକଟରୁ ହାରିଯାଇଥିଲା। ସଂଯୋଗ ବଶତଃ ଏହି ମ୍ୟାଚ୍‌ରେ ସ୍ୱସ୍ତିକ ସାମଲ ରାଜ୍ୟ ପକ୍ଷରୁ ପ୍ରଥମ ଦ୍ୱିଶତକ ସହ ୨୧୨ ରନ୍ କରିଥିଲେ। ବିପ୍ଳବଙ୍କ ବ୍ୟାଟରୁ ଶତକୀୟ ଇନିଂସ ମଧ୍ୟ ଦେଖିବାକୁ ମିଳିଥିଲା।



ସ୍ୱସ୍ତିକ ସାମଲ



ଗୋବିନ୍ଦ ପୋଦ୍ଦାର

# ଅନିମେଶଙ୍କୁ ଭାଙ୍ଗିବାକୁ ପଡ଼ିବ ନିଜ ରେକର୍ଡ

ନୂଆଦିଲ୍ଲୀ, ୩।୧ (ଏଜେନ୍ସି): ଏସୀୟ କ୍ରୀଡ଼ାର ୨୦ତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଜାପାନରେ ଅନୁଷ୍ଠିତ ହେବ। ଏସିଆ ମହାଦେଶର ଏହି ସର୍ବଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଲାଗି ଶନିବାର ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ) ପକ୍ଷରୁ ଆଥ୍‌ଲେଟ୍‌ଙ୍କ ଲାଗି ଯୋଗ୍ୟତା ମାନଦଣ୍ଡ ଜାରି କରାଯାଇଛି। ଏହିକ୍ରମରେ ପୁରୁଷ ଓ ମହିଳା ୧୦୦ ମିଟର ରେସ୍ ଲାଗି ଯଥାକ୍ରମେ ୧୦.୧୬ ଓ ୧୧.୫୪ ସେକେଣ୍ଡ ସମୟ ଧାର୍ଯ୍ୟ କରାଯାଇଛି। ଏହି ଟାଇମିଂକୁ ଦେଖିଲେ ବର୍ତ୍ତମାନ ପୁରୁଷ ୧୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଥିବା ଅନିମେଶ କୁଜୁରଙ୍କ ଶ୍ରେଷ୍ଠ ଟାଇମିଂ ୧୦.୧୮ ସେକେଣ୍ଡ ରହିଛି। ଅର୍ଥାତ୍ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ଅନିମେଶଙ୍କୁ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଆଗାମୀ ଦିନରେ ଭାଙ୍ଗିବାକୁ ପଡ଼ିବ। ସେହିଭଳି ପୁରୁଷ ଜାଭେଲିନ୍ ଥ୍ରୋ'ରେ ଯୋଗ୍ୟତା ମାନଦଣ୍ଡ ୭୭.୮୭ ମିଟର ରହିଛି।

**ଏସୀୟ କ୍ରୀଡ଼ା ଯୋଗ୍ୟତା ମାନଦଣ୍ଡ**

**ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍**

# ସେମିରେ ବାପୁଜୀ କ୍ଲବ୍



ଯାଜପୁର,୩।୧(ସମିସ): ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଳବର୍ଣ୍ଣ କ୍ରିକେଟ୍ କ୍ଲବ ଯାଜପୁରର ମିଳିତ ଉଦ୍ୟମରେ କୁସୁମା ନିକଟସ୍ଥ ଷ୍ଟାଡିୟମରେ ଅନୁଷ୍ଠିତ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ମ୍ୟାଚରେ ଭୁବନେଶ୍ୱରର ବାପୁଜୀ କ୍ଲବ୍ ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବନାରସ କ୍ରିକେଟ୍ କ୍ଲବ ୨୩.୪ ଓଭରରେ ୧୩୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବେଦ ପ୍ରକାଶ ସର୍ବାଧିକ ୪୭ରନ୍ ସଂଗ୍ରହ କରିଥିଲେ। ବାପୁଜୀ କ୍ଲବ ଭୁବନେଶ୍ୱରର ବୋଲର କ୍ଷମା ସାଗର ୫ଓଭରରେ ୨୦ରନ୍ ଦେଇ ୩ଟି ଓ ସୟଦ ଜାକି ୨୪ରନ୍ ଦେଇ ୩ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ବାପୁଜୀ କ୍ଲବ ୧୪ଓଭରରେ ୩ ୱିକେଟ୍ ହରାଇ ୧୩୯ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିକାଶ ଦୀକ୍ଷିତ ସର୍ବାଧିକ ୬୯ ଓ ଜୟନ୍ତ କାୱତ୍ ୫୨ରନ୍ ସଂଗ୍ରହ କରିଥିଲେ। ଆଜିର ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିକାଶ ଦୀକ୍ଷିତଙ୍କୁ ଯାଜପୁର ସହରର ବରିଷ୍ଠ ବ୍ୟବସାୟୀ ତଥା ସମାଜସେବୀ ମନୋଜ କୁମାର ସାହୁ ପୁରସ୍କୃତ କରିଥିଲେ। ଅମ୍ପାୟାର୍ ରଞ୍ଜନ ମହାନ୍ତି, ଆଶୁତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ଦାୟିତ୍ୱ ତୁଲାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS